

କଳିଙ୍ଗ ଲାନ୍ସର୍ସ ଚାମ୍ପିଅନ୍

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-212 ◆WEDNESDAY ◆28 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୧୨ ◆ବୁଧବାର ◆୨୮ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ଭାରତ-ଇୟୁ ଐତିହାସିକ ବାଣିଜ୍ୟ ଚୁକ୍ତି

# ଶସ୍ତା ହେବ ଦାମୀ କାର୍, ଦାମୀ ମଦ

## ୯,୪୨୫ ଭାରତୀୟ ସାମଗ୍ରୀ ଉପରୁ ୟୁରୋପ୍‌ରେ ହଟିବ ଶୁଳ୍କ

## ଭାରତୀୟ ସାମଗ୍ରୀ ପାଇବ ୩୩ ଆରବ ଡଲାର୍ ବଜାର



■ ନୂଆଦିଲ୍ଲୀ ,୨୭।୧ (ଏଜେନ୍ସି): ଦୀର୍ଘ ଦୁଇ ଦଶନ୍ଧି ଧରି ଆଲୋଚନା ପରେ ଭାରତ ଏବଂ ୟୁରୋପୀୟ ସଂଘ(ଇୟୁ) ମଧ୍ୟରେ ସ୍ୱାକ୍ଷରିତ ହୋଇଛି ଐତିହାସିକ ବାଣିଜ୍ୟ ଚୁକ୍ତି । ଆଜି ସ୍ୱାକ୍ଷରିତ ଏହି ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ)ଅନୁଯାୟୀ, ଅନେକ ପ୍ରମୁଖ କ୍ଷେତ୍ରରେ ଆମଦାନି ଶୁଳ୍କ ହ୍ରାସ ପାଇବ। ମଦ, ଖାଦ୍ୟ ସାମଗ୍ରୀ, ରାସାୟନିକ ପଦାର୍ଥ, ଯନ୍ତ୍ରପାତି, ଔଷଧ, ମହାକାଶ ଏବଂ ଅଟୋମୋବାଇଲ୍ ଭଳି କ୍ଷେତ୍ରଗୁଡ଼ିକ ଏଥିରେ ଅନ୍ତର୍ଭୁକ୍ତ । ୟୁରୋପ ଭାରତୀୟ ପୋଷାକ, ବସ୍ତ୍ର, ରତ୍ନ ପଥର ଏବଂ ଅଳଙ୍କାର ଉପରେ ଶୁଳ୍କ ସମାପ୍ତ କିମ୍ବା ହ୍ରାସ କରିବ । ଅର୍ଥାତ୍ ଭାରତକୁ ୟୁରୋପରୁ ଆସୁଥିବା ୯୬.୬% ସାମଗ୍ରୀ ଉପରୁ ଇୟୁ ଶୁଳ୍କ ହଟାଇବ କିମ୍ବା ହ୍ରାସ କରିବ। ତେବେ ଭାରତରୁ ୟୁରୋପକୁ ରପ୍ତାନି ହେଉଥିବା ୯୦%ରୁ ଅଧିକ ସାମଗ୍ରୀ ଉପରୁ ମଧ୍ୟ ଶୁଳ୍କ ହଟିବ। ଏହି ଚୁକ୍ତି ପରେ ୟୁରୋପୀୟ କାର, ବିୟର , ଫଳ ରସ, ପ୍ରକ୍ରିୟାକୃତ ଖାଦ୍ୟ ଏବଂ ଅନେକ ଖାଦ୍ୟ ସାମଗ୍ରୀ ଭାରତରେ ଶସ୍ତା ହେବ ବୋଲି କୁହାଯାଉଛି । ୨୭ ରାଷ୍ଟ୍ରକୁ ନେଇ ଗଠିତ ୟୁରୋପୀୟ ସଂଘ (ୟୁଇ) ସହିତ ହୋଇଥିବା ଏହି ଚୁକ୍ତିକୁ 'ମଦର ଅପ୍ ଅଲ୍ ଡିଲ୍' ବୋଲି କୁହାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଭାରତ ଇତିହାସର ସବୁଠାରୁ ବଡ଼ ବାଣିଜ୍ୟ ଚୁକ୍ତି ବୋଲି ବର୍ଣ୍ଣନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ୟୁରୋପୀୟ କମିସନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର ଲେଏନ୍ ଏବଂ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟାଙ୍କ ଉପସ୍ଥିତିରେ ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ସ୍ୱାକ୍ଷରିତ ହୋଇଛି । ଚୁକ୍ତି ଅନୁଯାୟୀ, ଭାରତକୁ ଆସୁଥିବା ୟୁରୋପୀୟ ମଦ ଉପରେ ଶୁଳ୍କ ୪୦% ଏବଂ ବିୟର ଉପରେ ଶୁଳ୍କ ୫୦% କୁ ହ୍ରାସ କରାଯିବ । ଅଲିଭ୍ ତେଲ, ମାର୍ଜାରିନ୍ ଏବଂ ଅନ୍ୟାନ୍ୟ ଭେଜିଟେବଲ ଅଏଲ ଉପରେ ଶୁଳ୍କ ହ୍ରାସ କିମ୍ବା ବନ୍ଦ ହେବ । ଏହାଛଡା ଖାଇବା ତେଲ ଉପରେ ୟୁରୋପ ଶୁଳ୍କ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ହଟାଇବ । ଚୁକ୍ତି ପରେ ଭାରତକୁ ଇୟୁଠାରୁ ୫୦୦ ନିୟୁତ ୟୁରୋ ସହାୟତା ମିଳିବ । ଇୟୁ ଭାରତରେ ଗ୍ରୀନହାଉସ୍ ଗ୍ୟାସ୍ ▶ପୃଷ୍ଠା-୭

# ଆଜିଠୁ ସଂସଦର ବଜେଟ ଅଧିବେଶନ



## ମନରେଗା, ଏସଆଇଆର୍ ଉପରେ ଆଲୋଚନା ପାଇଁ ବିରୋଧୀଙ୍କ ଦାବି

■ ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ଆସନ୍ତାକାଲି ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ଆସନ୍ତା ଫେବୃଆରୀ ପହିଲାରେ ସରକାର ୨୦୨୬-୨୭ ବର୍ଷ ଲାଗି ବଜେଟ ଉପସ୍ଥାପନ କରିବେ । ସଂସଦର ଉଭୟ ଗୃହର ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣରୁ ବଜେଟ ଅଧିବେଶନ ଆରମ୍ଭ ହେବ ।

ଏହି ଅଧିବେଶନ କିପରି ସୁରୁଖୁରରେ ଚାଲିପାରିବ, ତା ଉପରେ ଆଲୋଚନା ପାଇଁ ସରକାର ଆଜି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକରେ ବିଭିନ୍ନ ଦଳର ୨୮ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ୟୁପିଏ ଅମଳର ମନରେଗା (ଜି-ରାମ-ଜି), ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର), ଭାରତର ବୈଦେଶିକ ନୀତି ଏବଂ ୟୁଜିସି ବିବାଦ ଉପରେ ସ୍ୱତନ୍ତ୍ର ଆଲୋଚନା କରିବାକୁ ବିରୋଧୀ ଦଳର ପ୍ରତିନିଧି ଦାବି କରିଥିଲେ। ମାତ୍ର ଏଥିପାଇଁ ସରକାର ରାଜି ହୋଇନଥିଲେ। ସରକାର ସ୍ପଷ୍ଟ କରିଦେଇଥିଲେ ଯେ ବଜେଟ ଅଧିବେଶନରେ କେବଳ ବଜେଟ ସଂକ୍ରାନ୍ତ ପ୍ରସଙ୍ଗ ଉପରେ ହିଁ ଆଲୋଚନା ହେବ। ବିରୋଧୀ ଦଳ ସେମାନଙ୍କର ପ୍ରସଙ୍ଗ ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ବେଳେ ଉପସ୍ଥାପିତ କରିପାରିବେ। ସରକାରଙ୍କର ଏଥିରେ କୌଣସି ଆପତ୍ତି ନାହିଁ।

**ସ୍ୱତନ୍ତ୍ର ଆଲୋଚନା ପାଇଁ ସରକାର ମନାକଲେ**

ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଲେ ଯେ ମନରେଗା ବଦଳରେ ସରକାର ଯେଉଁ ନୂଆ ଆଇନ ଜି-ରାମ-ଜି ଆଣିଛନ୍ତି, ତାହାକୁ ପ୍ରତ୍ୟାହାର କରାଯିବାର ପ୍ରଶ୍ନ ଉଠୁନାହିଁ। ପୁଣି ଏସଆଇଆର ଉପରେ ସଂସଦର ଗତ ଅଧିବେଶନରେ ଆଲୋଚନା ହୋଇଥିବାରୁ ଏଥର ଆଲୋଚନା କରାଯିବାର କୌଣସି ଆବଶ୍ୟକତା ▶ପୃଷ୍ଠା-୭

# ସାରା ଦେଶରେ ୟୁଜିସି ନିଆଁ

## ନୂଆ ନିୟମକୁ ବିରୋଧ କରି ବିଭିନ୍ନ ସ୍ଥାନରେ ବିକ୍ଷୋଭ




■ ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ସାରା ଦେଶରେ ସାଧାରଣ ବର୍ଗର ଛାତ୍ରଛାତ୍ରୀ ଏବଂ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନୂଆ ନିୟମକୁ ବିରୋଧ କରି ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀସ୍ଥିତ ୟୁଜିସି ମୁଖ୍ୟାଳୟ ବାହାରେ ସୁରକ୍ଷା ବୃଦ୍ଧି କରାଯାଇଛି। ବିକ୍ଷୋଭକାରୀଙ୍କୁ କ୍ୟାମ୍ପସ ଭିତରକୁ ନ ଛାଡ଼ିବା ପାଇଁ ବ୍ୟାରିକେଡ ଲଗାଯାଇଛି। ଉତ୍ତର ପ୍ରଦେଶର ଲକ୍ଷ୍ନୌ, ରାଏବରେଲି, ବାରାଣସୀ, ମିରଟ, ପ୍ରୟାଗରାଜ ଓ ସୀତାପୁରରେ ଛାତ୍ରଛାତ୍ରୀ, ଯୁବକ ଓ ବିଭିନ୍ନ ସଂଗଠନ ବିଭିନ୍ନ ସ୍ଥାନରେ ବିକ୍ଷୋଭରେ ସାମିଲ ହୋଇଛନ୍ତି। ନୂଆ ନିୟମ ଯୋଗୁଁ ସାଧାରଣ ବର୍ଗର ଛାତ୍ରଛାତ୍ରୀ ସର୍ବାଧିକ କ୍ଷତିଗ୍ରସ୍ତ ହେବେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ନିୟମର ଅପବ୍ୟବହାରର ଅଧିକ ସମ୍ଭାବନା ରହିଥିବାରୁ ସେମାନଙ୍କ ପାଇଁ ଜୀବନ କଷ୍ଟକର ହୋଇପଡ଼ିବ। ତେବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଫେଇ ଦେବାକୁ ଯାଇ କହିଛନ୍ତି ଯେ କାହା ସହ ଅତ୍ୟାଚାର କିମ୍ବା ଭେଦଭାବ ମଧ୍ୟ ହେବ ନାହିଁ। ଏହି ଆଇନର ଅପବ୍ୟବହାର କରିପାରିବା ଲାଗି କାହାରିକୁ ଅଧିକାର ଦିଆଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

**ସୁପ୍ରିମକୋର୍ଟରେ ପହଞ୍ଚିଲା ମାମଲା**

**କୌଣସି ଭେଦଭାବ ହେବ ନାହିଁ: ସରକାର**

ସୂଚନା ଅନୁଯାୟୀ, ଜାନୁଆରି ୧୩ରେ ୟୁଜିସି ନୂଆ ନିୟମର ବିଜ୍ଞପ୍ତି ଜାରି କରିଥିଲା। ଏହାର ନାମ 'ଉଚ୍ଚ ଶିକ୍ଷା ପ୍ରତିଷ୍ଠାନରେ ସମାନତା ପ୍ରୋତ୍ସାହନ ନିୟମାବଳୀ, ୨୦୨୬' ରହିଛି। ଏହା ଅଧୀନରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ଜାତିଭିତ୍ତିକ ଭେଦଭାବକୁ ରୋକିବା ପାଇଁ ସ୍ୱତନ୍ତ୍ର କମିଟି, ହେଲ୍‌ପଲାଇନ ନମ୍ବର ଓ ମନିଟରିଂ ଟିମ୍ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଟିମ୍ ଏସ୍‌ସି, ଏସ୍‌ଟି ଓ ଓବିସି ଛାତ୍ରଛାତ୍ରୀଙ୍କ ▶ପୃଷ୍ଠା-୭

### ପ୍ରଦୂଷଣ ପ୍ରମାଣପତ୍ର ମାମଲା

# ରାଜ୍ୟ ସରକାରଙ୍କୁ ଅଦାଲତୀ ଝଟ୍‌କା

■ କଟକ, ୨୭ ।୧ (ସମିସ): ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) ନଥିଲେ ପେଟ୍ରୋଲ କଟକଣା ଓ ବକେୟା ଚାଲାଣ ପଇଠ ନକଲେ ପ୍ରମାଣପତ୍ର ଦିଆନଯିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଲାଗିଛି ଅଦାଲତୀ ଝଟ୍‌କା। ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଗାଡ଼ି ମାଲିକଙ୍କୁ ବକେୟା ଚାଲାଣ ଭରିବାକୁ ପଡ଼ିବ ବୋଲି ପରିବହନ ବିଭାଗ କରିଥିବା ଯୁକ୍ତିକୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି। ପ୍ରଦୂଷଣ ପ୍ରମାଣପତ୍ର ପାଇଁ ବକେୟା ଚାଲାଣ ଭରିବା ପାଇଁ ଗାଡ଼ି ମାଲିକଙ୍କୁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଏନେଇ ରହିଥିବା ଦ୍ୱନ୍ଦ୍ୱକୁ 'ବାହନ' ପୋର୍ଟାଲରେ ସଂଶୋଧନ କରିବା ପାଇଁ ଆଜି ରାଜ୍ୟ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାର ଓ ପରିବହନ କମିସନର ପରବର୍ତ୍ତୀ ଶୁଣାଣି ସୁଦ୍ଧା ଜବାବ ଦାଖଲ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରୀ ୩କୁ ଧାର୍ଯ୍ୟ କରାଯାଇଛି।



**ଚାଲାଣ ପଇଠ ସମ୍ପର୍କରେ ପୋର୍ଟାଲରେ ସଂଶୋଧନ କରିବାକୁ ନିର୍ଦ୍ଦେଶ**

**ପେଟ୍ରୋଲ କଟକଣା ସମ୍ପର୍କିତ ନିଷ୍ପତ୍ତି ପ୍ରତ୍ୟାହାର ହୋଇଥିବା ଜଣାଇଲେ ସରକାର**

ସେହିଭଳି ପିୟୁସିସି ନ ଥିଲେ ପେଟ୍ରୋଲ ପାଇଁ ମନା କରାଯିବ ନାହିଁ। ପୂର୍ବରୁ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ପେଟ୍ରୋଲ ମନା ସମ୍ପର୍କିତ ପରିବହନ ବିଭାଗର ବିବାଦୀୟ ନିଷ୍ପତ୍ତି ପ୍ରତ୍ୟାହାର କରାଯାଇଛି ବୋଲି ଆଜି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଏ ସଂକ୍ରାନ୍ତରେ ସମସ୍ତ ତୈଳ ବିତରକ କମ୍ପାନୀମାନଙ୍କୁ ସାନି ଚିଠି ଜାରି କରାଯାଇଛି। ତେବେ ସେମାନେ ଗାଡ଼ି ଚାଳକଙ୍କୁ ସଚେତନ କରିବେ ବୋଲି ଉକ୍ତ ଚିଠିରେ କୁହାଯାଇଛି।

ମାମଲାରୁ ପ୍ରକାଶ ଯେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇ ବୈଧ ପିୟୁସି ପ୍ରମାଣପତ୍ର ନଥିଲେ ପେଟ୍ରୋଲ ନ ଦେବା ପାଇଁ ତୈଳ କମ୍ପାନୀଗୁଡ଼ିକୁ ଚିଠି କରାଯାଇଥିଲା। ପରିବହନ ବିଭାଗର ଗତ ୨୦୨୫ ଡିସେମ୍ବର ୨୦ର ଏଭଳି ବିଜ୍ଞପ୍ତି ବେଆଇନ ତଥା ସମ୍ବିଧାନ ବିରୋଧୀ ଏବଂ ଏହାକୁ ▶ପୃଷ୍ଠା-୭

### ଦେବଗଡ଼ରେ ଶିଶୁକନ୍ୟାକୁ ଦୁଷ୍କର୍ମ

# "ଲୋକେ ଆତଙ୍କିତ, ବିଚଳିତ"



■ ଭୁବନେଶ୍ୱର, ୨୭।୧ (ସମିସ): ଦେବଗଡ଼ରେ ଜନୈକ ଶିଶୁକନ୍ୟା ଦୁଷ୍କର୍ମର ଶିକାର ହେବାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଦେଶ ୭୭ତମ ଗଣତନ୍ତ୍ର ଦିବସ ପାଳନ କରୁଥିବାବେଳେ ଦେବଗଡ଼ରେ ୫ ବର୍ଷର ଶିଶୁକନ୍ୟା ଦୁଷ୍କର୍ମର ଶିକାର ହେବା ଅତ୍ୟନ୍ତ ଦୁଃଖଦ ଓ ସ୍ୱର୍ଶକାତର ବିଷୟ ବୋଲି ସେ କହିଛନ୍ତି।

**ଅତ୍ୟନ୍ତ ଦୁଃଖଦ ଓ ସ୍ୱର୍ଶକାତର ବିଷୟ**

**କଠୋର କାର୍ଯ୍ୟାନୁଷ୍ଠାନ ଦାବି**

ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରି ନବୀନ କହିଛନ୍ତି, ପ୍ରତିଦିନ ରାଜ୍ୟରେ ବଢୁଥିବା ଦୁଷ୍କର୍ମ ପରି ବୀଭତ୍ସ ଘଟଣା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସାଧାରଣ ଜନତାଙ୍କୁ ଆତଙ୍କିତ ଏବଂ ବିଚଳିତ କରୁଛି। ସାଧାରଣତନ୍ତ୍ର ଦିବସରେ ସମୃଦ୍ଧ, ବିକଶିତ ଓଡ଼ିଶା ଗଠନ ନେଇ ସରକାର ବଡ଼ ଭାଷଣ ଦେଉଛନ୍ତି। ହେଲେ ଆମ ଶିଶୁକନ୍ୟା, ମା'ଭଉଣୀଙ୍କ ସୁରକ୍ଷା ବିନା କ'ଣ ବିକଶିତ ଓଡ଼ିଶା ସମ୍ଭବ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଗଣତନ୍ତ୍ରରେ ସାଧାରଣ ଜନତାଙ୍କ ସୁରକ୍ଷା ହେଉଛି ସର୍ବୋପରି। ସରକାରଙ୍କ ନିଦ ଏବେ ନ ଭାଙ୍ଗିଲେ ସ୍ଥିତି ଆହୁରି ବିପର୍ଯ୍ୟସ୍ତ ହେବ। ଦୁଷ୍କର୍ମ ପରି ହୀନ କାର୍ଯ୍ୟକୁ ରୋକିବା ଦିଗରେ ସରକାର ଦୃଢ଼ ହୁଅନ୍ତୁ। ସଚେତନତାକୁ ବ୍ୟାପକ କରାଯିବା ସହ ଦୋଷୀଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ନବୀନ ଦାବି କରିଛନ୍ତି।

### ମଦ ବିରୋଧ ନାଁରେ କଙ୍ଗାରୁ କୋର୍ଟ

# ଯୁବତୀଙ୍କ ବେକରେ ଜୋତାମାଳ ପକାଇ ବୁଲାଇଲେ

■ ଭଦ୍ରକ, ୨୭।୧ (ସମିସ): ମଦକୁ ବିରୋଧ ଆଳରେ କଙ୍ଗାରୁ କୋର୍ଟରେ ଯୁବତୀଙ୍କୁ ନିର୍ଯାତନା। ଗାଁରେ ଚୋରା ମଦ ବିକ୍ରି ଅଭିଯୋଗରେ ଗାଁ ଦାଣ୍ଡରେ ସର୍ବସମ୍ମୁଖରେ ଯୁବତୀଙ୍କ ନିସ୍ତୁକ ମାଡ଼ ମାରିବା ସହ ବେକରେ ଜୋତାମାଳ ପକାଇ ବୁଲାଇଲେ। ବିଚ୍ ରାସ୍ତାରେ ଝିଅକୁ ଏମିତି ଅପମାନ, ବାପା ଦେହରେ ଗଲାନି। ଲଜ୍ଜା, ଅପମାନ ଯୋଗୁଁ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଜୀବନ ହାରିଦେଲେ ବୃଦ୍ଧ ବାପା। ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଚଡ଼ଦିଆ ପଞ୍ଚାୟତରେ ଏଭଳି ସ୍ୱର୍ଶକାତର ଘଟଣା ଜିଲ୍ଲାବ୍ୟାପୀ ତୀବ୍ର

## ବିଷ ପିଇ ଜୀବନ ହାରିଲେ ବାପା

ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ବାଂଶଡ଼ା ଥାନା ପୁଲିସ୍ ଏକ ମାମଲା ରୁଜୁ କରି ୧୦ ଜଣଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ମୃତ ବୃଦ୍ଧଜଣଙ୍କ ହେଲେ, ଚଡ଼ଦିଆ ପଞ୍ଚାୟତର ଲମ୍ବୋଦର ତରେଇ (୬୫)।

ସୂଚନାନୁଯାୟୀ, ଲମ୍ବୋଦରଙ୍କ ଝିଅ ଲକ୍ଷ୍ମୀପ୍ରିୟା ତରେଇ ଗାଁରେ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗ କରି ପଞ୍ଚାୟତର ମହିଳା ମହାସଂଘ ଓ କିଛି ଯୁବକ ଆଇନକୁ ହାତକୁ ନେଇଥିଲେ। ସେମାନେ ▶ପୃଷ୍ଠା-୭

### ନାମକୁ ମାତ୍ର 'ସ୍ୱୟଂଶାସିତ'

# ମାନ୍ୟତା ହରାଇଲେଣି ୨୯ରୁ ୨୭

■ ଭୁବନେଶ୍ୱର, ୨୭ ।୧ (ସମିସ): ସ୍ୱୟଂଶାସିତ କଲେଜ ଦାବି କରୁଥିବା ରାଜ୍ୟର ଦୁଇ ଡ଼ଜନରୁ ଊର୍ଦ୍ଧ୍ୱ କଲେଜ ମାନ୍ୟତା ହରାଇ ସାରିଲେଣି। ତଥାପି ନିଜକୁ ସ୍ୱୟଂଶାସିତ ବୋଲି ଏହି କଲେଜଗୁଡ଼ିକ ଦାବି କରୁଛନ୍ତି। ବିଡ଼ମ୍ବନା ହେଉଛି କେବଳ ୨ଟି କଲେଜକୁ ଛାଡ଼ି ୨୯ରୁ ୨୭ଟି କଲେଜ ଏବେ କେବଳ ସ୍ୱଘୋଷିତ 'ସ୍ୱୟଂଶାସିତ' ହୋଇ ରହିଛନ୍ତି। ବୈଧ ମାନ୍ୟତା ପ୍ରମାଣପତ୍ର ଅବଧି ଶେଷ ହୋଇ ଯାଇଥିବାରୁ ବସ୍ତୁତଃ ଏହି କଲେଜଗୁଡ଼ିକୁ ସ୍ୱୟଂଶାସିତ କୁହାଯାଇ ପାରିବ ନାହିଁ। ଯାହାକୁ ନେଇ ଛାତ୍ର ଓ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। କିଛି ଶିକ୍ଷାବିତ୍ ଏହି ଭୟଙ୍କର ଶୈକ୍ଷିକ ଠକେଇ ବିରୋଧରେ ଅଦାଲତ ଯିବାକୁ ସଜବାଜ ହୋଇଛନ୍ତି।

ସୂଚନା ଅନୁସାରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ମୋଟ୍ ୨୯ ସ୍ୱୟଂଶାସିତ ରହିଛି। ତନ୍ମଧ୍ୟରୁ ୨୭ ଟି ଅର୍ଥାତ ୯୩% ମହାବିଦ୍ୟାଳୟର ମାନ୍ୟତା ସରି ଯାଇଛି। ଏପରିକି ସବୁଠୁ ପ୍ରତିଷ୍ଠିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) କଲେଜ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଦକ୍ଷିଣ ଓଡ଼ିଶା ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମୋଟ୍ ୨୭ ଟି କଲେଜର ମାନ୍ୟତା ଅବଧି ଶେଷ ହୋଇଥିବା ଜଣାପଡ଼ିଛି।

**ଛଅ ପ୍ରମୁଖ ବିଶ୍ୱବିଦ୍ୟାଳୟ ଓ ବିଜେବି କଲେଜର ନାହିଁ ସ୍ୱୟଂଶାସିତ ମାନ୍ୟତା**

**ପରୀକ୍ଷା ଓ ପରିଚାଳନାର ବୈଧତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ**

**ଅଧ୍ୟକ୍ଷ ଓ ପରୀକ୍ଷା ନିୟନ୍ତ୍ରକଙ୍କୁ ନେଇ ଉଚ୍ଚଶିକ୍ଷା ବିଭାଗର ଜରୁରୀ ବୈଠକ୍**

ସ୍ୱୟଂଶାସିତ ମାନ୍ୟତା ସରିଯାଇଥିବା ରାଜ୍ୟର ୩୬ଟି ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାନୁଷ୍ଠାନର ତାଲିକା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଜାରି କରିବା ପରେ ଉଚ୍ଚଶିକ୍ଷା ବିଭାଗର ଚେତା ପଶିଛି।୨୯ଟି ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରୁ ୨୭ ଟିର ମାନ୍ୟତା ନବୀକରଣ କରିବାକୁ ବିଭାଗ ଜରୁରୀ ବୈଠକ ମଧ୍ୟ ଡ଼ାକିଛନ୍ତି। କିଛି ମହାବିଦ୍ୟାଳୟ ମାନ୍ୟତା ନବୀକରଣ ପାଇଁ ଆବେଦନ କରିଥିବାବେଳେ ଅନେକ ଦୀର୍ଘ ବର୍ଷ ଧରି ଆବେଦନ କରୁ ନାହାନ୍ତି। ମାନ୍ୟତା ନ ଥିବା ସତ୍ତ୍ୱେ ସ୍ୱୟଂଶାସିତ ଭାବେ ପରୀକ୍ଷା ପରିଚାଳନା କରୁଥିବାରୁ ଏହି ପରୀକ୍ଷାର ବୈଧତା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୟୁଜିସି କିଛି କଠୋର ନିଷ୍ପତ୍ତି ନେଲେ ରାଜ୍ୟର ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରତି କଳା ବାଦଲ ଛାଇଯିବାର ▶ପୃଷ୍ଠା-୭




## ମହାକାଳେଶ୍ୱର ମନ୍ଦିରରେ ଭିଆଇପି ବ୍ୟବସ୍ଥାକୁ ବଜାୟ ରଖିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ବାବା ମହାକାଳଙ୍କ ମନ୍ଦିରରେ ଥିବା ଭିଆଇପି ଦର୍ଶନ ପ୍ରଥାକୁ ସୁପ୍ରିମ୍‌କୋର୍ଟ କାଏମ ରଖିଛନ୍ତି। ଏହା ବିରୋଧରେ ଦାଏର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ମଧ୍ୟପ୍ରଦେଶ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ଏହି ଆବେଦନ କରାଯାଇଥିଲା। ଏହା କୋର୍ଟଙ୍କ କାର୍ଯ୍ୟ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ମହାକାଳେଶ୍ୱରର ମନ୍ଦିରର ଗର୍ଭଗୃହରେ ସାଧାରଣ ଓ ଭିଆଇପି ଭକ୍ତଙ୍କ ମଧ୍ୟରେ ଭେଦଭାବ ନ କରି ଦର୍ଶନ ପାଇଁ ସମସ୍ତ ଭକ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବାକୁ ଆବେଦନକାରୀ ଦର୍ପଣ ଅବସ୍ଥିଙ୍କ ଦାବି କରିଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଆର୍ ମହାଦେବନ୍ ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଥିଲେ ଯେ ଯେଉଁମାନେ ଏଭଳି ଆବେଦନ ଦାଖଲ କରନ୍ତି ସେମାନେ ପ୍ରକୃତ ଭକ୍ତ ନୁହନ୍ତି। କୋର୍ଟ ଏଭଳି ପ୍ରସଙ୍ଗରେ ନିର୍ଦ୍ଦେଶାବଳୀ କିମ୍ବା ନୀତି ସ୍ଥିର କରିବା ଅନୁଚିତ। ଆବେଦନକାରୀଙ୍କ ଓକିଲ ବିଷ୍ଣୁ ଜୈନଙ୍କ ଯୁକ୍ତି ଶୁଣିବା ପରେ କୋର୍ଟ ଏହି ଆବେଦନକୁ ଖାରଜ କରିଦେଇଥିଲେ। ଆବେଦନକାରୀଙ୍କୁ ସରକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବାକୁ କୋର୍ଟ ଅନୁମତି ଦେଇଥିଲେ। ଶୁଣାଣି ସମୟରେ ଜୈନ କହିଥିଲେ ଯେ ଗର୍ଭଗୃହରେ କାହାକୁ ପ୍ରବେଶ ପାଇଁ ସମାନ ନୀତି ରହିବା ଉଚିତ। ମହାକାଳକୁ ଆସୁଥିବା ପ୍ରତ୍ୟେକ 'ଭିଆଇପି' ଓ ସାଧାରଣ ବ୍ୟକ୍ତିଙ୍କର ଗର୍ଭଗୃହରେ ପ୍ରବେଶ କରିବା ଓ ଦେବତାଙ୍କୁ ଜଳଲାଗି କରିବାର ଅଧିକାର ରହିବା ଉଚିତ। ତେବେ ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଜୈନଙ୍କ ଯୁକ୍ତିରେ ସନ୍ତୁଷ୍ଟ ହୋଇ ନ ଥିଲେ।

## ଦୁଃସ୍ୱପ୍ନ ପାଲଟିଲା ମନାଲି



**ଗାଡ଼ି ଭିତରେ ୨୪ ଘଣ୍ଟା ହେଲା ଫସି ରହିଛନ୍ତି ପର୍ଯ୍ୟଟକ**

ମନାଲି, ୨୭।୧ (ଏଜେନ୍ସି): ବରଫ ଆଚ୍ଛାଦିତ ଧଳା ପାହାଡ଼ ଦେଖିବାକୁ ବହୁ ଆଶା ନେଇ ଯାଇଥିବା ଯାତ୍ରୀଙ୍କ ପାଇଁ ହିମାଚଳ ପ୍ରଦେଶର ମନଲା ଦୁଃସ୍ୱପ୍ନ ପାଲଟି ଯାଇଛି। ପର୍ଯ୍ୟଟକଙ୍କ ସହିତ ଗାଡ଼ି ମୋଟର ସଂଖ୍ୟା ବଢୁଥିବାରୁ ମନାଲିରେ ପ୍ରବେଶ କରିବା କଷ୍ଟସାଧ୍ୟ ହୋଇଯାଇଛି। ସଦ୍ୟ ତୁଷାରପାତ ମଧ୍ୟରେ ହିମାଚଳ ହିମ ଆଚ୍ଛାଦିତ ହୋଇଥିବାବେଳେ ପର୍ଯ୍ୟଟକ ୨୪ ଘଣ୍ଟା ହେଲା ରାସ୍ତାରେ ଫସି ରହିଛନ୍ତି। ସେମାନେ ନା ଆଗକୁ ଯାଇ ପାରୁଛନ୍ତି ନା ପଛକୁ। ଦିଲ୍ଲୀ, ଗୁରୁଗ୍ରାମ, ଚଣ୍ଡିଗଡ଼ରୁ ଯାଇଥିବା ଅନେକ ଲୋକ ଗାଡ଼ି ଭିତରେ ଫସି ରହି ଟ୍ରାଫିକ ଫାଙ୍କା ହେବାକୁ ଅପେକ୍ଷା କରିଛନ୍ତି। ଜାତୀୟ ରାଜପଥ ଜାମ ଥିବାବେଳେ ହୋଟେଲଗୁଡ଼ିକ ବି ଫାଙ୍କା ନାହିଁ। ପ୍ରବଳ ତୁଷାରପାତ ମନାଲୀର ଜୀବନଯାତ୍ରାକୁ ଠପ୍ କରିଦେଇଛି। ଫଳରେ ଶହ ଶହ ପର୍ଯ୍ୟଟକ ଭୀଷଣ ଶୀତରେ ଥରୁଛନ୍ତି। ରାସ୍ତାଗୁଡ଼ିକରେ ଦୁଇ ଫୁଟ ଉଚ୍ଚର ବରଫ ଜମି ରହିଛି। ଏଥିପାଇଁ ବୁଲାଣି ପାର୍ କରିବାରେ ସମସ୍ୟା ହେଉଛି। ଜାତୀୟ ରାଜପଥରେ ୮ ରୁ ୧୦ କିମି ପର୍ଯ୍ୟନ୍ତ ଜାମ ଲାଗିଛି। ସ୍ଥିତିକୁ ଦେଖି ପର୍ଯ୍ୟଟକ ଗାଡ଼ିରୁ ବାହାରି ବରଫରେ ଚାଲି ଚାଲି ଯାଉଥିବା ଦେଖାଯାଉଛି। ମୌଳିକ ସୁବିଧାର ଅଭାବ ସଙ୍କଟକୁ ଆହୁରି ଜଟିଳ କରିଦେଇଛି। ଜଣେ ପର୍ଯ୍ୟଟକ କହିଛନ୍ତି ଯେ ଶନିବାର ସନ୍ଧ୍ୟାରୁ ଆମେ ଏଠାରେ ଫସି ରହିଛୁ।

## ସଂଖ୍ୟା ନ ଲେଖିବାରୁ ଚାରି ବର୍ଷର ଝିଅକୁ ମାରିଦେଲା ବାପା

ଚଣ୍ଡିଗଡ଼, ୨୭।୧ (ଏଜେନ୍ସି): ହରିୟାଣା ଫରିଦାବାଦରୁ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ପାଠ ଲେଖି ପାରିଲାନି ବୋଲି ଚାରି ବର୍ଷର ଶିଶୁକନ୍ୟାକୁ ବାପା ପିଟିପିଟି ହତ୍ୟା କରିଛି। ଏହି ଶିଶୁକନ୍ୟ ୧ରୁ ୫୦ ପର୍ଯ୍ୟନ୍ତ ସଂଖ୍ୟା ଲେଖିବାରେ ବିଫଳ ହୋଇଥିଲା। ଫଳରେ ବାପା ରାଗିଯାଇ ତାକୁ ବେଲଣା ବାଡ଼ିରେ ଆକ୍ରମଣ କରିଥିଲା। ସୂଚନା ମିଳିବା ପରେ ପୁଲିସ ଅଭିଯୁକ୍ତ ବାପାକୁ ଗିରଫ କରି ତଦନ୍ତ ଆରମ୍ଭ କରିଛି। ମୃତ ଶିଶୁକନ୍ୟାର ନାମ ବଂଶିକା ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ବାପା କୃଷ୍ଣ ଜୟସ୍ୱାଲ (୩୧) ଝିଅକୁ ଘରେ ପାଠ ପଢ଼ାଉଥିଲେ। ସଂଖ୍ୟା ଠିକ୍ ଭାବରେ ଲେଖି ନପାରିବାରୁ କୃଷ୍ଣ ଉତ୍ତ୍ୟକ୍ତ ହୋଇ ଶିଶୁର ମୁଣ୍ଡକୁ ବେଲେଣା ବାଡ଼ିରେ ମାଡ଼ ମାରିଥିଲେ। ଏଥିରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ଡାକ୍ତରଖାନାକୁ ନିଆ ଯାଇଥିଲା। ମାତ୍ର ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ପରେ ଦୋଷ ଲୁଚାଇବା ପାଇଁ ଅଭିଯୁକ୍ତ କୃଷ୍ଣ ମିଛ କାହାଣୀ ରଚିଥିଲା। ଝିଅ ଖେଳୁଥିବା ସମୟରେ ସିଡ଼ିରୁ ଖସିପଡ଼ି ଆହତ ହୋଇଛି ବୋଲି ସେ ପତ୍ନୀ ରଞ୍ଜିତା ଏବଂ ଡାକ୍ତରଙ୍କୁ କହିଥିଲେ। ମାତ୍ର ୭ ବର୍ଷର ପୁଅ ମାଆଙ୍କୁ ସବୁ ସତ କହି ଦେଇଥିଲା।

## ଅଭିନେତା ବିଜୟଙ୍କୁ ଝଟ୍‌କା

ଚେନ୍ନଇ, ୨୭।୧ (ଏଜେନ୍ସି):ଦକ୍ଷିଣ ଭାରତୀୟ ସୁପରଷ୍ଟାର ବିଜୟ ଥଲପତିଙ୍କୁ ବଡ଼ ଝଟ୍‌କା ଲାଗିଛି। ତାଙ୍କର ଶେଷ ତଥା ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଜନ ନାୟଗନ'ର ମୁକ୍ତିଲାଭ ନେଇ ଏବେ ବି ସଂଶୟ ଜାରି ରହିଛି। ଏହି ଚଳଚ୍ଚିତ୍ରକୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଟ୍ (ସିବିଏଫ୍‌ସି)କୁ ଚଳଚ୍ଚିତ୍ରକୁ ୟୁଏ ସାର୍ଟିଫିକେଟ୍ ପ୍ରଦାନ ପାଇଁ ଏକକ ଖଣ୍ଡପୀଠ ଦେଇଥିବା ନିର୍ଦ୍ଦେଶକୁ ଆଜି ମାଡ୍ରାସ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ମୁଖ୍ୟ ବିଚାରପତି ମନୀନ୍ଦ୍ର ମୋହନ ଶ୍ରୀବାସ୍ତବ ଏବଂ ବିଚାରପତି ଜି. ଅରୁଲ ମୁରୁଗାନଙ୍କ ଡିଭିଜନ ବେଞ୍ଚ ମାମଲାକୁ ପୁଣି ଥରେ ଏକକ ବିଚାରପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ସେନ୍ସର ବୋର୍ଡକୁ ପକ୍ଷ ଉପସ୍ଥାପନ କରିବା ପାଇଁ ପୂର୍ଣ୍ଣ ସୁଯୋଗ ଦିଆଯିବା ଉଚିତ ଥିଲା ବୋଲି ଖଣ୍ଡପୀଠ କହିଛନ୍ତି।

# ଆମେରିକାରେ ତୁଷାର ଝଡ଼: ୩୦ ମୃତ

ୱାସିଂଟନ, ୨୭।୧ (ଏଜେନ୍ସି): ତୁଷାର ଝଡ଼ ଆମେରିକାକୁ ବରଫ ଚାଦରରେ ଢାଙ୍କି ଦେଇଛି। ଶୁଳ୍କ ଲଗାଇ ଅନ୍ୟ ଦେଶ ଉପରେ ଦାଉ ସାଧିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଏହି ପ୍ରାକୃତିକ ବିପର୍ଯ୍ୟୟରୁ ଜନସାଧାରଣଙ୍କୁ ସୁରକ୍ଷା ଦେଇପାରୁ ନାହାନ୍ତି। ଏହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଭୀଷଣ ଶୀତ ଏବଂ ତୁଷାର ଝଡ଼ରେ ୩୦ ଜଣଙ୍କ ଜୀବନ ଗଲାଣି। ସ୍ଥିତି ଏପରେ ହୋଇଛି ଯେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ପ୍ରାୟ ୨୧ କୋଟି ଲୋକ ତଥା ଦୁଇ ତୃତୀୟାଂଶ ଆମେରିକୀୟ ରବିବାରଠାରୁ ଆରମ୍ଭ ହୋଇଥିବା ଏହି ଝଡ଼ରେ ପ୍ରଭାବିତ ହୋଇଛନ୍ତି। ଏହାକୁ ଦେଖି ରାଷ୍ଟ୍ରପତି ୨୦ ରାଜ୍ୟ ଏବଂ ରାଜଧାନୀ ୱାଶିଂଟନ ଡିସିରେ

**■ ଅନ୍ଧାରରେ ୭ ଲକ୍ଷ ଘର**
**■ ୮ ହଜାର ବିମାନ ବାତିଲ**

ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ଅଧିକାଂସ ରାଜ୍ୟର ତାପମାତ୍ରା ବିଯୁକ୍ତ ୪୫ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ଜାତୀୟ ପାଣିପାଗ ସେବା (ଏନଡବ୍ଲ୍ୟୁଏସ) ସୂଚନା ଅନୁଯାୟୀ, ଏହି ଝଡ଼ ପ୍ରାୟ ୩,୨୨୦ କିମି ଅଞ୍ଚଳରେ ବ୍ୟାପିଛି। ଦୁଇ-ତୃତୀୟାଂଶ ଆମେରିକୀୟ ଏହି ଝଡ଼ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ବିମାନ ଚଳାଚଳ ବ୍ୟାହତ ହୋଇଛି। ପ୍ରମୁଖ ବିମାନ ବନ୍ଦରଗୁଡ଼ିକରେ ଅନେକ ବିମାନକୁ ବାତିଲ କରିବାକୁ ପଡ଼ିଛି। ଏହି ସପ୍ତାହ ଶେଷରେ ଆଉ ଏକ ଆର୍କଟିକ୍ ବିସ୍ଫୋରଣ ଘଟିବାକୁ ଯାଉଥିବାରୁ ନୂଆ ଶୀତଝଡ଼ରେ ବିମାନଶିଳ୍ପ ଅଧିକ ବ୍ୟାହତ ହେବାର ସମ୍ଭାବନା ରହିଛି। ଏବେ ଦେଶର ଅନେକ ଅଞ୍ଚଳରେ ୧୨ ରୁ ୨୦ ଇଞ୍ଚର ବରଫ ଗଦା ହୋଇ ରହିଛି। ରାଜପଥ ବନ୍ଦ ହୋଇଯାଇଛି। ବିମାନ ବାତିଲ କରାଯାଇଥିବାବେଳେ ସ୍କୁଲ ଛୁଟି କରିଦିଆଯାଇଛି।ସୋମବାର ସନ୍ଧ୍ୟା ସୁଦ୍ଧା ପ୍ରାୟ ୭୦୦,୦୦୦ ଘର ବିନା ବିଦ୍ୟୁତ୍ ରହିଛି। ସୋମବାର ସାରା ଦେଶରେ ୮,୦୦୦ ରୁ ଅଧିକ ବିମାନ ବାତିଲ କରାଯାଇଥିଲା। ଶୁକ୍ରବାରଠାରୁ ୩୧,୦୦୦ ରୁ ଅଧିକ ବିମାନ ବାଧାପ୍ରାପ୍ତ ହୋଇଛି।




ରବିବାର ୧୦,୮୦୦ ରୁ ଅଧିକ ବିମାନ ବାତିଲ କରାଯାଇଥିଲା। ବିମାନ ବାତିଲ ଏବଂ ବିଳମ୍ବ ସମସ୍ୟା ଅନେକ ଦିନ ପର୍ଯ୍ୟନ୍ତ ଲାଗି ରହିପାରେ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ମାସାଚୁସେଟ୍ସ ଏବଂ ଓହିଓରେ ରାସ୍ତାରୁ ବରଫ ହଟାଉଥିବା ଗାଡ଼ି ଚଢ଼ିଯିବାରୁ ଦୁଇଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ଆର୍କାନସାସ୍ ଓ ଟେକ୍ସାସରେ ସ୍ଲେଡିଂ ଦୁର୍ଘଟଣା ଘଟିଛି। ପୁଲିସ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ନ୍ୟୁୟର୍କ ସହରରେ ତୁଷାର ଝଡ଼ ଆଠ ଜଣଙ୍କ ଜୀବନ ନେଇଛି। ଝଡ଼ ପ୍ରଭାବରେ ଗଛର ଡାଳ ଭାଙ୍ଗିଥିବା ବିଦ୍ୟୁତ ତାର ଛିଡ଼ି ଯାଇଛଇ ବିଦ୍ୟୁତ୍ ପୁନରୁଦ୍ଧାର ପାଇଁ କିଛି ଦିନ ଲାଗିପାରେ ବୋଲି ଅଧିକାରୀମାନେ ଚେତାବନୀ ଦେଇଛନ୍ତି। ତୁଷାର ଝଡ଼ରେ ଟେନେସି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ରବିବାର ଅପରାହ୍ନ ସୁଦ୍ଧା ପ୍ରାୟ ୩,୩୭,୦୦୦ ଘର ଏବଂ ବ୍ୟବସାୟ ବିଦ୍ୟୁତ୍ ବିନା ରହିଛି।

## ସରକାର-ଶଙ୍କରାଚାର୍ଯ୍ୟଙ୍କ ବିବାଦ ବଢୁଛି

ପ୍ରୟାଗରାଜ, ୨୭।୧ (ଏଜେନ୍ସି): ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ଏବଂ ମାଘ ମେଳା ପ୍ରଶାସନ ମଧ୍ୟରେ ଚାଲିଥିବା ବିବାଦ ସରକାରଙ୍କ ପାଇଁ ସମସ୍ୟା ପାଲଟି ଯାଇଛି। ଏହାକୁ ନେଇ ସରକାରରେ ଫାଟ ସୃଷ୍ଟି ହୋଇଛି। ଗୋଟିଏ ଗୋଷ୍ଠୀ ଶଙ୍କରାଚାର୍ଯ୍ୟଙ୍କ ସମର୍ଥନରେ ବାହାରିଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ପ୍ରଶାସନକୁ ସମର୍ଥନ କରୁଛି। ଏହାକୁ ନେଇ ଅଡୁଆ ଖିଅ ବଢ଼ିବାରେ ଲାଗିଛି। ଶଙ୍କରାଚାର୍ଯ୍ୟଙ୍କ ସମର୍ଥନରେ ଜଣେ ସରକାରୀ ଅଧିକାରୀ

**■ ପ୍ରମାଣ ମାଗି ପ୍ରଶାସନ ମର୍ଯ୍ୟାଦା ଭାଙ୍ଗିଛି: ଉମା ଭାରତୀ**
**■ ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ଏହା କହିଦିଅନ୍ତୁ: ଶଙ୍କରାଚାର୍ଯ୍ୟ**
**■ ଅବିମୁକ୍ତେଶ୍ୱରାନନ୍ଦଙ୍କ ସମର୍ଥନରେ ଫଳାହାରୀ ବାବା**
**■ ରକ୍ତରେ ଲେଖିଲେ ଚିଠି**
**■ ମୁଖ୍ୟମନ୍ତ୍ରୀଙ୍କ ସମର୍ଥନରେ ଅଧିକାରୀଙ୍କ ଇସ୍ତଫା**



ଇସ୍ତଫା ଦେଇଥିବାବେଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମର୍ଥନ କରି ଅନ୍ୟ ଜଣେ ଅଧିକାରୀ ପଦ ଛାଡ଼ିଛନ୍ତି। ଏହି ବିବାଦର ଫାଇଦା ଉଠାଇ ଶଙ୍କରାଚାର୍ଯ୍ୟଙ୍କ ମୁହଁରେ ନିଜର ପ୍ରଶଂସା ଶୁଣି ଉପ-ମୁଖ୍ୟମନ୍ତ୍ରୀ କେଶବ ମୌର୍ଯ୍ୟ ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁଛନ୍ତି। ମାତ୍ର ଯୋଗୀଙ୍କ ପ୍ରଶାସନ ନିଇଁବାକୁ ନା ଧରୁନାହାନ୍ତି। ଏବେ ବିଜେପିର ଫାୟାର ବ୍ରାଣ୍ଡ ନେତ୍ରୀ ଉମା ଭାରତୀ ଶଙ୍କରାଚାର୍ଯ୍ୟଙ୍କ ସମର୍ଥନରେ ବାହାରିଛନ୍ତି। ସେ କହିଛନ୍ତି ଯେ ଶଙ୍କରାଚାର୍ଯ୍ୟଙ୍କୁ ପ୍ରମାଣମାଗି ପ୍ରଶାସନ ମର୍ଯ୍ୟାଦା ଭାଙ୍ଗିଛି। ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ମଧ୍ୟ ଏହାର ଜବାବ ଦେଇଛନ୍ତି। ଏହି କଥା ଯୋଗୀଙ୍କୁ ଜଣାଇଦେବାକୁ ଉମାଙ୍କୁ କହିଛନ୍ତି।

ଏହା ମଧ୍ୟରେ ଶ୍ରୀକୃଷ୍ଣ ଜନ୍ମଭୂମି ମନ୍ଦିର ମାମଲାର ମୁଖ୍ୟ ଆବେଦନକାରୀ ଦିନେଶ ଫଳାହାରୀ ବାବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ରକ୍ତରେ ଚିଠି ଲେଖିଛନ୍ତି। ସେ ଦାବି କରିଛନ୍ତି ଯେ ଗଙ୍ଗାରେ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ସମ୍ମାନଜନକ ସ୍ନାନ ପାଇଁ ବ୍ୟବସ୍ଥା କରାଯାଉ। ଅଧିକାରୀମାନଙ୍କୁ କ୍ଷମା ମାଗିବାକୁ ନିର୍ଦ୍ଦେଶ ଦିଆଯାଉ। ସୂଚନା ଅନୁଯାୟୀ, ମାଘ ମେଳା ପ୍ରଶାସନ ଏବଂ ଶଙ୍କରାଚାର୍ଯ୍ୟଙ୍କ ମଧ୍ୟରେ ୧୦ ଦିନ ଧରି ଚାଲିଥିବା ବିବାଦ ଅମଲାତନ୍ତ୍ର ପର୍ଯ୍ୟନ୍ତ ପହଞ୍ଚିଛି। ଅଯୋଧ୍ୟାର ଜିଏସଟି ଡେପୁଟି କମିଶନର ପ୍ରଶାନ୍ତ କୁମାର ସିଂହ ଯୋଗୀଙ୍କ ସମର୍ଥନରେ ଇସ୍ତଫା ଦେଇଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଶଙ୍କରାଚାର୍ଯ୍ୟ ବ୍ୟବହାର କରିଥିବା ଅପମାନଜନକ ଭାଷାରେ ସେ ଆଘାତ ପାଇଛନ୍ତି। ଆଉ ଏହି ଅପମାନ ସେ ସହ୍ୟ କରିପାରିବେ ନାହିଁ। ଅନ୍ୟପଟେ ଅଯୋଧ୍ୟା କ୍ୟାଣ୍ଟନମେଣ୍ଟ ଧାମର ପରମହଂସ ମହାରାଜ କହିଛନ୍ତି ଯେ ଅବିମୁକ୍ତେଶ୍ୱରାନନ୍ଦ ଏବଂ ସତୁଆ ବାବା ମାଘ ମେଳାକୁ ବଦନାମ କରିଛନ୍ତି। ଉଭୟଙ୍କୁ ମାଘ ମେଳାରେ ପ୍ରବେଶ କରିବାରୁ ନିଷେଧ କରାଯିବା ଉଚିତ। ଶଙ୍କରାଚାର୍ଯ୍ୟଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ (ଏନଏସଏ) ଅନୁଯାୟୀ ମାମଲା ରୁଜୁ କରାଯିବା ଉଚିତ।

ଏହା ପୂର୍ବରୁ ବରେଲିର ସିଟି ମାଜିଷ୍ଟ୍ରେଟ୍ ଅଲଙ୍କାର ଅଗ୍ନିହୋତ୍ରୀ ଅବିମୁକ୍ତେଶ୍ୱରାନନ୍ଦଙ୍କ ସମର୍ଥନରେ ଇସ୍ତଫା ଦେଇଛନ୍ତି। ଆଜିର ଲଢ଼େଇ ହିନ୍ଦୁ ଏବଂ ମୁସଲମାନ କିମ୍ବା ବ୍ରିଟିଶ ଏବଂ ଭାରତୀୟଙ୍କ ମଧ୍ୟରେ ନୁହେଁ, ବରଂ ନକଲି ଏବଂ ପ୍ରକୃତ ହିନ୍ଦୁଙ୍କ ମଧ୍ୟରେ ବୋଲି ସେ କହିଛନ୍ତି। ଅନ୍ୟପଟେ ଦ୍ୱାରକା ଶାରଦା ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ କହିଛନ୍ତି ଯେ ଅବିମୁକ୍ତେଶ୍ୱରାନନ୍ଦଙ୍କ ସମର୍ଥନରେ ତିନି ଜଣ ଶଙ୍କରାଚାର୍ଯ୍ୟ ଅଛନ୍ତି। ତାଙ୍କ ପ୍ରମାଣପତ୍ର ଦାବି କରିବାକୁ ପ୍ରଶାସନ କିଏ? ଏହାର କୌଣସି ଅଧିକାର ନାହିଁ। ପ୍ରଶାସନ ନିରୀହ ବ୍ରାହ୍ମଣମାନଙ୍କୁ ଯେଉଁ ନିର୍ମମତା ସହିତ ଆକ୍ରମଣ କରିଛି ତାହା ଅତ୍ୟନ୍ତ ନିନ୍ଦନୀୟ।

## ଆମେରିକାକୁ ପରମାଣୁ ସୂଚନା ବିକିଥିଲେ ଚୀନ୍ ଜେନେରାଲ



ୱାସିଂଟନ, ୨୭।୧ (ଏଜେନ୍ସି): ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ହଟାଇବା ପାଇଁ ଷଡ଼ଯନ୍ତ୍ର କରିଥିବା ଚୀନ୍‌ର କେନ୍ଦ୍ରୀୟ ସାମରିକ କମିଶନ (ସିଏମସି)ର ଉପାଧ୍ୟକ୍ଷ ଝାଙ୍ଗ୍ ୟୁସିଆଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଛି। ସେ ଚୀନ୍‌ର ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପର୍କିତ ଗୁପ୍ତ ସୂଚନା ଆମେରିକାକୁ ଲିକ୍ କରିଥିବା ଅଭିଯୋଗ ଲାଗିଛି। ଏହାକୁ ନେଇ ଗତ ୨୪ ତାରିଖରେ ଝାଙ୍ଗଙ୍କୁ ତାଙ୍କ ପଦରୁ ହଟାଇ ଦିଆଯାଇଥିଲା। ଚୀନ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ତାଙ୍କ ଉପରେ ଶୃଙ୍ଖଳା ଏବଂ ଆଇନର ଗମ୍ଭୀର ଉଲ୍ଲଂଘନ କରିଥିବା ଅଭିଯୋଗ ଲଗାଇଛି। ସିଏମସି ଭିତରେ ଏକ ଗୋଷ୍ଠୀ ଗଠନ କରିବା ଏବଂ ଦଳ ମଧ୍ୟରେ ବିଭାଜନ ସୃଷ୍ଟି କରିବାର ମଧ୍ୟ ଅଭିଯୋଗ ତାଙ୍କ ବିରୋଧରେ ଲାଗିଛି। ରିପୋର୍ଟ ଅନୁଯାୟୀ, ଚୀନ୍ ଜାତୀୟ ପରମାଣୁ ନିଗମର ପୂର୍ବତନ ମହାପ୍ରବନ୍ଧକ ଗୁଜୁନ୍ ଝାଙ୍ଗଙ୍କ ବିରୋଧରେ ପ୍ରମାଣ ପ୍ରଦାନ କରିଛନ୍ତି। କମ୍ୟୁନିଷ୍ଟ ପାର୍ଟି ଫାଟ ସୃଷ୍ଟି ପାଇ ଉଦ୍ୟମ କରିଥିବାରୁ ଗୁଜୁନ୍‌ଙ୍କ ବିରୋଧରେ ମଧ୍ୟ ତଦନ୍ତ କରାଯାଉଛି।

ସୂଚନା ଅନୁଯାୟୀ, ଜିନପିଙ୍ଗଙ୍କୁ କ୍ଷମତାଚ୍ୟୁତ କରିବାର ଷଡ଼ଯନ୍ତ୍ର ପଛରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହାତ ରହିଛି। ଜିନପିଙ୍ଗଙ୍କୁ କ୍ଷମତାରୁ ହଟାଇବା ପାଇଁ ତାଙ୍କର ବିଶ୍ୱସ୍ତ ଶୀର୍ଷ ଜେନେରାଲଙ୍କ ସହ ଟ୍ରମ୍ପ ଗୁପ୍ତ ବୁଝାମଣା କରିଥିଲେ। ସେ ବେଜିଂର ପରମାଣୁ ଗୁପ୍ତ ତଥ୍ୟ ଆମେରିକା ଦେଇଥିବା କୁହାଯାଉଛି। ଏବେ ବିସ୍ତାରବାଦୀ ଚୀନ୍ ଆଉ ଜଣେ ବିସ୍ତାରବାଦୀଙ୍କ ଫାସରେ ପଡ଼ି ଯାଇଛନ୍ତି। ଟ୍ରମ୍ପ ତାଙ୍କ ଗୁପ୍ତଚରଙ୍କୁ ସି ଜିନପିଙ୍ଗଙ୍କ ନିକଟରେ ରଖିଛନ୍ତି। ଆମେରିକାର ଗୁପ୍ତଚର ସଂସ୍ଥା ସିଆଇଏ ଚୀନ୍‌ରେ ବଡ଼ ଅଭିଯାନ ଆରମ୍ଭ କରିଛି। ଜିନପିଙ୍ଗଙ୍କ କ୍ଷମତା ଏଥିରେ ଫସିଯାଇଛି। ଜିନପିଙ୍ଗ ବିରୋଧରେ ବିଦ୍ରୋହର ବହ୍ନି ଉଠିବାରେ ଲାଗିଛି। ଶୀର୍ଷ ଚୀନ୍ ଜେନେରାଲ ଝାଙ୍ଗ ୟୁସିଆ ଜିନପିଙ୍ଗଙ୍କ ପାଇଁ କଣ୍ଟା ପାଲଟିଛନ୍ତି। ସେ ସିଆଇଏ ସହିତ ସମ୍ପର୍କ ରଖିଛନ୍ତି। ଏହାକୁ ଆଧାର କରି ଚୀନ୍ ତଦନ୍ତ ଚଳାଇଛି। ସବୁ କିଛି ପଦାରେ ପଡ଼ିଯିବ ବୋଲି କାହାକୁ କିଛି ସୂଚନା ଦିଆଯାଉ ନାହିଁ।ଜିନପିଙ୍ଗଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ସେ ଆମେରିକାର ନିର୍ଦ୍ଦେଶରେ କାମ କରୁଥିବା ଅଭିଯୋଗ ହୋଇଛି। ଟ୍ରମ୍ପ ଚୀନ୍‌ର ପରମାଣୁ କାର୍ଯ୍ୟକ୍ରମର ପ୍ରତ୍ୟେକ ଗୁପ୍ତ ବିବରଣୀ ହାସଲ କରିବାକୁ ଚାହୁଁଛନ୍ତି। ୟୁସିଆ ଏହି ଯୋଜନାର ଅଂଶ ହୋଇପାରନ୍ତି। ତାଙ୍କ ମାଧ୍ୟମରେ ଆମେରିକା ଏକ ବଡ଼ ରଣନୀତି ଉପରେ କାମ କରୁଥିବା କୁହାଯାଉଛି।

ସାଧାରଣତନ୍ତ୍ର ଦିବସ ପାଳିତ

## ବିଶ୍ୱ ଦେଖିଲା ଭାରତର ଶକ୍ତି



ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ଦେଶବାସୀ ବହୁ ଉତ୍ସାହର ସହ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିଛନ୍ତି। ଏହି ଅବସରରେ ଦିଲ୍ଲୀର କର୍ତ୍ତବ୍ୟ ପଥରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପତାକା ଉତ୍ତୋଳନ କରିଛନ୍ତି। ଏହି ଅବସରରେ ଗ୍ରୁପ କ୍ୟାପ୍‌ଟେନ ଶୁଭାଂଶୁ ଶୁକ୍ଲାଙ୍କୁ ଅଶୋକ ଚକ୍ରରେ ସମ୍ମାନିତ କରିଥିଲେ। ପ୍ରଥମ ଥର ପାଇଁ ସାଧାରଣତନ୍ତ୍ର ଦିବସରେ ଦୁଇ ମୁଖ୍ୟ ଅତିଥି ହୋଇଛନ୍ତି। ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ କମିଶନର ଅଧ୍ୟକ୍ଷା ଉର୍ସୁଲା ଭାନ ଡେରେ ଲେୟନ ଭାରତର ନିମନ୍ତ୍ରଣ ରକ୍ଷା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦୁଇ ମୁଖ୍ୟ ଅତିଥିଙ୍କ ସହ ରାଷ୍ଟ୍ରପତି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରପତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏଠାରେ ରାଷ୍ଟ୍ରପତିଙ୍କୁ ୨୧ ତୋପ ସଲାମୀ ଦିଆଯାଇଥିଲା। ପରେଡ୍‌ରେ ରାଷ୍ଟ୍ରପତି ଅଭିବାଦନ ଗ୍ରହଣ କରିଥିଲେ। ଏହି ପରେଡରେ ଭାରତର ଶକ୍ତି ଏବଂ ସାମର୍ଥ୍ୟ ପ୍ରଦର୍ଶନ କରାଯାଇଥିଲା। ଭାରତର ବିକାଶ ଯାତ୍ରା, ସାଂସ୍କୃତିକ ବିବିଧତା, ସ୍ୱର୍ଣ୍ଣିମ ଇତିହାସ ଏବଂ ସାମରିକ ଶକ୍ତି ସାରା ବିଶ୍ୱ ଦେଖିଥିଲା।

ପ୍ରାୟ ୯୦ ମିନିଟ୍ ଧରି ଚାଲିଥିବା ପରେଡ୍‌ରେ ତିନି ସେନା ନିଜ ଶକ୍ତି ପ୍ରଦର୍ଶନ କରିଥିଲା। ରାଫେଲ୍, ଜାଗୁଆର, ମିଗ-୨୯, ସୁଖୋଇ, ସି-୧୩୦ ଓ ସି-୨୯୫ ବିମାନ ଗର୍ଜନ କରିଥିଲା। ଏହି ବିମାନ ସିନ୍ଦୁର, ବଜ୍ରାଙ୍ଗ, ଅର୍ଜନ ଏବଂ ପ୍ରହାର ଗଠନ କରିଥିଲେ। ପ୍ରଥମ ଥର ପାଇଁ ହାଇପରସୋନିକ୍ କ୍ଷେପଣାସ୍ତ୍ରର ଝଲକ ଦେଖିବାକୁ ମିଳିଥିଲା। ପାକିସ୍ତାନ ସୀମାରେ ନିୟୋଜିତ ବାକ୍ଟ୍ରିୟାନ୍ ଓଟମାନଙ୍କୁ ମଧ୍ୟ ପରେଡ୍‌ରେ ସାମିଲ କରାଯାଇଥିଲା। ପ୍ରଥମ ଥର ପାଇଁ ଦୁଇଟି କୁଜ ବିଶିଷ୍ଟ ଓଟ ଏବଂ ଶାଗୁଣା ପରେଡରେ ସାମିଲ ହୋଇଥିଲେ। ଏହି ପରେଡରେ ୧୭ ରାଜ୍ୟରୁ ତିରିଶ ପ୍ରଜ୍ଞାପନ ମେଢ଼ ଅଂଶଗ୍ରହଣ କରିଥିଲା। ଭୈରବ ବାଟାଲିଅନ୍ ପ୍ରଥମ ଥର ପାଇଁ ସାହସିକତା ପ୍ରଦର୍ଶନ କରିଥିଲା। ମହିଳା ଅଗ୍ନିବୀରମାନେ ବାୟୁସେନା ମାର୍ଚ୍ଚିଂ ବ୍ୟାଣ୍ଡରେ ଅଂଶଗ୍ରହଣ କରିଥିଲେ। ଉତ୍ତରାଖଣ୍ଡ ନିର୍ଦ୍ଦେଶାଳୟ ସିନିୟର ୱିଙ୍ଗ ଗାର୍ଲ୍ସର କମାଣ୍ଡର ସିନିୟର ଅଣ୍ଡର ଅଫିସର ମାନସୀ ବିଶ୍ୱକର୍ମା ୧୪୮ ଜଣ ବାଳିକା କ୍ୟାଡେଟଙ୍କ ଏକ ଏନସିସି କଣ୍ଟିଜେଣ୍ଟର ନେତୃତ୍ୱ ନେଇଥିଲେ। ମହିଳା ଯବାନ ଚଳନ୍ତା ବାଇକରେ ୧୮ ଫୁଟର ଉଚ୍ଚ ସିଡ଼ି ଚଢ଼ି କଳାକୌଶଳ ପ୍ରଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଦୁଇ ଅତିଥିଙ୍କୁ ବିଭିନ୍ନ ରାଜ୍ୟର ପ୍ରଜ୍ଞାପନ ମେଢ ବିଷୟରେ ବୁଝାଉଥିବା ଦେଖା ଯାଇଥିଲା। ଅନ୍ୟପଟେ ବିରୋଧୀ ନେତାଙ୍କ ପାଇଁ ବସିବା ବ୍ୟବସ୍ଥାକୁ ନେଇ କଂଗ୍ରେସ ସରକାରଙ୍କୁ ପ୍ରଶ୍ନ ଉଠାଇଛି। ବିରୋଧୀ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ ବିରୋଧୀ ନେତାମାନଙ୍କୁ ପଛରେ ବସାଇ ସରକାର ଅପମାନିତ କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହାର ଜବାବରେ କଂଗ୍ରେସ ୨୦୧୪ ମସିହାର ଏକ ଫଟୋ ସେୟାର କରିଛି। ଏହି ଫଟୋରେ ବିରୋଧୀ ନେତା ଲାଲକୃଷ୍ଣ ଆଡଭାନୀ ଆଗ ଧାଡ଼ିରେ ବସିଥିବା ଦେଖାଯାଇଛି।

## ୟୁଜିସି ଆଇନକୁ ବିରୋଧ:ମାଜିଷ୍ଟ୍ରେଟଙ୍କ ଇସ୍ତଫା, ସାଂସଦଙ୍କୁ ଚୂଡ଼ି ପଠାଇଲେ ବିରୋଧୀ

ବରେଲି, ୨୭।୧ (ଏଜେନ୍ସି): ୟୁଜିସିର ନୂଆ ଆଇନ ଏବଂ ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦଙ୍କ ଶିଷ୍ୟଙ୍କୁ ମାଡ଼ ମାରିବା ଘଟଣାକୁ ବିରୋଧ କରି ଉତ୍ତର ପ୍ରଦେଶର ପିସିଏସ୍ ଅଧିକାରୀ ଅଲଙ୍କାର ଅଗ୍ନିହୋତ୍ରୀ ସାଧାରଣତନ୍ତ୍ର ଦିବସରେ ଇସ୍ତଫା ଦେଇଛନ୍ତି। ସେ ଇସ୍ତଫାକୁ ନେଇ ୫ ପୃଷ୍ଠାର ଚିଠି ମଧ୍ୟ ଲେଖିଥିଲେ। ସରକାରଙ୍କଠାରୁ ମୋହ ଭଙ୍ଗ ହୋଇଥିବା କହିଥିଲେ। ଏହା ପରେ ସେ ସନ୍ଧ୍ୟାରେ ଜିଲ୍ଲାପାଳ ଅବିନାଶ ସିଂହଙ୍କୁ ଭେଟିବାକୁ ଯାଇଥିଲେ। ମାତ୍ର ସେଠାରେ ତାଙ୍କୁ ଭେଟିବାକୁ ଦିଆଯାଇ ନ ଥିଲା। ସେଠାରୁ ବାହାରିବା ପରେ ଅଗ୍ନିହୋତ୍ରୀ କହିଥିଲେ ଯେ ଜିଲ୍ଲାପାଳଙ୍କ ବାସଭବନରେ ତାଙ୍କୁ ୪୫ ମିନିଟ ପର୍ଯ୍ୟନ୍ତ ବନ୍ଦୀ କରି ରଖାଯାଇଥିଲା। ଏସଏସପି କହିବାରୁ ଛାଡ଼ି ଦିଆଯାଇଥିଲା। ତେବେ ଏଡିଏମ ଏହି ଅଭିଯୋଗକୁ ଖଣ୍ଡନ କରିଦେଇଛନ୍ତି। ଅନ୍ୟପଟେ ଅଗ୍ନିହୋତ୍ରୀଙ୍କୁ ସରକାର ନିଲମ୍ବନ କରିଦେଇଛନ୍ତି। ତାଙ୍କ ବିରୋଧରେ ବିଭାଗୀୟ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ତାଙ୍କ ଇସ୍ତଫାକୁ ମଞ୍ଜୁର କରାଯାଇ ନାହିଁ। ତଦନ୍ତ ଶେଷ ହେବା ପରେ ସରକାର ଇସ୍ତଫା ସ୍ୱୀକାର କରିବେ ବୋଲି କୁହାଯାଉଛି। ଏବେ ବରେଲି କମିସନର ମାମଲାର ତଦନ୍ତ କରୁଛନ୍ତି। ସରକାର ଅଗ୍ନିହୋତ୍ରୀଙ୍କ ଗାଡ଼ି ପ୍ରତ୍ୟାହାର କରି ନେଇଛନ୍ତି। ସେ ମଙ୍ଗଳବାର ସକାଳେ ମଧ୍ୟ ଜିଲ୍ଲପାଳଙ୍କୁ ଭେଟିବାକୁ ଯାଇଥିଲେ। ସାକ୍ଷାତ କରିବାକୁ ନ ଦେବାରୁ ସେ ଦୁଇ ଘଣ୍ଟା ପର୍ଯ୍ୟନ୍ତ କଲେକ୍ଟରେଟ ବାହାରେ ଧାରଣା ଦେଇଥିଲେ।

ଏହା ମଧ୍ୟରେ ସେ ମଧ୍ୟରାତ୍ରିରେ ସରକାରୀ ବାସଭବନ ଖାଲି କରି କାହାକୁ ଦାୟିତ୍ୱ ହସ୍ତାନ୍ତର ନକରି ସହର ଛାଡି ଚାଲିଯାଇଥିବା କୁହାଯାଇଥିଲ। ପ୍ରଶାସନ ପାଖରେ ତାଙ୍କର ନୂଆ ଠିକଣା ବିଷୟରେ କୌଣସି ସୂଚନା ନ ଥିଲା। ସେ ସୋମବାର ମଧ୍ୟରାତ୍ରି ପ୍ରାୟ ସାଢ଼େ ୧୨ଟା ସରକାରୀ ବାସଭବନରୁ ଅଧିକାଂଶ ଜିନିଷପତ୍ର ବାହାର କରି ଚାଲିଯାଇଥିଲେ। ଅଗ୍ନିହୋତ୍ରୀ କହିଛନ୍ତି ଯେ ଇସ୍ତଫା ପ୍ରତ୍ୟାହାର କରିବି ନାହିଁ। ସରକାରରୁ ମୋହଭଙ୍ଗ ହୋଇଯାଇଛି। ମୋତେ ଆଗକୁ କ'ଣ କରିବାକୁ ହେବ ତାହା ସମାଜ ସ୍ଥିର କରିବ। ୟୁପିରେ ରାଷ୍ଟ୍ରପତି ଶାସନ ଲଗାଇବାକୁ ସେ ଦାବି କରିଛନ୍ତି। ଏହା ପୂର୍ବରୁ ସେ ବିଳମ୍ବିତ ରାତିରେ ଶଙ୍କାରାଚାର୍ଯ୍ୟଙ୍କ ସହ ଫୋନରେ କଥା ହୋଇଥିଲେ। ସମ୍ପୂର୍ଣ୍ଣ ସନାତନୀ ସମାଜ ତାଙ୍କ ଉପରେ ପ୍ରସନ୍ନ ଥିବା କହିଥିଲେ। ଯେଉଁ ପଦ ଆପଣଙ୍କୁ ସରକାର ଦେଇଥିଲେ ତାଠାରୁ ବଡ଼ ପଦେ ଧର୍ମ କ୍ଷେତ୍ରରେ ଆପଣଙ୍କୁ ଦିଆଯିବ ବୋଲି କହିଥିଲେ।

ଏହି ମାମଲାରେ ଚୁପ ରହିଥିବାରୁ ରାଏବରେଲିରେ ବିଜେପି କୃଷକ ନେତା ରମେଶ ବାହାଦୂର ସିଂହ ଓ ଗୋରକ୍ଷା ଦଳର ସଭାପତି ମହେନ୍ଦ୍ର ପାଣ୍ଡେ ସାଧାରଣ ବର୍ଗର ସାଂସଦଙ୍କ ନିକଟକୁ ଚୂଡ଼ି ପଠାଇଛନ୍ତି। ୟୁଜିସିର ଏହି ନିୟମକୁ କଥାବାଚକ କୁମାର ବିଶ୍ୱାସ ୟୁଜିସିର ତୀବ୍ର ସମାଲୋଚନା କରିଛନ୍ତି।





ସାଧାରଣତନ୍ତ୍ର ଦିବସ ଅବସରରେ ଗାନ୍ଧୀମାର୍ଗରେ ପରେଡ୍



ଶଙ୍ଖ ଭବନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି

### କଟ୍‌ନୀଛଟ୍‌ନୀକୁ ବିରୋଧ

# ବିଷ ବୋତଲ ଧରି ମଣ୍ଡିରେ ବସିଲେ ଚାଷୀ

ବାସୁଦେବପୁର, ୨୭।୧(ସମିସ): ମିଲରଙ୍କ ବିରୋଧରେ ଯୁଦ୍ଧଂଦେହୀ ଡକରା। କଟନୀଛଟନୀକୁ ବିରୋଧ କରି ହାତରେ ବିଷ ବୋତଲ ଧରି ମଣ୍ଡିରେ ବସିଲେ ଚାଷୀ। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତର ବଚ୍ଛଦା ସମବାୟ ସମିତିରେ ଏମିତି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି।

ବଚ୍ଛଦା ସୋସାଇଟିରେ ୪୧୦ ଚାଷୀ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୧୦ ଧାନ ବିକ୍ରିର ଟୋକନ୍ ପ୍ରକ୍ରିୟାକରଣ ହୋଇଛି। ମଙ୍ଗଳବାର ଶହଶହ ଚାଷୀ ମଣ୍ଡିରେ ଧାରଣା ଦେଇ ବସିଥିବାରୁ ଘଟଣାସ୍ଥଳରେ ପହଞ୍ଚିଥିଲେ ଯୋଗାଣ ଅଧିକାରୀ ମଧୁସ୍ମିତା ସେନାପତି ଓ ଏସ୍ଏଆର୍‌ସିଏସ୍ ବାବାଜୀ ଚରଣ ମଲ୍ଲିକ। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପୁଲିସ ମୁତୟନ କରାଯାଇଥିଲା। ସୋମବାର ସାଧାରଣତନ୍ତ୍ର ଦିବସ ଛୁଟିରେ ମିଲର ପହଞ୍ଚିଥିଲେ ବଚ୍ଛଦା ସୋସାଇଟିରେ। ଧାନର ମାନକୁ ନେଇ ପାଟିତୁଣ୍ଡ ହୋଇଥିଲା। କଟ୍‌ନୀ ଛଟ୍‌ନୀ ସରକାର ମନା କରୁଥିବା ବେଳେ ମିଲର ୯% କାଟିବେ ବୋଲି କହିଥିଲେ। ଯାହାକୁ ଚାଷୀମାନେ ବିରୋଧ କରିଥିଲେ। ମୁଣ୍ଡ ଝାଳ ତୁଣ୍ଡରେ ମାରି ଅନ୍ନଦାତା ଫସଲ ଫଳାଇଛନ୍ତି। ମଫତରେ ୯% ଦେବେ ନାହିଁ ବୋଲି ଯୁକ୍ତି କରି ମିଲର୍ ଓ ଚାଷୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। କିଛି ସମୟ ସୋସାଇଟି ପରିସରରେ ଉତ୍ତେଜନା ଲାଗି ରହିଥିଲା। ଠେଲାପେଲା ମଧ୍ୟ ହୋଇଥିଲେ। ମିଲର୍‌ଙ୍କ କଟ୍‌ନୀଛଟ୍‌ନୀ ନିଷ୍ପତ୍ତିକୁ ବିରୋଧ କରି ଚାଷୀ ସୋସାଇଟି ଆଗରେ ଧାରଣା ଦେଇଥିଲେ। ଧାନ କ୍ରୟ ନ ହେଲେ ଆଗାମୀ ୩ ତାରିଖରେ ଚାଷୀଙ୍କ ଟୋକନ କଟିଯିବ। ଭୟରେ ମଙ୍ଗଳବାର ମହିଳା ଚାଷୀ ବିଷ ବୋତଲ ଧରି ବସିଛନ୍ତି। ପ୍ରଶାସନ ନ ଶୁଣିଲେ ବିଷପିଇ ଆତ୍ମହତ୍ୟା କରିବେ ବୋଲି ଚାଷୀ କହିଛନ୍ତି।




# ଆଜି ନବ ନିର୍ମାଣ ସଂଗଠନର ଓଡ଼ିଶା ବନ୍ଦ

- ବନ୍ଦକୁ କଂଗ୍ରେସ ଓ ବାମ ଦଳଙ୍କ ସମର୍ଥନ
- ସଂଗଠନକୁ ସାଧୁବାଦ ଜଣାଇଲା ବିଜେଡି
- ବନ୍ଦ ପୂର୍ବରୁ ସରକାରଙ୍କ ଦମନଲୀଳା

ଭୁବନେଶ୍ୱର, ୨୭।୧ (ସମିସ): ରାଜ୍ୟରେ ଧାନ ମଣ୍ଡି ଓ ଧାନ ବିକ୍ରିରେ ଅବ୍ୟବସ୍ଥା, ଟୋକନ ଯାତନା, ମଣ୍ଡିରେ କଟନିଛଟନି, ୧୫୦ କ୍ୱିଣ୍ଟାଲ ବିକ୍ରି ପରେ ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ଦିଆ ନ ଯିବା, ପ୍ରଦୂଷଣ ନାମରେ ସାଧାରଣ ଲୋକଙ୍କଠାରୁ ହଜାର ହଜାର ଟଙ୍କାର ଜୋରିମାନା ଆଦାୟ, ସ୍ମାର୍ଟ ମିଟର ବ୍ୟବସ୍ଥା ସହ ଚାଷୀ ନେତାମାନଙ୍କ ଉପରେ ଗୁଣ୍ଡାଙ୍କ ଦ୍ୱାରା ଉପମୁଖ୍ୟମନ୍ତ୍ରୀଙ୍କ ଆକ୍ରମଣର ପ୍ରତିବାଦରେ ବୁଧବାର ନବ ନିର୍ମାଣ କୃଷକ ସଂଗଠନ ଦେଇଛି ଓଡ଼ିଶା ବନ୍ଦ ଡ଼କରା। ସକାଳ ୬ଟାରୁ ୨ଟା ପର୍ଯ୍ୟନ୍ତ ଓଡ଼ିଶା ବନ୍ଦର ଡାକରା ଦିଆଯାଇଥିବା ବେଳେ ଏହି ବନ୍ଦକୁ ରାଜ୍ୟ କଂଗ୍ରେସ ସମେତ ସିପିଆଇ ଓ ସିପିଆଇ(ଏମ୍)ଙ୍କ ସମେତ ଅନେକ ସଂଗଠନ ସମର୍ଥନ ଜଣାଇଛନ୍ତି। ଏହାସହିତ ଚାଷୀଙ୍କ ସମସ୍ୟା ଯୋଗୁଁ ସଂଗଠନ ରାଜରାସ୍ତାକୁ ଓହ୍ଲାଇଥିବାରୁ ବିଜେଡି ସଂଗଠନକୁ ସାଧୁବାଦ ଜଣାଇଛି। 'ଓଡ଼ିଶା ବନ୍ଦ' ଡାକରାକୁ ସଫଳ କରିବା ପାଇଁ ନବନିର୍ମାଣ ଯୁବ ଛାତ୍ର ସଂଗଠନ କଟକ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ କାର୍, ବାଇକ୍ ରାଲି ମାଧ୍ୟମରେ ଶାନ୍ତିପୂର୍ଣ୍ଣ ପ୍ରଚାର କରି ଓଡ଼ିଶା ବନ୍ଦକୁ ସମର୍ଥନ ଜଣାଇବା ସହ ଦୋକାନ ବଜାର ଓ ଯାନବାହନ ଚଳାଚଳ ବନ୍ଦ ରଖିବା ପାଇଁ ନିବେଦନ କରିଛି। ଏହି ସମୟରେ ନବନିର୍ମାଣ ସଂଗଠନର ପ୍ରଚାରକୁ ଦବାଇ ଦେବା ପାଇଁ ବା ଭୟଭୀତ ହୋଇ ନବନିର୍ମାଣ ଯୁବ ଛାତ୍ର ସଂଗଠନ ଉପରେ ଦମନ ଲୀଳା ଆରମ୍ଭ କରାଯାଇଥିବା ମଧ୍ୟ ସଙ୍ଗଠନ ଅଭିଯୋଗ କରିଛି। ପରିବହନ ବିଭାଗ ପଟିଆ ଅଞ୍ଚଳରେ ରହୁଥିବା ନବନିର୍ମାଣ ଯୁବ ଛାତ୍ର ସଂଗଠନ କର୍ମକର୍ତ୍ତାଙ୍କ ଘରୁ ଗାଡି ଉଠାଇ ଆଣିବା ସହ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବାକୁ ଧମକ ଦେଇଛି। ଏହାକୁ ନବନିର୍ମାଣ କୃଷକ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ଦୃଢ଼ ନିନ୍ଦା କରିବା ସହ ସରକାରଙ୍କୁ ଏଥିରୁ ବିରତ ରହିବା ପାଇଁ ଚେତାବନୀ ଦିଆଯାଇଛି। ସୂଚନା ଥାଉ କି ଏହି ବନ୍ଦ ଡାକରାକୁ ଅନ୍ୟ ପ୍ରମୁଖ ସଂଗଠନ ମଧ୍ୟରେ କିନ୍ନର ସଂଘ, ଆରଟିଆଇ ସଂଘ, ଅଭିଭାବକ ସଂଘ, ବିଭିନ୍ନ ସାମାଜିକ ସଂଗଠନ ଆଦି ସମର୍ଥନ ଜଣାଇଛନ୍ତି।

# ଷଣ୍ଢକୁ ବୋଲେରୋରେ ଘୋଷାଡ଼ିଲେ

ବାରିପଦା, ୨୭।୧ (ସମିସ): ବାରିପଦା ସହରରେ ଗୋରୁ ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଗତକାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ରାସ୍ତାରେ ଶୋଇଥିବା ଏକ ଷଣ୍ଢକୁ ବୋଲେରୋରେ ଘୋଷାଡ଼ି ଘୋଷାଡ଼ି ନେଇଛନ୍ତି। ବାରିପଦା ପୌରାଞ୍ଚଳର ବାଗଡିହା ଛକ ନିକଟରେ ରାତି ପ୍ରାୟ ୩ଟା ବେଳେ ଏହି ଘଟଣା ଘଟିଛି। ଏହାର ଦୃଶ୍ୟ ପାଖରେ ଲାଗିଥିବା ଏକ ସିସିଟିଭିରେ କଏଦ୍ ହୋଇଛି। ବାରିପଦା ସଦର ଥାନା ପୁଲିସ ଏହାର ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତମାନଙ୍କୁ ଧରିବାକ ପୁଲିସ ଉଦ୍ୟମ ଚଳାଇଛି।

### ବାସୁଦେବପୁର-ଧାମରା ରାସ୍ତା ମରଣଯନ୍ତା

# ଚାପିଦେଲା ଲୁହାବୋଝେଇ ଟ୍ରକ୍: ୨ ମୃତ

ଭଦ୍ରକ/ବାସୁଦେବପୁର, ୨୭।୧(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର-ଧାମରା ରାସ୍ତା ମରଣଯନ୍ତା ପାଲଟିଛି। ନିୟମିତ ଭାବେ ଏଠାରେ ଦୁର୍ଘଟଣା ଘଟି ଜୀବନ ଯାଉଛି। ଗତ ୨୨ ତାରିଖରେ ବାଇକ୍ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସୋମବାର ରାତିରେ ପୁଣି ଏହି ରାସ୍ତା ୨ଜଣଙ୍କ ମୁଣ୍ଡ ନେଇଛି। ରାତି ପ୍ରାୟ ୧୧ଟା ବେଳେ ପାରାପୋଖରୀ ଛକରେ ଏକ ଲୁହା ବୋଝେଇ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅଧୀନସ୍ଥ ବୈରିମାଳ ଗାଁର ଚିନ୍ମୟ ମଲ୍ଲିକ ଓ ଦୀପକ ରାଉତ। ସେମାନେ ସ୍ଥାନୀୟ ଅଞ୍ଚଳରେ ଜେସିବି ଡ୍ରାଇଭର୍ ଭାବେ କାର୍ଯ୍ୟ କରୁଥିବା ଜଣାଯାଇଛି। ସୂଚନାନୁସାରେ ଦୁହେଁ ଏକ ବାଇକ୍‌ରେ ବିରସ ଛକରୁ ବାସୁଦେବପୁର ଆଡ଼କୁ ଆସୁଥିଲେ। ଏହି ସମୟରେ ଏକ ଟ୍ରକ୍‌ଟି ତାଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପାଇଁ ୨ ମୃତଦେହକୁ ବାସୁଦେବପୁର ଡାକ୍ତରଖାନାରେ ରଖାଯାଇଛି। କସିଆ ସାମୁଦ୍ରିକ ଥାନା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

### ■ କାଳହେଲା ଓଭରଟେକ୍

# ପିକ୍-ଅପ୍ ଧକ୍କାରେ ୨ ମୃତ

ପଟ୍ଟାଙ୍ଗି, ୨୭।୧(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ କୁନ୍ଦୁଲି ଆଞ୍ଚଳିକ ହାଇସ୍କୁଲ ସମ୍ମୁଖରେ ପିକ୍-ଅପ୍ ଧକ୍କାରେ ୨ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତାହତମାନଙ୍କର ପରିଚୟ ମିଳିପାରି ନଥିଲେ ହେଁ ସେମାନଙ୍କ ଘର ଆନ୍ଧ୍ରପ୍ରଦେଶ ରାଜ୍ୟର ଆରୁକୁ ଅଞ୍ଚଳରେ ହୋଇଥିବା କୁହାଯାଉଛି। ସୂଚନା ଅନୁଯାୟୀ, ଯୁବକମାନେ ଏକ ବାଇକ୍‌ରେ ୨୬ ନମ୍ବର ଜାତୀୟ ରାଜପଥରେ ପଟ୍ଟାଙ୍ଗି ଦେଇ କୁନ୍ଦୁଲି ଆଡ଼କୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଦ୍ରୁତଗାମୀ ଏକ ବସ୍‌କୁ ଓଭରଟେକ୍ କରିବା ବେଳେ ସାମ୍ନାରୁ ଆସୁଥିବା ଏକ ପିକ୍-ଅପ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣଙ୍କୁ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପୁଲିସ ତାଙ୍କ ପରିବାର ସହ ଯୋଗାଯୋଗ କରିବାକୁ ଚେଷ୍ଟା ଚଳାଇଛି।

# ପୁଣି ଗୋଟିଏ ମାଈହାତୀର ମୃତ୍ୟୁ

ମୁରିବାହାଲ, ୨୭।୧(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଅଧୀନ ଚଲକି ପଞ୍ଚାୟତର ଜାମଲିସର ଗ୍ରାମ ନିକଟସ୍ଥ ଏକ ଡୁଙ୍ଗୁରି ନିକଟରେ ମଙ୍ଗଳବାର ଏକ ଅସୁସ୍ଥ ମାଈ ହାତୀର ମୃତ୍ୟୁ ଘଟିଛି। ହାତୀଟିର ବୟସ ପ୍ରାୟ ୧୯/୨୦ବର୍ଷ ହେବ। ଖବର ପାଇ ଏସିଏଫ ମୁରାରୀ ପଣ୍ଡା, ଭବାନୀପାଟଣାରୁ ଆରସିସିଏଫ ସଂଘମିତ୍ରା ଭୋଇ, ମୁରିବାହାଲ ରେଞ୍ଜର ଶିବ ପ୍ରସାଦ ନାଏକ, ବିଦ୍ୟୁତ୍ ବିଭାଗ ସେକ୍ସନ ଅଫିସର ତପନ ପ୍ରଧାନ, ଗୁଡିଘାଟ ଇନ୍‌ଚାର୍ଜ ଅଜିତ୍ ତରିଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଶବକୁ ବ୍ୟବଚ୍ଛେଦ ପରେ ସେଠାରେ ପୋତି ଦିଆଯାଇଛି। ସୂଚନାଯୋଗ୍ୟ, ମୁରିବାହାଲ ରେଞ୍ଜ ଅଞ୍ଚଳରେ ଦେଢ଼ବର୍ଷ ହେବ ୩/୪ଟି ଦଳରେ ପ୍ରାୟ ୧୦୦ଟି ହାତୀ ବୁଲୁଛନ୍ତି। ଏମାନେ ଫସଲ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗୁଛନ୍ତି। ଅପରପକ୍ଷେ, ହାତୀ ଆକ୍ରମଣରେ ୨ ଜଣଙ୍କ ଜୀବନ ମଧ୍ୟ ଗଲାଣି।



# ଗାଁ ଦାଣ୍ଡରେ ଦମ୍ପତିଙ୍କୁ ନିସ୍ତୁକ ମାଡ଼

ଭଦ୍ରକ, ୨୭।୧ (ସମିସ): ଜମିରେ ଇଟା ରଖିବାକୁ କେନ୍ଦ୍ର କରି ବଚସାରୁ ଗାଁ ଦାଣ୍ଡରେ ଦମ୍ପତିଙ୍କୁ ନିସ୍ତୁକ ମାଡ଼। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅର୍ଣ୍ଣପାଳ ଗ୍ରାମରେ ଗତ ସୋମବାର ଏଭଳି ଏକ ଘଟଣା ଘଟିଛି। ଏହାର ଏକ ଭିଡିଓ ଜୋରସୋର୍‌ରେ ଭାଇରାଲ ହେବାରେ ଲାଗିଛି।



### ଭିଡିଓ ଭାଇରାଲ୍

ଅପରପକ୍ଷେ, ଏନେଇ ଅଭିଯୋଗ ଆଧାରରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆକ୍ରମଣର ଶିକାର ଦମ୍ପତି ହେଲେ,ଗ୍ରାମର ଉର୍ବଶୀଲତା ଜେନା ଓ ତାଙ୍କ ସ୍ୱାମୀ ପ୍ରଶାନ୍ତ କୁମାର ନାୟକ। ପଡ଼ୋଶୀ ଦେବୀପ୍ରସାଦ ଦାସ ଉର୍ବଶୀଲତାଙ୍କ ଜମିରେ ୧୫ ଦିନ ପାଇଁ ଇଟା ରଖିବେ ବୋଲି କହିଥିଲେ। ଏଥିରେ ଉର୍ବଶୀଲତା ବି ରାଜି ହୋଇଯାଇଥିଲେ। କିନ୍ତୁ, ଦୀର୍ଘଦିନ ପରେ ବି ସେ ଜମିରୁ ଇଟା ନ ଉଠାଇବାରୁ ଉର୍ବଶୀଲତା ଓ ତାଙ୍କ ସ୍ୱାମୀ ଏ ସଂପର୍କରେ ଦେବୀପ୍ରସାଦଙ୍କୁ କହିଥିଲେ। ଏହାକୁ ନେଇ ଦୁଇ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଦେବୀ ଓ ତାଙ୍କ ପରିବାରଲୋକ ଗାଁ ଦାଣ୍ଡରେ ଦମ୍ପତିଙ୍କୁ ନିସ୍ତୁକ ପିଟିଥିଲେ।

# ଖରା ଆସିଲାଣି, ଶୀତ ଯାଉନି

- ୩ ଦିନରେ ୩ ଡିଗ୍ରୀ ବଢ଼ିବ ତାତି
- ରାଜ୍ୟରେ ଶୀତ ଅବଧି ଏଥର ଲମ୍ବା

ଭୁବନେଶ୍ୱର,୨୭।୧(ସମିସ): ରାଜ୍ୟରେ ଚଳିତ ବର୍ଷ ଲମ୍ବା ଅବଧି ଧରି ଶୀତ ଜାରି ରହିଛି। ଜାନୁଆରୀ ମାସ ଶେଷ ହେବାକୁ ବସିଥିଲେ ମଧ୍ୟ ରାଜ୍ୟର ଅଧିକାଂଶ ସ୍ଥାନରେ ରାତିରେ ଶୀତ ଅନୁଭୂତ ହେଉଛି। ପୂର୍ବ ବର୍ଷମାନଙ୍କରେ ଫେବୃଆରୀ ପ୍ରଥମ ସପ୍ତାହରୁ ଖରାର ପ୍ରକୋପ ଆରମ୍ଭ ହୋଇଯାଉଥିବା ବେଳେ ବହୁ ବର୍ଷ ପରେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଘଟିଛି। ଯଦିଓ ଆଉ ଶୀତ ଲହରୀ ଅନୁଭୂତ ହେବାର ସମ୍ଭାବନା ନାହିଁ, ମାତ୍ର ସମ୍ପୂର୍ଣ୍ଣ ଶୀତ ବିଦାୟନେବାକୁ ଆହୁରି କିଛି ଦିନ ଲାଗିପାରେ ବୋଲି ଆକଳନ କରାଯାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଚଳିତ ବର୍ଷ ଲା-ନିନା 'ପୋଲାର ଭୋର୍ଟେକ୍ସ'ର ସମଷ୍ଟି ଯୋଗୁଁ ଉତ୍ତର ଗୋଲାର୍ଦ୍ଧର ବିଭିନ୍ନ ଦେଶ ସହିତ ଭାରତ ଏବଂ ଓଡ଼ିଶାରେ ମଧ୍ୟ ଶୀତଋତୁ ଅଧିକ ସମୟ ରହିବାର ସମ୍ଭାବନା ରହିଛି। ଲା-ନିନା ଯୋଗୁଁ କେନ୍ଦ୍ରୀୟ ଓ ପୂର୍ବ ପ୍ରଶାନ୍ତ ମହାସାଗରରେ ତାପମାତ୍ରା କମ୍ ରହିଛି। ଏହାସହିତ ବିଶ୍ୱସ୍ତରରେ ବାୟୁ ପ୍ରବାହ ଓ ପାଣିପାଗ ପ୍ରଭାବିତ ହୋଇଛି। ଫଳତଃ ଉତ୍ତର ଓ କେନ୍ଦ୍ରୀୟ ଭାରତରେ ହିମାଳୟ/ ସାଇବେରିଆରୁ ଆସୁଥିବା ପବନ ଅଧିକ ଥଣ୍ଡା ରହୁଛି ଏବଂ ଦୀର୍ଘ ସମୟ ଧରି ବହୁଛି। ଚଳିତ ବର୍ଷ ଓଡ଼ିଶା ସମେତ ପୂର୍ବ ଭାରତରେ ମଧ୍ୟ ଥଣ୍ଡା ଅଧିକ ରହିଛି। ତେବେ ଲା-ନିନା ସହିତ ଉତ୍ତର ମେରୁ ଅଞ୍ଚଳରୁ ସୃଷ୍ଟି ହୋଇଥିବା ପୋଲାର ଭୋର୍ଟେକ୍ସ ପ୍ରଭାବ ଦେଖିବାକୁ ମିଳିବ। ପୋଲାର ଭୋର୍ଟେକ୍ସ କହିଲେ, ଉପର ବାୟୁମଣ୍ଡଳୟରେ ଥଣ୍ଡା ବାୟୁର ଜେଟ୍ ଷ୍ଟ୍ରିମ୍ ପ୍ରବାହିତ ହୁଏ। ଚଳିତ ବର୍ଷ ଏହା ଦକ୍ଷିଣ ଆଡ଼କୁ ଗତି କରି ମଧ୍ୟ-ଅକ୍ଷାଂଶ ପର୍ଯ୍ୟନ୍ତ ଆସିବ। ଫଳରେ ଥଣ୍ଡା ଅଧିକ ହେବା ସହିତ ଶୀତ ଋତୁ ଅଧିକ ରହିବାର ଆକଳନ କରାଯାଉଛି। ୧୯୮୫, ୧୯୯୬ ଓ ୨୦୧୦ରେ ଏହିପରି ସ୍ୱାଭାବିକଠାରୁ ଅଧିକ ଥଣ୍ଡା ବିଶ୍ୱସ୍ତରରେ ଦେଖାଯାଇଥିଲା। ଆକଳନ କରାଯାଉଛି, ସାରା ରାଜ୍ୟରେ ଥଣ୍ଡା ରାତି ସହ ସ୍ୱାଭାବିକଠାରୁ କମ୍ ତାପମାତ୍ରା ଓଡ଼ିଶାରେ ରହିବାର ସମ୍ଭାବନା ରହିଛି। କନ୍ଧମାଳ, କୋରାପୁଟ ଭଳି ଆଭ୍ୟନ୍ତରୀଣ ଅଞ୍ଚଳରେ ଥଣ୍ଡା ଜାରି ରହିବ। ସମ୍ଭବତଃ ଉତ୍ତର ପଶ୍ଚିମ ଓଡ଼ିଶାରେ ଥଣ୍ଡା ଅଧିକ ରହିବ। ଫେବୃଆରୀ ପ୍ରଥମ ସପ୍ତାହ ପରେ ଥଣ୍ଡା ଅଧିତ କମିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ପାଣିପାଗ କେନ୍ଦ୍ର କହିଛି, ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହାସହିତ ଏହି ସମୟରେ କିଛି ମାତ୍ରାରେ କୁହୁଡ଼ି ନେଇ ମଧ୍ୟ ପାଗ ଅନୁକୂଳ ରହିଛି। ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ ଭଦ୍ରକ, ଜଗତସିଂହପୁର, ପୁରୀ, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, କଳାହାଣ୍ଡି, ଗଞ୍ଜାମ, ଗଜପତି, ଖୋର୍ଦ୍ଧା, କଟକ, ନୟାଗଡ଼, ଅନୁଗୁଳ, ଢେଙ୍କାନାଳ ଓ ଯାଜପୁରରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ଆଶଙ୍କା ରହିଛି।

### ରତ୍ନଭଣ୍ଡାର ମାମଲା

# ତଦନ୍ତ କମିସନଙ୍କ ରିପୋର୍ଟ ଉପସ୍ଥାପନ ହୋଇନଥିବା ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

କଟକ,୨୭।୧(ସମିସ): ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ମରାମତି ଓ ଚାବି ହଜିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ତେବେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଗଠିତ ହୋଇଥିବା ଜଷ୍ଟିସ୍ ରଘୁବୀର ଦାଶ ତଦନ୍ତ କମିସନଙ୍କ ରିପୋର୍ଟକୁ ଅଦ୍ୟାବଧି ବିଧାନସଭାରେ ଉପସ୍ଥାପନ କରାଯାଇ ନଥିବା ନେଇ ଅଦାଲତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନ୍ୟପଟରେ ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ପାଇଁ ଏକ ଡ୍ରାଫ୍ଟ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର) ପ୍ରସ୍ତୁତ ହୋଇସାରିଥିବା ବେଳେ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଚୂଡ଼ାନ୍ତ ଏସ୍‌ଓପି ଖୁବ୍‌ଶୀଘ୍ର ପ୍ରସ୍ତୁତ କରାଯିବ ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଆଜି ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ଏଥିପାଇଁ ନିର୍ଦ୍ଧାରିତ ସମୟସୀମା ଧାର୍ଯ୍ୟ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆଡଭୋକେଟ ଜେନେରାଲଙ୍କ ପକ୍ଷରୁ ଦାଖଲ ଜବାବରେ ଦର୍ଶାଯାଇଛି ଯେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଉଭୟ ଭିତର ଓ ବାହାର ମରାମତି କାମ ସମ୍ପୂର୍ଣ୍ଣ କରାଯାଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇସାରିଛି। ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଗଠିତ ୯ ଜଣିଆ କମିଟିଙ୍କ ତତ୍ତ୍ୱାବଧାନରେ ରତ୍ନଭଣ୍ଡାର ଖୋଲାଯିବା ସହ ରତ୍ନ ଅଳଙ୍କାରକୁ ଷ୍ଟ୍ରଙ୍ଗରୁମରେ ରଖାଯାଇଛି। ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପ୍ରକ୍ରିୟା ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ସହାୟତା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଗତ ୧୯୭୮ରେ ଶେଷଥର ପାଇଁ ହୋଇଥିବା ଭିତର ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ପ୍ରାୟ ଏକ ବର୍ଷ ଲାଗିଥିଲା ବୋଲି ଅଦାଲତଙ୍କୁ ଅବଗତ କରାଇଥିଲେ ଆଡଭୋକେଟ୍ ଜେନେରାଲ।

### ସଂସଦର ବଜେଟ ଅଧିବେଶନ

# ରାଜ୍ୟସ୍ୱାର୍ଥ ପ୍ରସଙ୍ଗକୁ ଦୃଢ଼ ଭାବରେ ଉପସ୍ଥାପନ କରିବ ବିଜେଡି

- ଉଠିବ ଚାଷୀ ଅବହେଳା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତି ପ୍ରସଙ୍ଗ
- କୋଇଲା ରାଜଭାଗ ବୃଦ୍ଧି, ଯୋଗାଯୋଗ ସୁଦୃଢ଼ ପାଇଁ ହେବ ଦାବି

ଭୁବନେଶ୍ୱର,୨୭।୧(ସମିସ): ଆସନ୍ତାକାଲିଠାରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବ। ଏହି ଅଧିବେଶନରେ ଓଡ଼ିଶାର ସ୍ୱାର୍ଥ ସହ ଜଡ଼ିତ ଏକାଧିକ ପ୍ରସଙ୍ଗକୁ ଦୃଢ଼ ଭାବରେ ବିଜେଡି ଉପସ୍ଥାପନ କରିବ। ବିଶେଷକରି ରାଜ୍ୟରେ ଚାଷୀମାନେ ସମ୍ମୁଖୀନ ହେଉଥିବା ମାଳମାଳ ସମସ୍ୟା ଏବଂ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ସରକାରଙ୍କୁ ଘେରିବାକୁ ବିଜେଡି ରଣନୀତି ପ୍ରସ୍ତୁତ କରିଛି। ଏହାବ୍ୟତୀତ କୋଇଲା ରାଜଭାଗ ସଂଶୋଧନ, ମହାନଦୀ, ପୋଲାଭରମ ସମସ୍ୟା ସମାଧାନ, ରାଜ୍ୟରେ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ିକରଣ ଆଦି ପ୍ରସଙ୍ଗରେ ସଂସଦରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ବିଜେଡି ରାଜ୍ୟସଭା ସଂସଦୀୟ ଦଳ ନେତା ଡ. ସସ୍ମିତ ପାତ୍ର ସୂଚନା ଦେଇଛନ୍ତି।

ଅଧିବେଶନ ପୂର୍ବରୁ ମଙ୍ଗଳବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବିଜେଡି ଉପରୋକ୍ତ ପ୍ରସଙ୍ଗ ଉତ୍ଥାପନ କରିଛି। ଏନେଇ ଡ. ପାତ୍ର କହିଛନ୍ତି ଯେ ସର୍ବଦଳୀୟ ବୈଠକରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୨ଟି ପ୍ରମୁଖ ପ୍ରସଙ୍ଗ ଉତ୍ଥାପନ କରାଯାଇଥିଲା। ତାହା ହେଲା ରାଜ୍ୟରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବ୍ୟାପକ ସମସ୍ୟା ଓ ଅନ୍ୟଟି ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତି। ଓଡ଼ିଶାରେ ଚାଷୀମାନଙ୍କ ସହ ଚରମ ଅବହେଳା କରାଯାଉଛି। ମଣ୍ଡି ଖୋଲା ଯାଉନଥିବା ବେଳେ ଚାଷୀଙ୍କ ଧାନ ଉଠାଯାଉ ନାହିଁ। କ୍ୱିଣ୍ଟାଲ ପିଛା ୮ରୁ ୧୦ କେଜି ପର୍ଯ୍ୟନ୍ତ କଟନୀ ଛଟନୀ କରାଯାଉଛି। ସେହିପରି ଧାନର ଏମ୍‌ଏସ୍‌ପି ବାବଦରେ ୩୧୦୦ ଟଙ୍କା ଦେବା କଥା କୁହାଯାଉଥିବାବେଳେ ତାହା ସବୁ ଚାଷୀଙ୍କୁ ମିଳୁ ନାହିଁ। ଓଡ଼ିଶାରୁ ନିର୍ଦ୍ଧାରିତ ଧାନ ଉଠାଣ କୋଟାକୁ କମ୍ କରି ଦିଆଯାଉଛି। ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ସାର ମିଳୁନି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କ୍ଷତିପୂରଣ ମିଳୁନାହିଁ। ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ । କରି ମହିଳା ଅତ୍ୟାଚାର ପାଇଁ ଓଡ଼ିଶା ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଦୁର୍ନାମ ମୁଣ୍ଡେଇଲାଣି। ଏହାବ୍ୟତୀତ ଏଯାବତ୍ ଡବଲ ଇଞ୍ଜିନ ସରକାର ମହାନଦୀ ଓ ପୋଲାଭରମ ପ୍ରସଙ୍ଗର ସମାଧାନ କରିପାରିଲା ନାହିଁ। ଗତ ୧୦ ବର୍ଷ ହେଲା କୋଇଲା ରାଜଭାଗ ସଂଶୋଧନ ଦାବି ପୂରଣ ହେଉନାହିଁ। ୨୦୧୪ ମସିହାରେ ବିଜେପି ନିଜ ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ପ୍ରଦାନ ନେଇ ଉଲ୍ଲେଖ କରିଥିଲା। ମାତ୍ର ଏଯାଏଁ ଏହି ପ୍ରତିଶ୍ରୁତି ପୂରଣ ହେଲାନାହିଁ। ଯୋଗାଯୋଗ କ୍ଷେତ୍ରରେ ମଧ୍ୟ ଓଡ଼ିଶାରେ ଆଖିଦୃଶିଆ ଉନ୍ନତି ଏଯାଏଁ ପରିଲକ୍ଷିତ ହେଲା ନାହିଁ। ହାଇୱେ, ରେଳ, ଡିଜିଟାଲ ସଂଯୋଗ, ବ୍ୟାଙ୍କିଙ୍ଗ ଆଦି ସବୁ କ୍ଷେତ୍ରରେ ଓଡ଼ିଶାରେ କୌଣସି ସୁଧାର ଆସିପାରିଲା ନାହିଁ । ରାଜ୍ୟରେ ବେକାରୀ ହାର ବଢ଼ି ବଢ଼ି ଚାଲିଛି। ନିଯୁକ୍ତି ଆଶାୟୀ ଯୁବକ ଯୁବତୀମାନେ ହତାଶା ମଧ୍ୟରେ ଗତି କରୁଛନ୍ତି। ଏହି ସବୁ ପ୍ରସଙ୍ଗକୁ ବିଜେଡି ସଂସଦରେ ଦୃଢ଼ ଭାବରେ ଉତ୍ଥାପନ କରିବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି।

ସକାଳ
THE SAKALA


# ମଣ୍ଡି ସମସ୍ୟା ନେଇ ଚାଷୀଙ୍କ ରାସ୍ତାରୋକ

**ଯାଜପୁର, ୨୭।୧(ସମିସ)**



ଧାନ ମଣ୍ଡିରେ ହେଉଥିବା ବିଭିନ୍ନ ସମସ୍ୟାକୁ ନେଇ ତିନୋଟି ବ୍ଲକର ଚାଷୀମାନେ ମଙ୍ଗଳବାର ଦିନ ଯାଜପୁର-ପାଣିକୋଇଲି ରାସ୍ତାରେ କିଆନାଳୀକୂଳ ଛକରେ ଦୀର୍ଘ ସମୟ ରାସ୍ତାରୋକ କରିବା ସହ ରାସ୍ତା ଉପରେ ବସି ପ୍ରତିବାଦ କରିଥିଲେ। ମଣ୍ଡିରେ ଚାଷୀ ଉପଯୁକ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ଚାଷୀଙ୍କୁ ଟୋକନ ମିଳିବାରେ ସମସ୍ୟା ଦେଖା ଦେଇଛି। ମଣ୍ଡି ଖୋଲିବାକୁ ନେଇ ସମସ୍ୟା ଦେଖା ଦେଇଥିବାବେଳେ ମିଲର ୭/୮ କେଜି ଧାନ କଟନି ଛଟନି କରୁଥିବା ଚାଷୀ ପ୍ରତିବାଦ କରିଥିଲେ। ଜାଣିଶୁଣି ଚାଷୀଙ୍କୁ ଶୋଷଣ କରାଯାଉଛି। ଚାଷୀଙ୍କୁ ମିଳୁଥିବା ଟୋକନ ଅବଧିକୁ ୩୦ ଦିନ ବୃଦ୍ଧି କରାଯାଉ, ଝୋଟ ଅଖା ପରିବର୍ତ୍ତେ ଜରି ଅଖାରେ ଧାନକୁ ମିଲର ଗ୍ରହଣ କରୁ ବୋଲି ଚାଷୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ବଜାରରେ ଆବଶ୍ୟକ ପରିମାଣ ଝୋଟ ଅଖା ମିଳୁନଥିବାରୁ ଚାଷୀ ନାହିଁ ନଥିବା ହଇରାଣ ହେଉଛନ୍ତି। ଜିଲ୍ଲା ପ୍ରଶାସନର ବିଭାଗୀୟ ଅଧିକାରୀଙ୍କ ନିୟମକୁ ଜିଲାର ଧାନ ମିଲର ମାଲିକ ମାନୁନାହାଁନ୍ତି। ଅଧି ନିୟମ ଅନୁଯାୟୀ ଆଇନଗତ ଭାବେ ଜିଲ୍ଲାପାଳ ଅନ୍ୟ ଜିଲ୍ଲାର ମିଲରଙ୍କୁ ଧାନ କ୍ରୟ କରିବା ପାଇଁ ସୁଯୋଗ ଦେବାକୁ ଚାଷୀ ଅନୁରୋଧ କରିଥିଲେ। ଦୀର୍ଘ ସମୟ ପ୍ରତିବାଦ କଳାପରେ ଘଟଣା ସ୍ଥଳରେ ଯୋଗାଣ ବିଭାଗର କର୍ମକର୍ତ୍ତା ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ସହ ତାଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଜିଲାପାଳଙ୍କ ସହିତ ଆଲୋଚନା କରି ଚାଷୀଙ୍କ ଦାବି ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ପ୍ରତିବାଦ ସ୍ଥଳରେ ଯୋଗାଣ ବିଭାଗ କର୍ମକର୍ତ୍ତା ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଚାଷୀଙ୍କ ପ୍ରତିବାଦ ସ୍ଥଳରେ ଦିଗମ୍ବର କର, ଅକ୍ଷୟ ଦାସ, ବିଜୟ ଜେନା, ଗଙ୍ଗାଧର ନାୟକ, ରାଜକିଶୋର ସ୍ୱାଇଁ, ମାୟାଧର ସାହୁ, ପ୍ରଭାତ ପାଣିଗ୍ରାହୀ, ଚନ୍ଦ୍ର ନାରାୟଣ ସାହୁ ସମେତ ଯାଜପୁର, ଦଶରଥପୁର, ବିଞ୍ଝାରପୁର ଅଞ୍ଚଳର ଶତାଧିକ ଚାଷୀ ପ୍ରତିବାଦ କରିଥିଲେ।

## ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ



କବାଟବନ୍ଧ, ୨୭।୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁରସ୍ଥ ମୁକୁନ୍ଦ ପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ଆୟୋଜିତ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦଯାପିତ ହୋଇଯାଇଛି। ଏନଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଅଭିମନ୍ୟୁ ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଶିବିର ୭ ଦିନ ଧରି ଅନୁଷ୍ଠିତ ହୋଇଥିଲା। ମୋଟ ୫୨ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ରାଇଛନ୍ଦା ପଞ୍ଚାୟତ ତୋଟାସାହି ନିକଟରେ ଚାଲୁଥିବା ଏହି ଶୀତକାଳୀନ ସ୍ୱତନ୍ତ୍ର ଶିବିର କାର୍ଯ୍ୟକ୍ରମର ଉଦ୍‌ଯାପନି ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବ୍ଲକ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ତଥା ମୁଖ୍ୟବକ୍ତା ଭାବେ ସମାଜସେବୀ ଦିଲ୍ଲୀପ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ମିନତୀ ବିଶ୍ୱାଳ ଯୋଗଦେଇଥିଲେ। ଏହା ସହିତ କଲେଜ ପରିସର ସଫା କରିବା, ପରିଚ୍ଛନ୍ନତା ସଚେତନତା, ରାସ୍ତା ସଫା, ତମାଖୁ ବର୍ଜନ ସଚେତନତା ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଗତ ୨୦ ତାରିଖରେ କଲେଜ ଅଧ୍ୟକ୍ଷ ହେମନ୍ତ କୁମାର ଦାଶଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ଏହି ଶିବିରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଏନଏସ୍‌ଏସ୍ ସଂଯୋଜକ ପ୍ରଫେସର ବିଶ୍ୱମୋହନ ଜେନା, ଜିଲ୍ଲା ସଂଯୋଜକ, ସୁଦୀପ୍ତ ବିଶ୍ୱାଳ, ଅଧ୍ୟାପକ ଅରୁଣ ନାୟକ, ବିଭୂତି ଭୂଷଣ ମିଶ୍ର, ରଞ୍ଜନ କୁମାର ଦାଶ, ନିରାକାର ରଥ, ପ୍ରଦୀପ୍ତ କୁମାର ମିଶ୍ର, ସୁଶାନ୍ତ କୁମାର ପାତ୍ର ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ କାଠିନାଥ ସାହୁ ଉପସ୍ଥିତ ଥିଲେ।

## କୁଷ୍ଠ ରୋଗ ନିର୍ମୂଳନ ପାଇଁ ବୈଠକ

**ଯାଜପୁର, ୨୭।୧(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କୁଷ୍ଠ ନିରାକରଣ ପାଇଁ ଜିଲ୍ଲା ସଂଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ମୁଖ୍ୟ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଜିଲ୍ଲାର ଡାକ୍ତରମାନେ ଉପସ୍ଥିତ ଥିଲେ। କୁଷ୍ଠ ରୋଗ ନିରାକରଣ ପାଇଁ ତୃଣମୂଳ ସ୍ତରରେ ତଥା ଗ୍ରାମାଞ୍ଚଳରେ ଜନ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ନେଇ ଆଲୋଚନା ହୋଇଥିଲା। କୁଷ୍ଠ ରୋଗୀଙ୍କୁ ଘୃଣା ନକରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ଆପଣାଇବା ପାଇଁ ଲୋକଙ୍କୁ ଉତ୍ସାହିତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଥିଲେ। କୁଷ୍ଠ ରୋଗ ସମ୍ବନ୍ଧୀୟ ଭ୍ରାନ୍ତ ଧାରଣା ଓ ଭେଦଭାବ ଦୂର କରିବା ପାଇଁ ଚଳିତ ବର୍ଷ ୩୦ ଜାନୁଆରୀରୁ ୧୩ ଫେବୃଆରୀ ଯାଏଁ ସ୍ପର୍ଶ କୁଷ୍ଠ ରୋଗ ସଚେତନତା ଅଭିଯାନ ଆୟୋଜିତ ହେବ। ଏହି ଅଭିଯାନରେ କୁଷ୍ଠ ରୋଗ ସମ୍ପର୍କିତ ଜିଲ୍ଲାପାଳଙ୍କ ସଚେତନତା ବାର୍ତ୍ତା ଗ୍ରାମାଞ୍ଚଳରେ ପହଞ୍ଚିବା ସହ ଗ୍ରାମସଭା ମାଧ୍ୟମରେ କୁଷ୍ଠ ରୋଗୀଙ୍କ ଭେଦଭାବ ଦୂର କରିବା ପାଇଁ ପ୍ରୟାସ କରାଯିବ। ଏହାସହ କୁଷ୍ଠ ରୋଗାକ୍ରାନ୍ତ ରୋଗୀ, ଆଶା ଓ ଏଏନ୍‌ଏମ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଜାତୀୟ କୁଷ୍ଠ ରୋଗ ଦୂରୀକରଣ ପ୍ରୋଗ୍ରାମ ଅଧୀନରେ ଜିଲ୍ଲାରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏହାସହ ମହାତ୍ମା ଗାନ୍ଧୀଙ୍କ ସହିଦ ଦିବସ ଜାନୁଆରୀ ୩୦କୁ ଜାତୀୟ ଆଣ୍ଟି-ଲେପ୍ରୋସି ଦିବସ ଭାବେ ପାଳନ କରାଯିବ। ଏହି ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଡାକ୍ତରମାନେ କୁଷ୍ଠ ରୋଗ ନିରାକରଣ ଓ ଭେଦଭାବ ଦୂର କରିବା ପାଇଁ ଶପଥ ପାଠ କରିଥିଲେ।

## ତରତୋଟା ଗାଁରେ ଅଗ୍ନିକାଣ୍ଡ

**ଯାଜପୁର, ୨୭।୧(ସମିସ):** ଯାଜପୁର ବ୍ଲକ ସାନସୁଆର ପଞ୍ଚାୟତ ତରତୋଟା ଗ୍ରାମର ପଞ୍ଚାନନ ମହାପାତ୍ରଙ୍କ ଘରେ ଅଗ୍ନିକାଣ୍ଡ ଘଟିଛି। ଗତ ସୋମବାର ବିଳମ୍ବିତ ରାତିରେ ହଠାତ୍ ନିଆଁ ଲାଗି ଯାଇଥିଲା। ପରିବାର ଲୋକେ ତୁରନ୍ତ ପଦାକୁ ବାହାରି ଆସିଥିଲେ। ପଞ୍ଚାନନଙ୍କ ଘରକୁ ଲାଗି ଏକ ଗ୍ରୋସରୀ ଦୋକାନ ମଧ୍ୟ ଅଛି। ଦୋକାନ ଗୃହରେ ମଧ୍ୟ ନିଆଁ ଲାଗି ଯିବାରୁ ଦୋକାନର ପଇସା ବାକ୍ସରେ ନଗଦ ୫୦ହଜାର ଟଙ୍କା ଜଳି ଯାଇଥିବା କଥା ପଞ୍ଚାନନ କହିଛନ୍ତି। ପଞ୍ଚାନନ ନିଜ ଜୀବନକୁ ବାଜିରେ ଲଗାଇ ଘର ଭିତରୁ କିଛି ଅମଳ ଧାନ ଓ ଗାଈଗୋରୁଙ୍କୁ ଉଦ୍ଧାର କରିବା ସମୟରେ ସେ ମଧ୍ୟ ଗୁରୁତର ଆହତ ହୋଇ ନିକଟସ୍ଥ ମାର୍କଣ୍ଡପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

## ଦାନଗଦିରେ ମିଳିତ ଅଭିଯୋଗ ଶୁଣାଣି ଶିବିର

**ଦାନଗଦି, ୨୭।୧(ସମିସ) :** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଦାନଗଦି ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଅମ୍ବର କୁମାର କର ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ମୋଟ ୪୩ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୯ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୨ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଅନ୍ୟ ଅଭିଯୋଗ ପତ୍ର ଗୁଡିକୁ ବିଭାଗୀୟ ଅଧିକାରୀ ମାନେ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ, କଳିଙ୍ଗନଗର ସୁପ୍ରସନ ମଲ୍ଲିକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ସପନ କୁମାର ନନ୍ଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦାନଗଦି ପ୍ରଦୀପ କୁମାର ସେଠୀ, ତହସିଲଦାର, ଦାନଗଦି, ରଞ୍ଜିତ କୁମାର ମଲ୍ଲିକ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।




### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

## ଟଙ୍କା ଆଦାୟ ଅଭିଯୋଗକୁ ନେଇ ତୁମୁଳକାଣ୍ଡ

**ବିଞ୍ଝାରପୁର, ୨୭।୧(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁରସ୍ଥିତ ବରୁଣେଇ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଆୟୋଜିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଶେଷରେ ପ୍ରହସନର ରୂପ ନେଇଛି। ବିଞ୍ଝାରପୁର ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ଓ ସମଗ୍ର ଶିକ୍ଷା ବିଭାଗ, ଯାଜପୁରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ଉଦଘାଟନ କରିଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ସାଂସଦ ପ୍ରତିନିଧି ପୁରୁଷୋତ୍ତମ ବେହେରା, ଜିଲ୍ଲା ପରିଷଦ ସଭ୍ୟା ସୁନିତା ନାୟକ, ଅହଲ୍ୟା ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ମାଧବୀଲତା ସାହୁ, ଭାରପ୍ରାପ୍ତ ବିଡ଼ିଓ ଆକାଶ ପଟ୍ଟନାୟକ, ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ କ୍ଷିତିଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଭେଷଜ, କର୍ଣ୍ଣ-ନାସା-ଗଳା, ଦନ୍ତ, ଅସ୍ଥିଶଲ୍ୟ ଓ ମନୋବିଜ୍ଞାନ ମୋଟ ୫ଟି ବିଭାଗରେ ଦିବ୍ୟାଙ୍ଗ ଆଶାୟୀମାନଙ୍କର ପରୀକ୍ଷା-ନିରୀକ୍ଷା କରାଯାଇଥିଲା। ମୋଟ ୨୭୨ ଜଣ ଆଶାୟୀ ଦିବ୍ୟାଙ୍ଗ ଶିବିରରେ ପଞ୍ଜିକୃତ ହୋଇଥିଲେ। ତେବେ ଶିବିରରେ ପଞ୍ଜୀକରଣ ପାଇଁ ଅର୍ଥ ଆଦାୟ ହେଉଥିବା ଅଭିଯୋଗକୁ ନେଇ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଉଠିଥିଲା। ଅଭିଯୋଗ ଅନୁଯାୟୀ, ଅଣପଞ୍ଜିକୃତ ଆଶାୟୀ ଦିବ୍ୟାଙ୍ଗମାନଙ୍କୁ ପଞ୍ଜିକୃତ କରାଇଦେବା ନାମରେ ଜନସେବା କେନ୍ଦ୍ର ମାଧ୍ୟମରେ ପ୍ରତିଜଣଙ୍କଠାରୁ ୨୦୦ ଟଙ୍କା ଆଦାୟ କରାଯାଉଥିଲା। ଏହାକୁ ନେଇ ଆଶାୟୀ ଓ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା, ଫଳରେ ବହୁ ଆଶାୟୀ ପଞ୍ଜିକୃତ ହୋଇନପାରି ଫେରିଯାଇଥିଲେ। ଘଟଣା ସମ୍ପର୍କରେ ଅଭିଯୋଗ ପାଇ ବିଧାୟିକା ଶିବିର ସ୍ଥଳରେ ପହଞ୍ଚି ଜନସେବା କେନ୍ଦ୍ର ଉପରେ କଠୋର ଅସନ୍ତୋଷ ପ୍ରକାଶ କରିଥିଲେ। ତାଙ୍କ ସମ୍ମୁଖରେ ଜନସେବା କେନ୍ଦ୍ର ପରିଚାଳକ ୨୦୦ ଟଙ୍କା ନେଉଥିବା କଥା ସ୍ୱୀକାର କରିଥିଲେ। ଏହାକୁ ନେଇ ବିଧାୟିକା ବ୍ଲକ ଭାରପ୍ରାପ୍ତ ବିଡିଓ ଆକାଶ ପଟ୍ଟନାୟକଙ୍କୁ କୈଫିୟତ ମାଗି ସରକାରୀ କାର୍ଯ୍ୟକ୍ରମରେ ଜନସେବା କେନ୍ଦ୍ରକୁ ବସିବାକୁ କିଏ ଅନୁମତି ଦେଇଥିଲା ଓ ଅର୍ଥ ଆଦାୟ ପାଇଁ କାହାର ସ୍ୱୀକୃତି ଥିଲା ସେନେଇ ପ୍ରଶ୍ନ ଉଠାଇଥିଲେ। ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତର ସହ ନେଇ ତୁରନ୍ତ ତଦନ୍ତ କରାଯିବ ଏବଂ ଦୋଷୀଙ୍କ ବିରୋଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡ଼ିଓ ଶ୍ରୀ ପଟ୍ଟନାୟକ ସଫେଇ ଦେଇଥିଲେ। ଏହି ଘଟଣାକୁ ନେଇ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରହସନରେ ପରିଣତ ହୋଇଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।



### ଧର୍ମଶାଳା ବଜାରରେ ଚୋରି

## ଗୋଟିଏ ରାତିରେ ୧୦ରୁ ଊର୍ଦ୍ଧ୍ୱ ଦୋକାନରୁ ଲୁଟ୍

**ଧର୍ମଶାଳା, ୨୭।୧(ସମିସ):** ଧର୍ମଶାଳା ବଜାରରେ ଥିବା ଦୋକାନ ଗୁଡ଼ିକ ମଧ୍ୟରୁ ପାଖାପାଖି ୧୦ରୁ ଊର୍ଦ୍ଧ୍ୱ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ତେବେ ଚୋରି କରୁଥିବା ବେଳେ ଲୋକେ ଜଣଙ୍କୁ ଧରି ପୁଲିସ ଜିମା ଦେଇଥିଲେ। ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଧର୍ମଶାଳା ବଜାରରେ ଏକ ଦୋକାନ ମଧ୍ୟରେ ପଶି ଚୋରି କରୁଥିବା ସମୟରେ ଦୋକାନୀ ଖବର ପାଇ ଆସି ବାହାରୁ ଚାବି ପକାଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ସେଠାରେ ପହଞ୍ଚି ଉକ୍ତ ଯୁବକକୁ ଅଟକ ରଖି ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ଜଣକୁ ଧରିଥିଲା। ଦୁର୍ବୃତ୍ତମାନେ ସେହି ରାତିରେ ଧର୍ମଶାଳା ବଜରରେ ଥିବା ଏକାଧିକ ଦୋକାନରେ ପଶି ଚୋରୀ ଉଦ୍ୟମ କରିଥିଲେ। ଅଭିଯୋଗ ଆଧାରରେ ଧର୍ମଶାଳା ପୁଲିସ ୨୮/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ପୁଲିସ୍ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଚହଟା ଗ୍ରାମର ଅଭି ରାଉତ ପୁଅ ସନ୍ତୋଷ ରାଉତ ( ୩୦), ଚୋରମୁହାଁ ଗ୍ରାମର ଗୁରୁଚରଣ ବେହେରାଙ୍କ ପୁଅ ମନୋଜ ବେହେରା (୩୦) ଓ ଚହଟା ଗ୍ରାମର କପିଳ ମହାନ୍ତି ପୁଅ ସୁନିଲ ମହାନ୍ତି (୩୧)। ପୁଲିସ ଆଜି ତିନିଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ୨୯ ରୁ ବ୍ୟାସ ସରୋବର ମହୋତ୍ସବ

**ବ୍ୟାସନଗର, ୨୭।୧(ସମିସ):** ବ୍ୟାସ ସରୋବର ମେଳା ଏବେ ମହୋତ୍ସବରେ ପରିଣତ ହୋଇଥିବା ବେଳେ ଚଳିତ ବର୍ଷ ଏହାକୁ ସରସ ସୁନ୍ଦର କରାଯିବ ବୋଲି ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି। ବ୍ୟାସନଗର ପୌରନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ିଙ୍କ ଅଧ୍ୟକ୍ଷତାରେ ବ୍ୟାସନଗର ପୌର ପରିଷଦ ସଭାଗୃହରେ ମଙ୍ଗଳବାର ବ୍ୟାସ ମହୋତ୍ସବ ନେଇ ପ୍ରାକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ସୁବାସ ବଳ ଯୋଗ ଦେଇ ଚଳିତ ବ୍ୟାସ ମହେତ୍ସବକୁ ସରସ ସୁନ୍ଦର କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଚଳିତ ବର୍ଷ ମହୋତ୍ସବର ଅତିଥି ଏବଂ କାର୍ଯ୍ୟକ୍ରମ ଉପରେ ବିବରଣୀ ପ୍ରଦାନ କରିଥିଲେ। ଚଳିତ ବ୍ୟାସ ମହୋତ୍ସବରେ ପୌର ପରିଷଦ ପ୍ରାୟ ୪୫ ଲକ୍ଷରୁ ଅଧିକ ଅର୍ଥ ବ୍ୟୟ ନିମନ୍ତେ ଯୋଜନା କରିଥିବା ବେଳେ ପ୍ରାୟ ୩୭ ଲକ୍ଷ ୫୦ ହଜାର ଟଙ୍କାରେ ଇଭେଣ୍ଟ ମ୍ୟାନେଜମେଣ୍ଟ କରାଯିବା ନେଇ ଟେଣ୍ଡରରେ ଚୂଡ଼ାନ୍ତ ହୋଇଛି। ସେହିପରି ମହୋତ୍ସବରେ ପଡୁଥିବା ଦୋକାନୀମାନଙ୍କ ନିକଟରୁ ପ୍ରାୟ ୧୦ ଲକ୍ଷ ଆଦାୟ କରାଯିବାକୁ ପୌର ପରିଷଦ ଲକ୍ଷ୍ୟ ରଖିଛି। ତେବେ ଚଳିତ ଜାନୁଆରୀ ୨୯ ତାରିଖ ସକାଳ ସମୟରେ ପ୍ରସିଦ୍ଧ ଭୈମୀ ଏକାଦଶୀ ଦିନ ବ୍ୟାସ ମାରାଥନ ଟାଟା ଷ୍ଟିଲ ସହଯୋଗରେ କରାଯିବା ନେଇ ଚୂଡ଼ାନ୍ତ ହୋଇଛି।

ସେହିଦିନ ବ୍ୟାସ ସରୋବର ମେଳା ଆରମ୍ଭ ହୋଇ ପ୍ରାୟ ୧୧ ଦିନ ଧରି ଚାଲି ଫେବୃଆରୀ ୮ରେ ଉଦ୍‌ଯାପିତ ହେବ। ମହୋତ୍ସବରେ ଓଡ଼ିଶାର ନାମୀଦାମୀ ସାଂସ୍କୃତିକ ଅନୁଷ୍ଠାନ କାର୍ଯ୍ୟକ୍ରମ କରିବା ସହିତ ଦର୍ଶକଙ୍କ ମନୋରଞ୍ଜନ କରିବେ। ବିଭିନ୍ନ ଦିବସରେ ବିଭିନ୍ନ ରାଜନୈତିକ ଦଳର ମନ୍ତ୍ରୀ, ବିଧାୟକ, ସାଂସଦ, ପ୍ରତିନିଧିଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତି ଅତିଥି ଭାବେ ଯୋଗଦେବେ।



## ସୁକିନ୍ଦା ଅଞ୍ଚଳରେ ଦନ୍ତା ହାତୀ ଆତଙ୍କ



**ସୁକିନ୍ଦା, ୨୭।୧(ସମିସ):** ସୁକିନ୍ଦା ଅଞ୍ଚଳରେ ଦନ୍ତା ହାତୀ ଆତଙ୍କରେ ଲୋକେ ଆତଙ୍କିତ ହୋଇ ରହିଥିବା ଦେଖାଦେଇଛି। ଗତ ସୋମବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ସୁକିନ୍ଦା କଲେଜ ପଛପଟ ଦେଇ ରଥ ଦାଣ୍ଡରେ ବାହାରି ବ୍ରାହ୍ମଣଶାସନ ଭିତରେ ପଶି ଖଣି ଅଞ୍ଚଳ ଆଡକୁ ଚାଲିଯାଇଥିବା ଜଣାପଡ଼ିଛି। ହାତୀର କ୍ରମାଗତ ଚଳଚଳ ଫଳରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ବନ ବିଭାଗ କର୍ମଚାରୀ ଘଉଡାଇଥିଲେ। ଗତ ଏକ ମାସ ମଧ୍ୟରେ ଏହି ହାତୀ ଚତୁର୍ଥ ଥର ପାଇଁ ଗାଁ ଭିତରେ ପ୍ରବେଶ କରିଛି। ବନବିଭାଗ ପକ୍ଷରୁ ଲୋକମାନଙ୍କୁ ସତର୍କ ରହିବା ଓ ହାତୀ ପାଖକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଏହି ହାତୀ ଭୟରେ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

## ଟ୍ରେନ୍ ଲାଇନ୍‌ରେ କଟି ଯୁବକ ମୃତ

**କୁଆଳ, ୨୭।୧(ସମିସ):** ବାଲିଚନ୍ଦ୍ରପୁର ଥାନା ରୁକୁଟିପାଟ ଅଞ୍ଚଳର ଜଣେ ଯୁବକ ଟ୍ରେନ୍ ଲାଇନ୍‌ରେ କଟି ମୃତ୍ୟୁବରଣ କରିଛନ୍ତି। ହରିଦାସପୁର-ପାରାଦୀପ ରେଳ ଲାଇନର ବାଲିଚନ୍ଦ୍ରପୁର ଠାରେ ସ୍ଥାନୀୟ ରୁକୁଟିପାଟ ଅଞ୍ଚଳର ଗୌରାଙ୍ଗ ଦାସଙ୍କ ପୁଅ ଜ୍ୟୋତିରଞ୍ଜନ ଦାସ (୩୦) ଗତ ରାତିରେ ଅସାବଧାନତା ବଶତଃ ରେଳ ଲାଇନ ପାର ହେଉଥିବା ବେଳେ ତାଙ୍କୁ ଏକ ଟ୍ରେନ୍ ଧକ୍କା ଦେଇଥିଲା। ଫଳରେ ରେଳ ଲାଇନରେ କଟି ତାଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇଯିବା ଦ୍ୱାରା ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଜି ସକାଳୁ ଏହା ଜଣାପଡ଼ିବା ପରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ପରିବାର ଲୋକେ ମୃତ ଦେହକୁ ନିଜ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

## କାଟିଆଛକ ଦୋକାନରୁ ଚୋରି

**ମଙ୍ଗଳପୁର, ୨୭।୧(ସମିସ):** ଦଶରଥପୁର ବ୍ଲକର କାଟିଆ ଛକରେ ସୋମବାର ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ରଘୁନାଥ ସାହୁଙ୍କର ପାନ ଓ ଭେରାଇଟ ଦୋକାନରୁ କବାଟ ଭାଙ୍ଗି ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ସାମଗ୍ରୀ ସହ କିଛି ନଗଦ ଟଙ୍କା ଲୁଟି ନେଇଛନ୍ତି। ଏହି ଚୋରି ନେଇ ରଘୁନାଥ ମଙ୍ଗଳବାର ଦଶରଥପୁର ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ମଧ୍ୟାହ୍ନରେ ଘଟଣାସ୍ଥଳକୁ ପୁଲିସ କର୍ମଚାରୀ ଓ ଏସ୍‌ପିଙ୍କ କାର୍ଯ୍ୟାଳୟରୁ ସନ୍ଧାନୀ କୁକୁର ଆସିଥିଲେ। ସନ୍ଧାନୀ କୁକୁର ସନ୍ଦେହ କରି ଜଣେ ବ୍ୟକ୍ତିଙ୍କ ଘରକୁ ଯାଇଥିବା ବେଳେ ଉକ୍ତ ବ୍ୟକ୍ତି ଜଣକ ଘରେ ଉପସ୍ଥିତ ନଥିଲେ। ତେବେ ଏହି ବ୍ୟକ୍ତି ଜଣକୁ ଥାନାରେ ହାଜିର ହେବାକୁ ଥାନା ସୂତ୍ରରୁ ଜଣା ଯାଇଥିବା ବେଳେ ପୂର୍ବରୁ ଏହି ଦୋକାନରୁ ୩ ଥର ଚୋରି ହୋଇଥିବା ନେଇ ଦୋକାନ ମାଲିକ କହିଛନ୍ତି।

## ବଡ଼ଭାଇର ଦଶାହରେ ସାନ ଭାଇର ମୃତ୍ୟୁ

**ମଙ୍ଗଳପୁର, ୨୭।୧(ସମିସ):** ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତର ଜୁନିନ୍ଦା ଗ୍ରାମରେ ଏକ ଦୁଃଖଦ ଘଟଣା ଦେଖିବା ପାଇଁ ମିଳିଛି। ହଠାତ ବଡ଼ ଭାଇର ଦଶାହ ଦିନ ସାନ ଭାଇର ମୃତ୍ୟୁ ହୋଇଥିବା ଘଟଣା ଦେଖିବା ପାଇଁ ମିଳିଛି। ବଡ ଭାଇ ରମାକାନ୍ତ ସାହୁ (୯୨) ଙ୍କର ଦଶାହ ଦିନ (ସୋମବାର ) ସମ୍ପର୍କିୟ ସାନ ଭାଇ ଗୌତମ ସାହୁ (୫୧) ଙ୍କର ଦଶାହ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ହୃଦ ଘାତରେ ବିୟୋଗ ଘଟିଛି। ତେବେ ଏଭଳି ଏକ ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ରାଜନୈତିକ ଅକ୍ରୋଶରୁ ବିଜେଡି କର୍ମୀଙ୍କୁ ଆକ୍ରମଣ

**ଯାଜପୁର, ୨୭।୧(ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧର ପଞ୍ଚାୟତର ବିଜେଡି କର୍ମୀଙ୍କୁ ବିଜେପି କର୍ମୀଙ୍କ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଜମଧର ଗ୍ରାମର ବିଜୟ ବେହେରା ନିଜ ଗ୍ରାମର ଆଦର୍ଶ ବିଦ୍ୟାଳୟ ନିକଟରେ ଥିବା ଏକ ଦୋକାନରେ ଜଳଖିଆ ଖାଇବା ବେଳେ ହଠାତ୍ ସେହି ଗ୍ରାମର ୩ ଜଣ ବିଜେପି ସମର୍ଥକ ବ୍ୟକ୍ତି ରାଜେନ୍ଦ୍ର ସିଂହ, ଦେବେନ୍ଦ୍ର ପାତ୍ର ଓ ରୂପ ଦାସ ଜଳଖିଆ ଦୋକାନ ନିକଟରେ ପହଞ୍ଚି ବିଜୟଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। କ'ଣ ପାଇଁ ମୋତେ ଗାଳିଗୁଲଜ କରୁଛ ବୋଲି ପଚାରିବାରୁ ଜାତିଆଣ ଆକ୍ଷେପ କରି ତିନିଜଣ ମିଶି ଦୋକାନରୁ ଘୋଷାରି ଘୋଷାରି ନେଇ ରାସ୍ତା ଉପରେ ଗୋଇଠା, ବିଧା ଓ ଏକ ବାଉଁଶ କିଳାରେ ବାଡ଼େଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଅତ୍ୟଧିକ ମାଡ ଯୋଗୁଁ ଛାତିରେ ଯନ୍ତ୍ରଣା ହେବାରୁ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ପରେ ବିଜୟର ସ୍ତ୍ରୀ ମାନସୀ ବେହେରା ଏ ସମ୍ପର୍କରେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣା ଘଟିବାର ୩ ଦିନ ବିତିଥିଲା ବେଳେ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ମସୁଦପୁର ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ପାଣିକୋଇଲି, ୨୭।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ସାହାପୁର ପଳାଶ ବଣପଡ଼ିଆ ଠାରେ ୧୫ତମ ମସୁଦପୁର ପ୍ରିମିୟର ଲିଗ (ଏମପିଏଲ) ଉଦ୍‌ଘାଟିତ ହୋଇଛି। ୧୨ଟି ଦଳକୁ ନେଇ ଦିବାରାତ୍ରି ଏହି କ୍ରିକେଟ ପ୍ରତିଯୋଗିତାକୁ ଯାଜପୁରର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ମହାବୀର ଆଞ୍ଚଳିକ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୫ ଦିନ ବ୍ୟାପୀ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଉଦ୍‌ଘାଟନୀ ସଭା କ୍ଲବର ସଭାପତି ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା। ଯୁବନେତା ପ୍ରତାପ ମହାନ୍ତିଙ୍କ ନେତୃତ୍ୱରେ ଏମ୍‌ପିଏଲର ଚେୟାରମ୍ୟାନ ଶଶିକାନ୍ତ ମାଝୀ ବିବରଣୀ ପ୍ରଦାନ କରିଥିଲେ। ରମେଶ ସାହୁଙ୍କ ସଞ୍ଚାଳନାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ, କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ଦାସ, , ଭକ୍ତ ବତ୍ସଳ ସ୍ୱାଇଁ, ସୌଭାଗ୍ୟ ମହାନ୍ତି, ଅଦ୍ୱୈତ ଚରଣ ଦାଶ, ନାରୀନେତ୍ରୀ ତପସ୍ୱିନୀ ଶତପଥି ସମିତିସଭ୍ୟା ପୂର୍ଣ୍ଣିମା ମାଝୀ, ସୁଧାଂଶୁ ବରାଳ ପ୍ରମୁଖ ଯୋଗଦେଇଥିଲେ।





## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

# ଗଣତାନ୍ତ୍ରିକ ଯାତ୍ରାରେ ଯାଜପୁର ମାଟିର ଅବଦାନ ଅତୁଳନୀୟ





**ଯାଜପୁର,୨୭।୧(ସମିସ):** ଯାଜପୁର ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ କୁସୁମା ସମ୍ମୁଖ ପଡ଼ିଆରେ ପାଳିତ ହୋଇଯାଇଛି। ଏହି ଜାତୀୟ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଜାତୀୟ ପତାକା ଉତ୍ତୋଳନ ଓ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଜିଲ୍ଲାପାଳଙ୍କ ସହ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ନିଜ ଅଭିଭାଷଣରେ, ସମ୍ବିଧାନ ଆମ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧିବା ସହ ମୌଳିକ ଅଧିକାରକୁ ସୁରକ୍ଷା ପ୍ରଦାନ କରିଛି ବୋଲି କହିଥିଲେ। ଏହା ପରେ ମୁଖ୍ୟଅତିଥି ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସ୍ମାରକୀ ଟ୍ରଫି, ଉତ୍ତରୀୟ ଓ ମାନପତ୍ର ସହ ଗୋଟିଏ ଫଳ ଚାରା ବଣ୍ଟନ କରିଥିଲେ। ସମ୍ମିଳିତ ପରେଡ୍‌ରେ ସଶସ୍ତ୍ର ବାହିନୀ, ପୁଲିସ ବ୍ୟାଣ୍ଡ ପାର୍ଟି, ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟ, ଏନ୍‌ସିସି ସ୍କାଉଟ୍ ଓ ଗାଇଡ୍, ସିଭିଲିଆନ ଦଳଙ୍କୁ ନେଇ ମୋଟ ୫୨ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବାଳାଶ୍ରମ, କୁଷ୍ଠାଶ୍ରମ ଓ ଜେଲର ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ, ବସ୍ତ୍ର ଇତ୍ୟାଦି ବଣ୍ଟନ କରିବା ସହ ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ପୂର୍ବରୁ ମୁଖ୍ୟଅତିଥି କିଆନାଳୀ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି, ଗାନ୍ଧୀ ଛକ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀମାନେ ପ୍ରଭାତ ଫେରୀ କରିଥିଲେ। ୭୭ତମ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ଉପସଭାପତି ଗଣେଶ୍ୱର ବରାଳ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଉପଖଣ୍ଡ ପୁଲିସ ଅଧିକାରୀ, ଉପ ଆରକ୍ଷୀ ଅଧିକ୍ଷକ, ବିଭିନ୍ନ ବିଭାଗର ଅଧିକାରୀ, ଜିଲ୍ଲାର ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ଲୋକ ପ୍ରତିନିଧି, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ପ୍ରମୁଖ ଯୋଗ ଦେଇଥିଲେ। ଦିବସର ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

**ବିଞ୍ଝାରପୁର:** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଞ୍ଝାରପୁର ବ୍ଲକ ପରିସରରେ ବିଧାୟିକା ପ୍ରମିଳା ମଲ୍ଲିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ୍ ଇର୍ସାଦ, ବିଡିଓ ସହ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ବିଞ୍ଝାରପୁର ଥାନାରେ ଡିଏସ୍‌ପି ବାମଦେବ ନନ୍ଦ ଓ ଅଳକୁଣ୍ଡ ଥାନାରେ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ପତାକା ଉତ୍ତୋଳନ କରିଥଲେ। ମା' ତାରିଣୀ ଆଇଟିଆଇରେ ଅଧ୍ୟକ୍ଷ ଇଂ. ସୁଶାନ୍ତ ମିଶ୍ର, ସହକାରୀ ଆବାସ ପ୍ରଦ୍ୟୋଗ କାର୍ଯ୍ୟାଳୟରେ ଅଧ୍ୟକ୍ଷ ପ୍ରତୀକ ମିଶ୍ର ପତାକା ଉତ୍ତୋଳନ କରିଥିଲେ। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗରେ କନିଷ୍ଠ ଯନ୍ତ୍ରୀ ତୃପ୍ତାଞ୍ଜଳୀ ରଥ, ଜଳସମ୍ପଦ ବିଭାଗରେ ସହକାରୀ ଯନ୍ତ୍ରୀ ଚୈତନ୍ୟ ଜେନା, ପୂର୍ତ୍ତ ବିଭାଗରେ କନିଷ୍ଠ ଯନ୍ତ୍ରୀ ଧୀରେନ ନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗରେ କନିଷ୍ଠ ଯନ୍ତ୍ରୀ ସୁନାରାମ ସିଂ, ଉଠା ଜଳସେଚନ ବିଭାଗରେ କନିଷ୍ଠ ଯନ୍ତ୍ରୀ ସୁମନ୍ତ ମାଝୀ ଏବଂ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ପ୍ରାବନ୍ଧିକ ସଦାନନ୍ଦ ଦାସ ପତାକା ଉତ୍ତୋଳନ କରିଥିଲେ। ଏହା ସହ ବିଞ୍ଝାରପୁର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଆଶାଲତା ସାହୁ, ମାଁସଡା ପଞ୍ଚାୟତରେ କଳିକା ଦାସ, କଏଣା ରଘୁନାଥପୁର ପଞ୍ଚାୟତରେ ନିଶିପ୍ରଭା ଜେନା, ଅରେଇ ପଞ୍ଚାୟତରେ ସ୍ମୃତି ସମୀକ୍ଷା ମଲ୍ଲିକ, କପିଳା ପଞ୍ଚାୟତରେ ଦେବଦତ୍ତ ସେଠୀ, କଲ୍ୟାଣପୁର ପଞ୍ଚାୟତରେ ସୁଶ୍ରୀ ସଂଗୀତା ନାୟକ ଏବଂ ଖରିଆ ପ୍ରାଥମିକ କୃଷି ସମବାୟ ସେବା ସମିତିରେ ସମ୍ପାଦକ ସମୀର ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ।

**ସିଂହପୁର:** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଅଞ୍ଚଳରେ ୭୭ତମ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସିଂହପୁର ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚରେ ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ ସାମଲ ଓ ମେଘନାଥ ମହାଳିକ ପତାକା ଉତ୍ତୋଳନ କରିଥିଲେ। ସଂପାଦକ ସୁଶାନ୍ତ କୁମାର ନାୟକ, ନିରଞ୍ଜନ ଦାସ, ଘନଶ୍ୟାମ ଦାସ, କଳାକର ପାତ୍ର, ଅର୍ଜୁନ ଦାଶ, ଚନ୍ଦ୍ରଶେଖର ନାୟକ, ବ୍ୟବସାୟୀ ସଂଘର ସମ୍ପାଦକ ନିରଞ୍ଜନ ବେଉରିଆ ପ୍ରମୁଖ ଉପସ୍ଥିତ ଥିଲେ। ସିଂହପୁର କୃଷି ସେବା ସମବାୟ ସମିତିରେ ସାମ୍ବାଦିକ ଅନିରୁଦ୍ଧ ବେଉରିଆ ପତାକା ଉତ୍ତୋଳନ କରିଥିଲେ। ସଂପାଦକ ଉତ୍କଳ କୁମାର ସାମଲ, ସଭାପତି ବୈଷ୍ଣବ ଚରଣ ସାମଲ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସିଂହପୁର ଖରସ୍ରୋତା ମହାବିଦ୍ୟାଳୟରେ ଅଧ୍ୟକ୍ଷ ବ୍ରଜ କିଶୋର ସାହୁ ପତାକା ଉତ୍ତୋଳନ କରିଥିଲେ।





**ଧର୍ମଶାଳା:** ଧର୍ମଶାଳା ବ୍ଲକର କଦମପାଳ ପଞ୍ଚାୟତରେ ଉତ୍କଳମଣି ସମାଜସେବୀ ସଂଗଠନ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସକାଳ ସମୟରେ ପତାକା ଉତ୍ତୋଳନ କରାଯାଇଥିଲା। ଏହି ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ କଦମପାଳ ଗ୍ରାମର ପ୍ରାକ୍ତନ ଶିକ୍ଷକ ତଥା ସାହିତ୍ୟିକ ପ୍ରଭାକର ମଣ୍ଡଳ ଯୋଗ ଦେବା ସହିତ ନିଜର ବକ୍ତବ୍ୟ ଉପସ୍ଥାପନା କରିଥିଲେ। ପରେ ଉତ୍କଳମଣି ସମାଜସେବୀ ସଂଗଠନ ପକ୍ଷରୁ ସଭାପତି ସରୋଜ କୁମାର ମହାନ୍ତିଙ୍କ ଦ୍ୱାରା ଏକ ସମ୍ବର୍ଦ୍ଧନା ସଭା ଅପରାହ୍ନ ୩ ଘଟିକା ସମୟରେ କରାଯାଇଥିଲା। ଏହି ବୈଠକରେ ମୁଖ୍ୟଅତିଥି ଭାବରେ ଶ୍ରୀ ମଣ୍ଡଳ ଓ ମୁଖ୍ୟବକ୍ତା ଭାବେ ସମାଜସେବୀ ରଶ୍ମିତା ପ୍ରଧାନ, ସମ୍ମାନିତ ଅତିଥି ଭାବରେ ସନାତନ ପ୍ରଧାନ ଏବଂ କଦମପାଳ ପଞ୍ଚାୟତର ସରପଞ୍ଚ ସୁଶ୍ରୀ ତୃପ୍ତିଲତା ମହାନ୍ତି, ଶିଶିର କୁମାର ମହାନ୍ତି ଓ ବନମାଳୀ ଓଝା ମଧ୍ୟ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୁବ ଇଞ୍ଜିନିୟର ସୂର୍ଯ୍ୟକାନ୍ତ ଜେନା, ଶିକ୍ଷୟିତ୍ରୀ ସରୋଜିନୀ ଜେନା, ସମାଜସେବୀ ଶ୍ରଦ୍ଧାଞ୍ଜଳି ଜେନା, ବ୍ୟାଙ୍କମିତ୍ର ଗୀତାଞ୍ଜଳି ମହାନ୍ତି ଓ ଯୁବ ସମାଜସେବୀ ସୁଶାନ୍ତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ। ସଂଗଠନର ପରିଚାଳକ ସୁବାଷ ଚନ୍ଦ୍ର ପ୍ରଧାନ, ସମ୍ପାଦକ ସୁଶାନ୍ତ କୁମାର ଜେନା, ଶିବପ୍ରସାଦ ସେଠୀ ଓ କୋଷାଧ୍ୟକ୍ଷ ସୈନିକ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ଉତ୍କଳମଣି ସମାଜସେବୀ ସଂଗଠନର ସଭାପତି ସରୋଜ କୁମାର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ହରପ୍ରିୟା ମହାରଣା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟଅତିଥି ଭାବେ ବାବା ଭୈରାବନନ୍ଦ ମହାବିଦ୍ୟାଳୟର ପ୍ରାକ୍ତନ ବରିଷ୍ଠ ଅଧ୍ୟାପକ ଡ. ଯଚିନ୍ଦ୍ର କୁମାର ରାଉତ ଯୋଗଦେଇଥିଲେ।

**ମଙ୍ଗଳପୁର:** ସାଧାରଣତନ୍ତ୍ର ଦିବସ ଅବସରରେ ଦଶରଥପୁର ବ୍ଲକସ୍ଥ କମାରଡ଼ିହି ପାକ୍ସରେ ପାକ୍ସ ସଭାପତି ଭାଗୀରଥି ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ପାକ୍ସର ସମ୍ପାଦକ ସୁବାସ ନାୟକ, ସହସମ୍ପାଦକ ପ୍ରଦୀପ କୁମାର ନାୟକ, ଡାଟା ଏଣ୍ଟ୍ରି ଅପରେଟର ଦିବ୍ୟାସିଂ କର, ଉପସଭାପତି ସୁକାନ୍ତି ଦାସ, ସଭ୍ୟ ରାଜେନ୍ଦ୍ର ବିଶ୍ୱାଳ, ଜୟପ୍ରକାଶ ନାୟକ,ଚୌଧୁରୀ ଯେନା, ଶୈଳେନ୍ଦ୍ର ମହାପାତ୍ର, ହିମାଂଶୁ ନାୟକ, ରବୀନ୍ଦ୍ର ସାହୁ, ଅଲେଖ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁ, କୟାଁ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ମନ୍ଦାକିନୀ ମଲ୍ଲିକ, ଥାଲକୁଡ଼ି ସ୍ଥିତ ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ବିଜେପି ଉପସଭାପତି ପ୍ରଭାତୀ ସାହୁ, ବିଜେପି ଜିଲ୍ଲା ଉପସଭାପତି କମଳିନୀ ସାହୁ ଓ ୭ ନମ୍ବର ଜୋନର ପୂର୍ବତନ ମଣ୍ଡଳ ସଭାପତି ଶଶଧର ବେହୁରିଆ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ଦଳିତ ସେଲର ଉପସଭାପତି ଗୋପିନାଥ ଯେନା, ଯୁବନେତା ସନ୍ତୋଷ ରାୟ, ଲିଟନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳପୁର ଥାନା ପରିସରରେ ଆଇଆଇସି ଜଗଦୀଶ କର, ମଙ୍ଗଳପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଅମ୍ରିତା ପ୍ରିତମ ମଲ୍ଲ, ଦଶରଥପୁର ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ଆକାଶ ପଟ୍ଟନାୟକ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

**କୟାଁଗୋଳା:** ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତ ମନ୍ମଥ ଧଳ ଡିଗ୍ରୀ କଲେଜରେ ସାଧାରଣନ୍ତ୍ରଣ ଦିବସ ମହା ସମାରୋହ ପାଳନ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାମଲ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସଭାରେ ମୁଖ୍ୟଅତିଥି ରୂପେ ପୂର୍ବତନ ଆରଡିସି ଡ. ଅଲେଖ ଚନ୍ଦ୍ର ପଡ଼ିଆରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଶାସନିକ ସେବା ଅଧିକାରୀ ମହେନ୍ଦ୍ର କୁମାର ମଲ୍ଲିକ, ବୈଜ୍ଞାନିକ ଡ. ଶଶଧର ମେଦିନୀ ସିଂହ ମହାପାତ୍ର, ପ୍ରାଧ୍ୟାପକ ଭାଷାବିତ ପ୍ରଦୀପ୍ତ କୁମାର ବାରିକ ଯୋଗ ଦେଇଥିଲେ।

**ବରୁଆଁ:** ଯାଜପୁର ସଦର ଅଞ୍ଚଳରେ ଆନନ୍ଦ ଉଲ୍ଲାସର ସହ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଦର ଥାନାରେ ଥାନା ଅଧିକାରିଣୀ ଚିନ୍ମୟୀ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନରେ ଅଧ୍ୟକ୍ଷ ପଦ୍ମନ ଚରଣ ସେଠୀ, ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟ ସୁଜନ ପୁରରେ ଅଧ୍ୟାପକ ଗଣେଶ ଚନ୍ଦ୍ର ନାୟକ, ଓଡିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ଦିଲ୍ଲୀପ କୁମାର ସାହୁ,ଜଳ ସମ୍ପଦ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ସାହୁ, ବରୁଆଁ ପ୍ରାଥମିକ କୃଷି ସମବାୟ ସମିତିରେ ସଭାପତି ବ୍ରଜ କିଶୋର ପାଢୀ, ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ନାୟକ, ମହେଶ୍ୱର ପୁର ପଞ୍ଚାୟତରେ ସରପଞ୍ଚ ସୁଜିତ୍ କୁମାର ରାୟ, ଜମଧର ପଞ୍ଚାୟତରେ ସରପଞ୍ଚ ବାଦଲ ଖୁଣ୍ଟିଆ, ବରୁଆଁରେ ସରପଞ୍ଚ ଅନାହାର ବକ୍ଷନୋ ଓ ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ ବ୍ୟବସାୟ ପ୍ରତିଷ୍ଠାନରେ ଆନନ୍ଦ ଉଲ୍ଲାସ ମଧ୍ୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

**ବ୍ୟାସନଗର:** ସାଧାରଣତନ୍ତ୍ର ଦିବସ ପରିପ୍ରେକ୍ଷୀରେ ସିପିଆଇଏମ, ସିଆଇଟିୟୁ ଓ ବ୍ୟାସନଗର ମ୍ୟୁନିସିପାଲିଟି ସଫେଇ କର୍ମଚାରୀ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ସକାଳ ୮ ଘଟିକା ସମୟରେ ନେତାଜୀ ନଗର ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସିଆଇଟିୟୁ ଜିଲ୍ଲା ସଭାପତି ସାଥୀ ପ୍ରଫୁଲ୍ଲ ନାୟକ ଜାତୀୟ ପତାକା ଉତ୍ତୋଳନ କରିବା ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ପନି କିସ୍କୁ, ତ୍ରିଲୋଚନ ରାଉତ, ମାଳତୀ ହାଁସଦା, ସନ୍ତୋଷ ବରାଳ, ରଶ୍ମି ରେଖା ନାୟକ, ମନ୍ମଥ ରାୟ, ଜୟରାମ ମୁର୍ମୁ, ଲିଟା ଲାଗୁରୀ, ରଶ୍ମିତା ବିନ୍ଧାଣୀ, ମନ୍ମଥ ରାଉତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

**କାଳିଆପାଣି:** ସୁକିନ୍ଦା ବ୍ଲକ, ଚିଙ୍ଗୁଡ଼ିପାଳ ପଞ୍ଚାୟତର ପଡା ଗ୍ରାମ ''ନଗଡ଼ା'ରେ ମିଶନ୍ ଜ୍ୟୋତି ଟ୍ରଷ୍ଟ ପକ୍ଷରୁ ଏ ଥର ଗଣତନ୍ତ୍ର ଦିବସ ବେଶ ଧୁମଧାମରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ସମାଜସେବୀ ସୁବ୍ରତ ବାରିକ, ମେଘନାଦ ଜେନାଙ୍କ ସମେତ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସମାଜସେବୀ ଗଗନ ବିହାରୀ ପାଇଟାଳଙ୍କ ଦ୍ୱାରା ସଂଗୃହିତ ବସ୍ତ୍ର ମଧ୍ୟ ବଣ୍ଟନ କରାଯାଇଥିଲା। ଏଥିସହ ଅନୁଷ୍ଠାନ ପକ୍ଷରୁ ଗୁରୁବାରୀ ମାଉସୀଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ହୋଇ ଛୋଟ ପିଲାମାନଙ୍କ ପାଇଁ ସେଓ ବୁନ୍ଦୀ ବଣ୍ଟନ ସହ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଦମୟନ୍ତି ରଣା, ଡାକ୍ତର ଦୀପ୍ତିରଞ୍ଜନ କର, ରାଜେନ୍ଦ୍ର ମଲିକ୍, ସମାଜସେବୀ ରୁନି ପ୍ରଧାନଙ୍କ ସହଯୋଗ କରିଥିଲେ। ସମାଜସେବୀ ଅନିତା ନାୟକଙ୍କ ଦ୍ୱାରା ସଂଗୃହିତ କମ୍ବଳ ପ୍ରତ୍ୟେକ ପରିବାରଙ୍କୁ ବଣ୍ଟନ କରାଯାଇଥିଲା। ପ୍ରଦୀପ୍ତ ରାଉଳଙ୍କ ଦ୍ୱାରା ତଳଡ଼ିହରେ ୧୨ ଗୋଟି ପରିବାରକୁ ଏକ ମାସର ରାସନ ସାମଗ୍ରୀ ପ୍ରଦାନ ପ୍ରଦାନ କରାଯାଇଥିଲା।





**ବଡ଼ଚଣା:** ଯାଜପୁର ଜିଲ୍ଲାର ଅଗ୍ରଣୀ କ୍ରୀଡ଼ା ଓ ସାଂସ୍କୃତିକ ଅନୁଷ୍ଠାନ ଚଣ୍ଡିଖୋଲ ସ୍ପୋର୍ଟସ ଆଣ୍ଡ କଲ୍‌ଚରାଲ କ୍ଲବ୍ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସଭାପତି ଦେବରଞ୍ଜନ ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି, ଶ୍ରୀପତି ଜେନା, ପ୍ରଶାନ୍ତ କୁମାର ଜେନା, ସଂପାଦକ ଦେବେନ୍ଦ୍ର ବଳ, ଉପ ସଭାପତି ଶଶି ଭୂଷଣ ବେହୁରା,କୋଷାଧ୍ୟକ୍ଷ ଡମ୍ବରୁ ଧର ବାରିକ୍, ପୂର୍ବତନ ସଂପାଦକ ଅହେନ୍ଦ୍ର ମାହାଲ ଇନ୍ତେକାମ୍ ସଲାମ, ସେକ୍ ସାନ୍ୱାଜ୍ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ଚଣା କଂଗ୍ରେସ ଦଳ ତରଫରୁ ଦଳୀୟ ନେତା ଅଜୟ କୁମାର ସାମଲ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।

**କୁନ୍ଦଲ:** ପ୍ରେସ୍ କ୍ଲବ ବାଲିଚନ୍ଦ୍ରପୁର ପକ୍ଷରୁ ପ୍ରେସ୍ କ୍ଲବ କାର୍ଯ୍ୟାଳୟ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଅଛି। ସମାଜସେବୀ ଲକ୍ଷ୍ମୀଧର ପରମାଣିକ ସାଧାରଣତନ୍ତ୍ର ଦିବସ ଅବସରରେ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ପ୍ରେସ୍ କ୍ଲବର ସଭାପତି ପ୍ରକାଶ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ଉତ୍କଳ କେଶରୀ ସାମଲ, ପ୍ରବାସ କୁମାର ଦାଶ, ଚିତ୍ତରଞ୍ଜନ ସିଂହ ପ୍ରମୁଖ ସାଧାରଣତନ୍ତ୍ର ଦିବସ ଉପରେ ନିଜ ନିଜର ଅଭିଭାଷଣ ରଖିଥିଲେ।

**ବାଲିଚନ୍ଦ୍ରପୁର:** ପୁଷ୍ପଗିରି ପ୍ରେସ୍ ଫୋରମ୍ ତରଫରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପ୍ରେସ୍ ଫୋରମ୍‌ର ସଂପାଦକ ରାକେଶ କୁମାର ବାରିକ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକାରୀ ସଂପାଦକ ସତ୍ୟାନନ୍ଦ ମଲ୍ଲିକ, କୋଷାଧ୍ୟକ୍ଷ ନାରାୟଣ ସାହୁ,ଶୁଭକାନ୍ତ ସାହୁ,ନିବାରଣ ସାହୁ, ବିକାଶ ରଞ୍ଜନ ବଳ,ସଞ୍ଜୟ କୁମାର ବାରିକ,ସୁବ୍ରତ ମଲ୍ଲିକ, ରବିନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବଡଚଣା ଶିକ୍ଷା ମଣ୍ଡଳ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

**ପାଣିକୋଇଲି :** ପାଣିକୋଇଲିର ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଯାଜପୁର ଏସ୍‌ପି କାର୍ଯ୍ୟାଳୟ, ପାଣିକୋଇଲି ଥାନା, କୋରାଇ ପ୍ରେସ୍ କ୍ଲବ, ପଥରପଦା, ପାଣିକୋଇଲ. ଗୋଲେଇପୁର, କରଦା, ମୂଳାପାଳ, ଅମୃତିଆ ପଞ୍ଚାୟତ କାର୍ଯ୍ୟାଳୟ, ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି, ପାଣିକୋଇଲି ବିଦ୍ୟୁତ କାର୍ଯ୍ୟାଳୟ, ମା' ତାରିଣୀ ମହାବିଦ୍ୟାଳୟ, ପାଣିକୋଇଲି ହାଇସ୍କୁଲ, ବାଳିକା ହାଇସ୍କୁଲ, ଓଚିନ୍ଦା ଯୁଜିଏମଇ ସ୍କୁଲ, ପଥରପଦା ସ୍କୁଲ, ବିଦ୍ୟା ଆବାସିକ କଲେଜ, ନବୋଦୟ ବିଦ୍ୟାଳୟ, ସୁଭାଷ ବୋଷ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ, ମୂଳାପାଳ, ପାଣିକୋଇଲି, ଅମୃତିଆ ସରସ୍ୱତୀ ଶିଶୁ ମନ୍ଦିର, ବିଦ୍ୟାର୍ଥ ରେସିଡେଣ୍ଟାଲ ହାଇସ୍କୁଲ, ନେମ ଏଣ୍ଡ ଫେମ ପବ୍ଲିକ ସ୍କୁଲ, ମା' ତାରିଣୀ ଟ୍ୟାକ୍ସି ଓ ପିକଅପ ଆସୁସିଏସନ, ଦୁର୍ଗା କମିଟି, ଆମେ ଆପଣଙ୍କ ହେଲପିଙ୍ଗ ଗ୍ରୁପ, ଆମେ ବିପଦରେ ସାଥି ଓ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି।

**ଯାଜପୁର ଟାଉନ:** ଯାଜପୁରର ବରିଷ୍ଠ ନାଗରିକ ସଂଘ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘର ମିଳିତ ଆନୁକୂଲ୍ୟରେ ସଂଘର କାର୍ଯ୍ୟାଳୟ ଠାରେ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ବରିଷ୍ଠ ନାଗରିକ ସଂଘର ସଭାପତି ନୃସିଂହ ଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ପତରକା ଉତ୍ତୋଳନ କରିଥିଲେ। ସେହିପରି ଅନ୍ୱେଷଣ ଥିଏଟର ଗ୍ରୁପ ଯାଜପୁର ପୌରପାଳିକା ସପନପୁରସ୍ଥିତ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ସଂଗଠନ ସମ୍ପାଦକ ଧନଞ୍ଜୟ ପୃଷ୍ଟିଙ୍କ ସଭାପତିତ୍ୱରେ ପତାକା ଉତ୍ତୋଳନ କରାଯାଇଅଛି।

**ଦାନଗଦି:** କଳିଙ୍ଗନଗରସ୍ଥିତ ଟ୍ରେନିଂ ସେଣ୍ଟରର ଡିଇଟି ପଡିଆରେ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଟାଟା ଷ୍ଟିଲ୍ କଳିଙ୍ଗନଗରର ଭାଇସ ପ୍ରେସିଡେଣ୍ଟ (ଅପରେସନ୍ସ) ଉତ୍ତମ ସିଂ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ପରେଡ୍ ଏବଂ ସ୍ୱତନ୍ତ୍ର ''ମକ୍ ଡ୍ରିଲ୍' ଅନୁଷ୍ଠିତ ହୋଇଥିଲା। ଅନୁରୂପ ଭାବେ, ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନଆଇଏନଏଲ୍) ଏବଂ ଟାଟା ଷ୍ଟିଲ୍ ଡାଉନଷ୍ଟ୍ରିମ୍ ପ୍ରଡକ୍ଟସ୍ ଲିମିଟେଡ୍ (ଟିଏସଡିପିଏଲ) ଠାରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏନଆଇଏନଏଲ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପଦ୍ମପାଳ ଏବଂ ଟିଏସଡିପିଏଲ କଳିଙ୍ଗନଗରର ମୁଖ୍ୟ ରାଜେଶ ଚୌଧୁରୀ ନିଜ ନିଜ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଦାନଗଦୀ ବ୍ଲକ ଅନ୍ତର୍ଗତ ଟୋଲକାନୀ ସ୍ଥିତ ଝାଡେଶ୍ୱର ମହାବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଯୁକ୍ତ ୨ର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଦାନଗଦି ସ୍ଥିତ କଂଗ୍ରେସ କାର୍ଯ୍ୟଳୟରେ ଦଳର ବିଧାୟକ ପ୍ରାର୍ଥି ଇଂ. ବିଭୁ ଭୂଷଣ ରାଉତ ଜାତୀୟ ପତକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ମହେନ୍ଦ୍ର କୁମାର ଦାଶ, ବ୍ଲକ କଂଗ୍ରେସ ସଭାପତି ଦୟାନିଧି ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ଦାନଗଦି ବ୍ଲକ କାର୍ଯ୍ୟାଳୟ ପରିସରରେ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀ, ବିଡ଼ିଓ ପ୍ରଦୀପ କୁମାର ସେଠି,ବ୍ଲକ ଏ ବିଡ଼ିଓଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ବିଜେଡି କାର୍ଯ୍ୟାଳୟରେ ବ୍ଲକ ବିଜେଡି ସଭାପତି ଗୋପାଳ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିବା ବେଳେ ଜିଲ୍ଲାପରିଷଦ ସଭ୍ୟା ଶୁଚିସ୍ମିତା ବିଶ୍ୱାଳ, ପ୍ରଦୀପ କୁମାର ମହାନ୍ତି, ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ, ଲୋକନାଥ ଧୀରଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ।






# ସମ୍ପାଦକୀୟ



ବିଶ୍ୱରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ନିକଟରେ ଅଧିକ ସମୟ ଏବଂ ଅନେକ ଉପାଦାନ ଲୁଚି ରହିଥାଏ।

- ଓସ୍କାର ୱାଇଲ୍ଡ

ସକାଳ
THE SAKALA

## ଅପ୍ରସ୍ତୁତ ସଂଗଠନ ମୁଖିଆ

ରାଜ୍ୟରେ ଆଗୁଆ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ନେଇ ସୃଷ୍ଟି ହୋଇଥିବା ବିବାଦୀୟ ପରିସ୍ଥିତି ଓ ଦ୍ୱନ୍ଦ୍ୱର ଅବସାନ ଘଟିଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ସ୍ୱଷ୍ଟ ଘୋଷଣା ପରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ସେମାନଙ୍କ ୫ ବର୍ଷ କାର୍ଯ୍ୟକାଳ ପୂରଣ କରିପାରିବେ। କିନ୍ତୁ ବିଭିନ୍ନ ସ୍ଥାନରେ ଖାଲି ପଡ଼ିଥିବା ୧୦୪୩ ୱାର୍ଡମେମ୍ବର, ୪୩ ସରପଞ୍ଚ, ୪୦ ସମିତି ସଭ୍ୟ ଓ ୫ ଜିଲ୍ଲା ପରିଷଦ ସଦସ୍ୟ ପଦ କେବେ ପୂରଣ ହେବ ତାହା ସ୍ୱଷ୍ଟ ହୋଇନାହିଁ। ବର୍ଷାଧିକ କାଳ ଏହି ପଦ ଶୂନ୍ୟ ପଡ଼ିଥିବା ବେଳେ ତାହାର ପୂରଣ ସକାଶେ ଉପନିର୍ବାଚନର ଆବଶ୍ୟକତାକୁ ଆୟୋଗ ଏଡ଼ାଇ ଯାଇଛନ୍ତି। ତାଙ୍କ ବକ୍ତବ୍ୟରୁ କିନ୍ତୁ ସ୍ୱଷ୍ଟ ହେଉଛି ଯେ ଆଗାମୀ ପଞ୍ଚାୟତ ନିର୍ବାଚନ ପର୍ଯ୍ୟନ୍ତ ସେହି ପଦ ଖାଲି ପଡ଼ିବ। ଏକଥା ସତ ଯେ ମୁଖ୍ୟ ନିର୍ବାଚନ ଆୟୋଗ ଉପନିର୍ବାଚନ ପାଇଁ ପ୍ରୟାସ କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଘୋଷିତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରି ନେଇଥିଲେ। ଗତବର୍ଷ ଜୁନରେ ଏହି ଉପନିର୍ବାଚନ ହେବାର ଥିଲା, ସମ୍ଭାବ୍ୟ ମୌସୁମୀ ବର୍ଷା ଦର୍ଶାଇ ନିଷ୍ପତ୍ତି ବଦଳାଯାଇଛି। ଏମିତି ଦେଖିଲେ, ଗତ ବେଶ କିଛିବର୍ଷ ଧରି ରାଜ୍ୟରେ ମୌସୁମୀ ବର୍ଷା ଜୁନରେ ସେଭଳି ବିପର୍ଯ୍ୟୟ ସୃଷ୍ଟି କରିନାହିଁ। ଏକଥା ଆୟୋଗ ବେଶ ବୁଝିବିଚାରି ବିଜ୍ଞାପ୍ତି ଜାରି କରିଥିଲେ ନିଶ୍ଚୟ। ତେଣିକି କଣ ଅସୁବିଧା ହେଲା ତାହା ଭିନ୍ନ କଥା।

ଦେଶର ବିଭିନ୍ନ ରାଜ୍ୟରେ ଭୋଟର ତାଲିକାର ବ୍ୟାପକ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ଆମ ରାଜ୍ୟରେ ଏସଆଇଆର କାର୍ଯ୍ୟ ଆରମ୍ଭ ହୋଇଯିବାର ସୂଚନା ମିଳିଛି। ଯେତେଦୂର ମନେହୁଏ ଆଗକୁ ଯେକୌଣସି ନିର୍ବାଚନ ହେବ ସେହି ସଂଶୋଧିତ ଭୋଟରତାଲିକା ଆଧାରରେ କାର୍ଯ୍ୟକାରୀ ହେବ। ତେଣୁ ଉପନିର୍ବାଚନ ଓ ନିର୍ବାଚନ ମଧ୍ୟରେ ଯେଉଁ ସୀମିତ ସମୟ ପାର୍ଥକ୍ୟ ରହିବ ସେଥିରେ ପୁରୁଣା ଓ ନୂଆ ଭୋଟର ତାଲିକାର ଭେଦ ଧରାପଡ଼ିଯିବ ଏବଂ ତାହାକୁ ନେଇ ସମ୍ଭାବ୍ୟ ଜନଅସନ୍ତୋଷକୁ ଏଡ଼ାଇ ଯିବା ହିଁ ସବୁଠାରୁ ଚତୁରତାପୂର୍ଣ୍ଣ କାର୍ଯ୍ୟ। ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗ ସ୍ୱଷ୍ଟ କରିଛନ୍ତି ଆସନ୍ତା ବର୍ଷ ଜାନୁଆରୀ ମାସରେ ପଞ୍ଚାୟତ ନିର୍ବାଚନ ହେବ ଏବଂ ସେସମୟକୁ ଏସଆଇଆର ପ୍ରକ୍ରିୟା ପ୍ରାୟତଃ ଶେଷ ହୋଇଥିବ। ଏହି ବିବାଦ ବା ଦ୍ୱନ୍ଦ୍ୱର ସୂତ୍ରପାତ ହୋଇଥିଲା ବିଜେପି ରାଜ୍ୟ ସଭାପତିଙ୍କ ପକ୍ଷରୁ ଆଗୁଆ ନିର୍ବାଚନ ଇଙ୍ଗିତରୁ। ଦଳୀୟ ନେତା ଓ କର୍ମୀଙ୍କୁ ତୃଣମୂଳ ସ୍ତରରେ ପ୍ରସ୍ତୁତି ଆରମ୍ଭ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସ୍ୱାଭାବିକ ଭାବେ ଯେ କେହି ମନେ କରିବ ଯେ କ୍ଷମତାସୀନ ଦଳ ନିଶ୍ଚୟ ପ୍ରାକ୍ ସୂଚନା ପାଇ ଏହି ପ୍ରସ୍ତୁତି ପର୍ବ ଆରମ୍ଭ କରିଛନ୍ତି। ଯେଉଁଥି ସକାଶେ ଗୋଟିଏ ଦିନ ଅନ୍ତରରେ ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ପଞ୍ଚାୟତ ନିର୍ବାଚନ ସଂପର୍କରେ ସ୍ୱଷ୍ଟ ଘୋଷଣା କରିବାକୁ ପଡ଼ିଲା।

ଏତଦ୍ ବ୍ୟତୀତ ୨୦୨୭ ଫେବୃୟାରୀରୁ ରାଜ୍ୟରେ ଜନଗଣନା ଆରମ୍ଭ ହେଉଥିବାରୁ ସମ୍ଭାବ୍ୟ ପ୍ରତିବନ୍ଧକ ଦୃଷ୍ଟିରୁ ଏଭଳି ଏକ ବିଚାରର ଯଥାର୍ଥତା ମଧ୍ୟ ଥାଇପାରେ। କିନ୍ତୁ ସରକାରୀ ସ୍ତରରେ ନିର୍ବାଚନ ପରିଚାଳନା ପାଇଁ ଆଗୁଆ ପାଣ୍ଠି ବ୍ୟବସ୍ଥା ହୋଇନଥିବାରୁ ହଠାତ୍ ସାଂଗଠନିକ ମୁଖ୍ୟ ଆଗପଛ ନ ବିଚାରି ଏଭଳି ଡେଇଁ ପଡ଼ିବାକୁ ଅପରିପକ୍ୱତା କୁହାଯାଇପାରେ। ●

## ଭାରତର ଇରାନ ନୀତି ଅପରିବର୍ତ୍ତିତ

ପରିବର୍ତ୍ତିତ ବିଶ୍ୱ ଭୂରାଜନୈତିକ ଦୃଶ୍ୟପଟରେ ପ୍ରସଙ୍ଗଭିତ୍ତିକ ସମର୍ଥନ ଓ ବିରୋଧ କେତେବେଳେ କେଉଁ ଦିଗକୁ ଯାଉଛି ତାହାକୁ ପର୍ଯ୍ୟାଲୋଚନା କଲାବେଳେ ଯେ କେହି ଆଶ୍ଚର୍ଯ୍ୟଚକିତ ହେବ। ବିଶେଷକରି ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ସକାଶେ କ୍ଷେତ୍ର ପ୍ରସ୍ତୁତିରେ ଜାତିସଂଘ ମାନବାଧିକାର ପରିଷଦରେ ଆଗତ ପ୍ରସ୍ତାବର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବ ଏଥିରେ କାହାର ଦ୍ୱିମତ ହେବାର ନାହିଁ। ପରିଷଦର ୩୯ ତମ ଅଧିବେଶନରେ ଇରାନ ବିରୋଧୀ ପ୍ରସ୍ତାବ ଗୃହୀତ ହୋଇଛି। ସପକ୍ଷରେ ୨୫ ଭୋଟ ମିଳିଥିବା ବେଳେ ୧୪ ସଦସ୍ୟ ମତଦାନରୁ ବିରତ ରହିଛନ୍ତି। ବିରୋଧ କରିଥିଲେ ଭାରତ, ଚୀନ, ପାକିସ୍ତାନ, ଇରାକ ଓ ଇଣ୍ଡୋନେସିଆ ସମେତ ୮ ରାଷ୍ଟ୍ର। ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ନିଜର ପ୍ରାଧାନ୍ୟ ବିସ୍ତାର କରିବାରେ ପ୍ରମୁଖ ପ୍ରତିବନ୍ଧକ ଇରାନ ହୋଇଥିବା ବେଳେ ଆମେରିକା ସେଠାରେ ନେତୃତ୍ୱ ପରିବର୍ତ୍ତନ କରି ତାହାର ତୈଳସମ୍ପଦ ଅକ୍ତିଆର କରିବାକୁ ଚାହେଁ। ଗ୍ରୀନଲାଣ୍ଡ ପ୍ରସଙ୍ଗରେ ଟ୍ରମ୍ପଙ୍କ ଆଭିମୁଖ୍ୟକୁ ବିରୋଧ କରି ୟୁରୋପୀୟ ରାଷ୍ଟ୍ରସଂଘ ଓ ନାଟୋର ଅନ୍ୟ ସଦସ୍ୟମାନେ ଡାଭୋସ୍ ସମ୍ମିଳନୀରେ ଯେଉଁ ସ୍ୱତନ୍ତ୍ର ବିଚାର ଉପସ୍ଥାପନ କରିଥିଲେ ତାହା ଇରାନ କ୍ଷେତ୍ରରେ ପ୍ରତିଫଳିତ ହୋଇନାହିଁ। କାରଣ ମାନବାଧିକାର ପରିଷଦ ପ୍ରସ୍ତାବ ପ୍ରତି ୟୁରୋପୀୟ ରାଷ୍ଟ୍ରସଂଘର ସଦସ୍ୟ ରାଷ୍ଟ୍ର, ବ୍ରିଟେନ ଓ ଆଇଲାଣ୍ଡର ସମର୍ଥନ ମିଳିଛି।

ଇରାନ ମୁଦ୍ରାର ଦ୍ରୁତ ଅବମୂଲ୍ୟାୟନ ଘଟି ଦରଦାମ ବୃଦ୍ଧି ସୀମା ଅତିକ୍ରମ କରିଯିବାରୁ ତାହାର ତୀବ୍ର ପ୍ରତିବାଦ ଓ ବିକ୍ଷୋଭ ହୋଇଥିଲା। ପ୍ରାରମ୍ଭିକ ସ୍ତରରେ ସରକାର ପ୍ରତିବାଦର ଯଥାର୍ଥତା ଉପଲବ୍ଧି କରି ପରିସ୍ଥିତିକୁ ସୁଧାରିବା ଦିଗରେ କିଛି ପଦକ୍ଷେପ ଗ୍ରହଣ କରୁଥିବା ବେଳେ ହଠାତ୍ ହିଂସାକାଣ୍ଡ ଆରମ୍ଭ ହୋଇଯାଇଥିଲା। ଇରାନ ସରକାର ଏହାର ପୃଷ୍ଠଭାଗରେ ମୋସାଦ ଓ ଆଇଏସଆଇର ଭୂମିକା ଥିବା ଦର୍ଶାଇ କଠୋର ଦମନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ। ଫଳରେ ହଜାର ହଜାର ଲୋକ ମୃତାହତ ହେବା ସହ ବିପୁଳ ସଂଖ୍ୟାରେ ଲୋକଙ୍କୁ ଗିରଫ କରାଗଲା। ଦେଶରେ ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷା ଦୃଷ୍ଟିରୁ ଏହି କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା କେତେ ଦୂର ଥିଲା ତାହା ଭିନ୍ନ କଥା। କିନ୍ତୁ ଏଥିପାଇଁ ଯେ ଇରାନ ବହିଃଶକ୍ତିଙ୍କ ସାମରିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବ ତାହାର ଯଥାର୍ଥତା କେତେ? ଇରାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନର ପ୍ରସ୍ତୁତିପର୍ବ ଆରମ୍ଭ ହେବା ପରେ ହିଁ ଜାତିସଂଘର ଏହି ପ୍ରସ୍ତାବ ଗୃହୀତ ହୋଇଛି। ଦୁଇ ଘଟଣାକ୍ରମକୁ ସଂଯୋଗ କରି ବିଚାର କଲେ ସ୍ୱଷ୍ଟ ପ୍ରତୀୟମାନ ହୁଏ କି ଏହା ଏବେ ଉଦ୍ଦେଶ୍ୟମୂଳକ କାର୍ଯ୍ୟାନୁଷ୍ଠାନ। ଅଥଚ ଇରାନର ଚବାହାର ବନ୍ଦରରେ ଭାରତର ବିପୁଳ ନିବେଶ ଦୃଷ୍ଟିରୁ ବାସନ୍ଦ ବା କଟକଣା ମୁକ୍ତ ପାଇଁ ଆମେରିକା ସହ ନୂଆଦିଲ୍ଲୀ କଥାବାର୍ତ୍ତା ଜାରି ରହିଛି। ଏଭଳି ଏକ ସମ୍ବେଦନଶୀଳ କୂଟନୈତିକ ପରିସ୍ଥିତି ମଧ୍ୟରେ ଭାରତ ଇରାନ ସପକ୍ଷରେ ଭୋଟ ଦେଇଛି। ଭାରତ ମତରେ ଜାତିସଂଘ ମାନବାଧିକାର ପରିଷଦର ଏହି ସ୍ୱତନ୍ତ୍ର ଅଧିବେଶନର କୌଣସି ଆବଶ୍ୟକ ନଥିଲା। ୨୦୨୨ ରେ ମଧ୍ୟ ଅନୁରୂପ ପ୍ରସ୍ତାବ ଆଗତ ବେଳେ ଭାରତ ମତଦାନରୁ ବିରତ ରହିଥିଲା। ●

# ଅପହୃତ 'ଓ' ଏବଂ ଅଭିଷିକ୍ତ 'ବନାମ'

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଦୁଇଟି ଛୋଟ ଶବ୍ଦ - ଗୋଟିଏ ହେଉଛି 'ଓ', ଅନ୍ୟଟି ହେଉଛି 'ବନାମ'। 'ଓ' ଯୋଗ କରେ, ସଂପର୍କ ଯୋଡ଼େ, ସହବାସ ବା ସହାବସ୍ଥାନକୁ ସ୍ୱୀକାର କରେ, ଆପଣା ସାଙ୍ଗରେ ଅପରର ମିତ୍ରତା ବା ପରିଚିତିକୁ ପ୍ରତିଷ୍ଠା ଦିଏ। ଅପରପକ୍ଷରେ, 'ବନାମ' ଭେଦ ବା ବିରୋଧିତାକୁ ରେଖାଙ୍କିତ କରେ, ଗୋଟିଏ ଶିବିରକୁ ଦୁଇଟି ଶିବିରରେ ଭାଗଭାଗ କରିଦେବାର ସ୍ପର୍ଦ୍ଧିତ ଆଭାସ ଦିଏ ଏବଂ ଏମିତି କରି ତିକ୍ତବାଦାନୁବାଦ ପାଇଁ ମଞ୍ଚମାନ ସଜାଇ ଦେଇଥାଏ। ଆମର ଦୁର୍ଭାଗ୍ୟ, ଆଜି ଆମମାନଙ୍କ ଚିନ୍ତା, ଭାବନା, ଆମମାନଙ୍କ ନୀତି ଆଦର୍ଶ ସବୁଥିରୁ ଏହି ସୁନ୍ଦର, ନିର୍ମଳ 'ଓ' କୁ ଆମେ ନିର୍ବାସିତ କରିଦେଇଛେ ଏବଂ 'ବନାମ'କୁ ସଂଖୋଳି ଆଣିଛେ ଏକ ଦୁର୍ବୋଧ ଆଗ୍ରହାତିଶଯ୍ୟରେ, ଏକ ଉଗ୍ର ଉତ୍ତେଜିତ ମାନସିକତାର ସହ। ଆମେ ଆଜି ସବୁକିଛିକୁ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ, ପ୍ରତିସ୍ପର୍ଦ୍ଧୀ କରି ଠିଆ କରିଦେବା ପାଇଁ ନାନା ନଟକୂଟ କରିଚାଲିଛେ, ସବୁକିଛିକୁ 'ବନାମ'ର ବିଷମୟ ମାପଦଣ୍ଡରେ ମାପି ଚାଲିଛେ - ଏଇ ଯେମିତି: 'ମନୁଷ୍ୟ ବନାମ ପ୍ରକୃତି', 'ଧର୍ମ ବନାମ ବିଜ୍ଞାନ', 'ହିନ୍ଦୁ ବନାମ ମୁସଲମାନ ବା ଖ୍ରୀଷ୍ଟାନ', 'ବାମ ବନାମ ଦକ୍ଷିଣ'। ଏତିକିରେ ବି ସୀମିତ ଆଉ ଏବେ ନୁହନ୍ତି ଆଜିର 'ବନାମ'-ପ୍ରେମୀ ତଥାକଥିତ ବୁଦ୍ଧିଜୀବୀ ଓ ରାଜନେତାମାନେ। ଅମୂର୍ତ୍ତ ଭାବଭାବନା ପ୍ରତ୍ୟେକର ମଝିରେ 'ବନାମ'ଟି ଥାପି ଦେବାରେ ସନ୍ତୁଷ୍ଟ ନୁହନ୍ତି ସେମାନେ। ସେଥିପାଇଁ ଆଜି ଆମେ ଶୁଣିଚାଲିଛେ ବିଚାରବିମର୍ଶର ଅରୁଚିକର, ଅପ୍ରୀତିକର କୋଳାହଳ।

ଖୁବ୍ ସ୍ୱଷ୍ଟତାର ସହ ଆମେ କିନ୍ତୁ ବୁଝିସାରିଲେଣି ଯେ ଏଇ 'ବନାମ' ଦୃଷ୍ଟିକୋଣ ସୁସ୍ଥ ଆଲୋଚନାକୁ ସଂଘର୍ଷରେ, ସ୍ୱାଭାବିକ ଭିନ୍ନତାକୁ ଶତ୍ରୁତାରେ, ଉଦାର ଗଣତାନ୍ତ୍ରିକ ମତବାଦକୁ ଘୃଣା ଓ ବିଦ୍ୱେଷରେ ପରିଣତ କରିଦେଇଥାଏ। ଆମେ ଯେତେବେଳେ 'ବନାମ'ର ଭାଷାରେ ପ୍ରଗଳ୍‌ଭ ଯୁକ୍ତି, ପ୍ରତିଯୁକ୍ତି ବାଢ଼ିଥାଉ, ଯେତେବେଳେ ଗୋଟିଏର ବା ଜଣଙ୍କର ପକ୍ଷ ନେଲେ ହିଁ ଆମ ଶାସନତନ୍ତ୍ରର ପ୍ରୀତିବିଧାନ କରିପାରିବୁ ବୋଲି ଭାବିଥାଉ, ସେତେବେଳେ ଆମ ପାଇଁ ମୂଲ୍ୟହୀନ ହୋଇଯାଇଥାଏ ନ୍ୟାୟସଂଗତ ବିଚାରଶୀଳତା, ନିଷ୍ପାପ ବିଚାର ଉପସ୍ଥାପନା ଏବଂ ମୂଲ୍ୟହୀନ ବି ହୋଇଯାଇଥାଏ ସାମ୍ବିଧାନିକ ଆଦର୍ଶ ତଥା ମୂଲ୍ୟବୋଧ। ଘୋର ଦୁର୍ଭାଗ୍ୟ, ଆଜି ଧାର୍ମିକ, ସାଂସ୍କୃତିକ ଓ ରାଜନୈତିକ ଦୃଶ୍ୟପଟରେ 'ବନାମ'ର ଅନ୍ଧପ୍ରୟୋଗ ଯୋଗୁଁ ବିଦାୟ ନେଇ ସାରିଲାଣି ତର୍କସିଦ୍ଧ ପ୍ରତ୍ୟେକ ବ୍ୟାଖାନ। ବିଦାୟ ବି ନେଇ ସାରିଲାଣି ସହୃଦୟ, ସହନଶୀଳ ମାନବୀୟ ଅନ୍ତରଙ୍ଗତା। ନିର୍ବାଚନ ଆଜି ଚିହ୍ନଟର ଯୁଦ୍ଧ- କିଏ କାହା ବିରୋଧରେ। ଭୋଟରମାନେ ଆଜି ନାଗରିକ ନୁହନ୍ତି, ନିର୍ବାଚନର ରଣାଙ୍ଗନରେ ସେମାନେ ଗୋଟିଏ ଗୋଟିଏ ପକ୍ଷର ଉଦ୍‌ଭ୍ରାନ୍ତ ସୈନିକ ଭାବରେ ନିୟୋଜିତ। ନିର୍ଦ୍ଦିଷ୍ଟ ଏକ ମତବାଦ, ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଆଦର୍ଶର ସର୍ବଜନୀନ, ସର୍ବଭାରତୀୟ ପ୍ରତିଷ୍ଠା ପାଇଁ ଅନ୍ୟ 'ସର୍ବଜନହିତାୟ' ଆଦର୍ଶ ସବୁକୁ ନେଇ ସମ୍ବାଦ ନୁହେଁ, ବିତଣ୍ଡା ବିବାଦ କେବଳ ସୂତ୍ରପାତ କରିଚାଲିଛନ୍ତି ତୁଙ୍ଗସ୍ତରୀୟ ନେତା, ଉପନେତାମାନେ। ସମ୍ବାଦ ପାଇଁ, ନିରପେକ୍ଷ ବିଚାର ଆଲୋଚନା ପାଇଁ 'ଓ' ର ଆବଶ୍ୟକତା; କିନ୍ତୁ ବିତଣ୍ଡା ବିବାଦ ପାଇଁ 'ବନାମ' ହିଁ ଲୋଡ଼ା।

ଅତୀତରେ ଏଇ 'ବନାମ' ବିଚାରଣାଟି ଯେ ଆଦୌ ନଥିଲା, ତାହା ନୁହେଁ। ତେବେ ଏକଥା ନିଶ୍ଚୟ ସତ୍ୟ ଯେ ବର୍ତ୍ତମାନର ପାଣିପାଗରେ ଏଇଟି ଏକପ୍ରକାର ଇଷ୍ଟପୂଜନ ପରି ମହତ୍ତ୍ୱ ଲାଭ କରିସାରିଲାଣି ଆମ ପୁରୋହିତମାନଙ୍କ ଆଚରଣ, ଉଚ୍ଚାରଣରେ ଏବଂ ବଶମ୍ବଦ ଯଜମାନମାନଙ୍କ ଚିନ୍ତନ କ୍ଷେତ୍ରରେ। ସବୁଠାରୁ ପ୍ରଦୂଷିତ ହୋଇଚାଲିଛି ଆମର ଧର୍ମ, ଆମର ଧାର୍ମିକ ଚିନ୍ତା ଚେତନା ଓ ଦୃଷ୍ଟିକୋଣ। ଧର୍ମର ସାର ଅର୍ଥ ଆଉ 'ବସୁଧୈବ କୁଟୁମ୍ବକମ୍' ନୁହେଁ, 'ସହନାଭବତୁ, ସହନୌଭୁନକ୍ତୁ, ସହବୀର୍ଯ୍ୟଂ କରବାବହେ' ନୁହେଁ। ଏହା ଏବେ ଭେଦ, ବିରୋଧିତା ଓ ସଂଘର୍ଷର ବାରୁଦଗୋଳା। 'ଧର୍ମ ବନାମ ଧର୍ମ'ର ବିଦ୍ୱେଷଭରା କୋଳାହଳ ଭିତରେ ହଜିଯାଇସାରିଲାଣି ମହାନ୍ ଭାରତୀୟ ସନାତନୀ ପରମ୍ପରାର 'ଯେତେ ମତ, ସେତେ ପଥ' ଏବଂ 'ଏକମ୍ ସତ୍, ବିପ୍ରା ବହୁଧା ବଦନ୍ତି' ପରି ଆର୍ଷବାକ୍ୟମାନ।

ଭାରତୀୟ ଜ୍ଞାନପାଠ ଓ ବିଚାରବିମର୍ଶ ପରମ୍ପରାରେ ସର୍ବଦା ସମଦୃଷ୍ଟି, ସମଚିନ୍ତନ ଏବଂ ସମନ୍ୱିତ ଭିନ୍ନତାକୁ ଆବଶ୍ୟକ ମହତ୍ତ୍ୱ ଦିଆଯାଇଥିଲା। ଭାରତୀୟ ଧର୍ମଦର୍ଶନପାଠରେ 'ଓ' ସର୍ବଦା ସୂଚିତ କରୁଥିଲା 'ଭିନ୍ନ ପଥ', 'ଭିନ୍ନ ମତ' ପ୍ରତି ସମ୍ମାନ ତଥା ଅଙ୍ଗୀକାରବଦ୍ଧତାକୁ; ଆମକୁ ସର୍ବଦା ସ୍ମରଣ କରାଇ ଦେଉଥିଲା ଯେ 'ସତ୍ୟ'ର ଦିଗନ୍ତ ଅନନ୍ତ ଏବଂ ସେଥିପାଇଁ ଏହାର ପରିପ୍ରକାଶର, ଏହାର ଅବଧାରଣାର ଭାଷା ଓ ମାର୍ଗ ମଧ୍ୟ ଅସୀମିତ। ଯେଉଁ ସନାତନ ଦର୍ଶନ ଓ ଉପନିଷଦୀୟ ଚିନ୍ତାଧାରାରେ ଧର୍ମର ଅର୍ଥ ଥିଲା ମାନବୀୟ ଚେତନାରେ ଅସୀମ, ଅନନ୍ତ ପ୍ରତି ଉନ୍ମୁଖତା ଜାଗରିତ କରିବା, ସେହି ଧର୍ମ ଆଜି ଆମକୁ ସଂକୀର୍ଣ୍ଣ ଧର୍ମାନ୍ଧତାର ଅନ୍ଧାର ମଧ୍ୟକୁ ନିକ୍ଷେପ କରିସାରିଲାଣି। ଏ ଜୀବନ ଓ ଜଗତର ଅପରିମେୟ ଜଟିଳତା, ଅପରିସୀମ ରହସ୍ୟ ପ୍ରତି ଏକ ବିନମ୍ର, ସଂଭ୍ରମ ଆଭିମୁଖ୍ୟ ପୋଷଣ କରିବାର ମାଧ୍ୟମ ଥିଲା 'ଆସ୍ଥା ଓ ଧାର୍ମିକତା'। ମାତ୍ର ଆଜି ଏହା ଅନୁଦାରତା, ଅସହିଷ୍ଣୁତା ଓ ବହୁସଂଖ୍ୟକବାଦ-ଭିତ୍ତିକ ଅସ୍ମିତାବୋଧର ମାଧ୍ୟମ ପାଲଟି ସାରିଲାଣି।

କେଉଁ ଧର୍ମ, କେଉଁ କର୍ମ, କେଉଁ ଆଦର୍ଶ ଶ୍ରେୟସ୍କର କି ନୁହେଁ, ସେହି ପ୍ରସଙ୍ଗ ସଂପର୍କିତ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କବି 'ରୁମି' ଚମତ୍କାର କାବ୍ୟିକ ମନ୍ତବ୍ୟଟିଏ ଦେଇଥିଲେ: 'କେଉଁଟା ଠିକ୍, କେଉଁଟା ଭୁଲ, କ'ଣ ଶ୍ରେୟସ୍କର ଓ କ'ଣ ଶ୍ରେୟସ୍କର ନୁହେଁ - ଏମିତି ଭାବନାର ଊର୍ଦ୍ଧ୍ୱରେ ଅନ୍ୟ ଯେଉଁ ସୁନ୍ଦର, ବିସ୍ତୀର୍ଣ୍ଣ କ୍ଷେତ୍ରଟି ରହିଛି, ଚାଲ ସେଇଠି ଆମେ ପରସ୍ପରକୁ ଭେଟିବା; ସେଇଠି ଚେତନାର ଯେଉଁ ନିତ୍ୟରାସ ଚାଲିଛି, ସେଇଥିରେ ଅବଗାହନ କରିବା'। ହାୟ! ଆଜି ଆମମାନଙ୍କୁ ଏମିତି ଉଦ୍‌ବୁଦ୍ଧ କରିବାର ସତ୍‌ପ୍ରତିଭା କାହାର ଅଛି?

ଏହି ବିମର୍ଷକର ପରିସ୍ଥିତିରୁ ମୁକ୍ତି ପାଇଁ ଆମର ଲୋଡ଼ା ନୂଆ ବ୍ୟାକରଣ, ନୂଆ ସମୀକରଣ - ଯେଉଁଠି କେବଳ ଥିବ 'ଓ'; କିନ୍ତୁ 'ବନାମ' ନୁହେଁ। 'ଓ' ଦୁର୍ବଳତା ନୁହେଁ, ଏହା ଗଭୀର ଆତ୍ମବିଶ୍ୱାସର ଚିହ୍ନ। ମହାତ୍ମା ଗାନ୍ଧୀ କେବଳ ନୁହନ୍ତି, ଆମ ବରେଣ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ ନେହେରୁ, ପଟେଲ ଓ ସୁଭାଷ ପ୍ରତ୍ୟେକ ସେଇଥିପାଇଁ ଧର୍ମ, ସଂସ୍କୃତି, ରାଜନୀତି ତଥା ମୂଲ୍ୟବୋଧ ସବୁର ଅନୁସରଣ, ଅନୁଶୀଳନ କିମ୍ବା ବ୍ୟାଖାନ କରୁଥିଲେ ଏଇ 'ଓ' ର ଭାଷାରେ: ଏଇ ଯେମିତି - 'ଆମେ ଓ ସେମାନେ', 'ଆମ ଧର୍ମ ଓ ସେମାନଙ୍କ ଧର୍ମ', 'ଆମ ଆଚାର-ବିଚାର-ଆଦର୍ଶ-ଦର୍ଶନ ଏବଂ ସେମାନଙ୍କ ଆଚାର-ବିଚାର-ଆଦର୍ଶ-ଦର୍ଶନ'। ଏଇଠି ତେଣୁ ଆଫ୍ରିକୀୟ ଜନଜାତିମାନଙ୍କ 'ଉବୁଣ୍ଟୁ'ର ଆଦର୍ଶ ଖୁବ୍ ଉଲ୍ଲେଖନୀୟ ନିଶ୍ଚୟ। ଏ ଆଦର୍ଶଟି କେବେହେଲେ ପଚାରି ନଥାଏ - କିଏ ବା କେଉଁଟା ଠିକ୍ କି ଭୁଲ; ପଚାରିଥାଏ କେବଳ କେଉଁଟି ହେଉଛି ପାରସ୍ପରିକ ସଦିଚ୍ଛା, ସହଯୋଗ ଓ ସହାବସ୍ଥାନର ମାର୍ଗ। 'ଉବୁଣ୍ଟୁ' ଆମକୁ ସର୍ବଦା ସ୍ମରଣ କରାଇଦେଇଥାଏ 'ଆମେ ଅଛୁ, ସେମାନେ ଅଛନ୍ତି', 'ସେମାନଙ୍କ ବିଜୟ ଆମର ବିଜୟ ଏବଂ ସେମାନଙ୍କ ପରାଭବ ଆମର ପରାଭବ'।

ଯିଏ ଭୀରୁ, ଦୁର୍ବଳମନା ଓ ଜ୍ୱରାକ୍ରାନ୍ତ ସ୍ୱାର୍ଥପରତାରେ ପୀଡ଼ିତ, ସିଏ କଳହ, ବିବାଦ, ସଂଘର୍ଷରେ ରତ ହୋଇଥାଏ। କାରଣ ସଂପର୍କ ଗଢ଼ିପାରିବାର କଳାକୌଶଳ ସେ ଜାଣେ ନାହିଁ। ଜାଣେ ନାହିଁ କେଉଁ ଭାବରସରେ ତୋଳା ହୋଇଥାଏ ମାନବୀୟ ସଂପର୍କ-କୋଣାର୍କ। ସେ ଜାଣେ ନାହିଁ ଯେ 'ନ୍ୟାୟ' ହୃଦୟ ପରିବର୍ତ୍ତନର ଭାଷା କହେ, ପୁନଃଆସ୍ଥା ସ୍ଥାପନର, ପୁନଃବିନ୍ୟାସର ଭାଷା କହେ, ପ୍ରତିଶୋଧର ଭାଷା ନୁହେଁ ଏବଂ ରାଜନୀତି କହେ ସର୍ବଜନକଲ୍ୟାଣର ଭାଷା, ବହୁସଂଖ୍ୟକଙ୍କ କଲ୍ୟାଣ କେବଳ ମାତ୍ର ନୁହେଁ। ପ୍ରକୃତ ଶାନ୍ତି, ସଂହତି ଆଦୌ ଲୋଡ଼ି ନ ଥାଏ ନୀରବ ବଶମ୍ବଦତା, ବିଚାରହୀନ ସମର୍ପଣ; ଲୋଡ଼ିଥାଏ ଭିନ୍ନମତ, ଭିନ୍ନ ଆଦର୍ଶ ମଧ୍ୟରେ ଥିବା ମଧ୍ୟମ ମାର୍ଗ। ଭିନ୍ନତାର ସକଳ ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ ଅତୁଟ ରଖି ଐକ୍ୟର ଇସ୍ତାହାର ଯିଏ ଲେଖିପାରେ, ସେ ହିଁ ଲାଭ କରିଥାଏ 'ଗାନ୍ଧୀତ୍ୱ'। ଆଉ କେଉଁ ଘୃଣାରଂଜିତ 'ତ୍ୱ' ବା 'ତତ୍ତ୍ୱ' କସ୍ମିନ୍‌କାଳେ ଲୋଡ଼ି ନଥାଏ ସେ। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଶିକ୍ଷକଙ୍କ ଧର୍ମ ଓ ଆଧୁନିକତାର ମୋହ

ଅଖିଳ ତରାଇ

ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ 'ସାକ୍ଷାତ ପରଂବ୍ରହ୍ମ' ବୋଲି କୁହାଯାଇଛି। ଶିକ୍ଷକ ହେଉଛନ୍ତି ସେହି ଆଲୋକବର୍ତ୍ତିକା, ଯିଏ ଅଜ୍ଞାନତାର ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ବିଚ୍ଛୁରିତ କରନ୍ତି। ଶିକ୍ଷକଙ୍କର ପ୍ରକୃତ ଧର୍ମ କେବଳ ପାଠ୍ୟପୁସ୍ତକର ସୀମିତ ଜ୍ଞାନ ବାଣ୍ଟିବା ନୁହେଁ, ବରଂ ଜଣେ ଶିକ୍ଷାର୍ଥୀକୁ ନୈତିକତା, ମାନବିକତା ଓ ସାମାଜିକ ଦାୟିତ୍ୱବୋଧରେ ସଜ୍ଜିତ କରି ଜଣେ 'ଭଲ ମଣିଷ' ଭାବେ ଗଢ଼ିତୋଳିବା। କିନ୍ତୁ ଆଜିର ପରିବର୍ତ୍ତିତ ସମୟଖଣ୍ଡରେ ଶିକ୍ଷାଦାନର ଏହି ପବିତ୍ର ବ୍ରତ କେଉଁଠି ନା କେଉଁଠି ବ୍ୟକ୍ତିଗତ ପ୍ରଚାର ଓ ପ୍ରସାରର ଅନ୍ଧକାର ଗଳିରେ ହଜିଯିବାକୁ ବସିଲାଣି।

ଡିଜିଟାଲ ବିପ୍ଳବ ଶିକ୍ଷା କ୍ଷେତ୍ରରେ ଅନେକ ସୁଯୋଗ ଆଣିଛି ସତ, କିନ୍ତୁ ଏହା ସହିତ ଆଣିଛି 'ଆତ୍ମପ୍ରଚାର'ର ଏକ ବିଷାକ୍ତ ପ୍ରତିଯୋଗିତା। ଜଣେ ଆଦର୍ଶ ଶିକ୍ଷକଙ୍କ ପାଇଁ ଛାତ୍ରର ଉନ୍ନତି ହିଁ ପ୍ରକୃତ ପୁରସ୍କାର। କିନ୍ତୁ ବର୍ତ୍ତମାନ ସାମାଜିକ ଗଣମାଧ୍ୟମ ପ୍ରଭାବରେ ଅନେକ ଶିକ୍ଷକ 'ଲାଇକ୍' ଓ 'ଭ୍ୟୁଜ୍'ର ମାୟାଜାଲରେ ଛନ୍ଦି ହୋଇପଡ଼ିଛନ୍ତି। ଅବଶ୍ୟ ଶିକ୍ଷାଦାନ ସରଳ ଓ ସହଜ ହେବା ଜରୁରୀ। କିନ୍ତୁ ଯେତେବେଳେ ଶିକ୍ଷକ ଜଣକ ଛାତ୍ରର ସନ୍ଦେହ ଦୂର କରିବା ଅପେକ୍ଷା ନିଜ ଭିଡିଓରେ କେତେ 'ଭ୍ୟୁ' ଓ 'ଲାଇକ୍' ଆସିଲା ସେଥିପାଇଁ ଚିନ୍ତିତ ରୁହନ୍ତି, ସେତେବେଳେ ଶିକ୍ଷକତାର ଗରିମା କ୍ଷୁଣ୍ଣ ହୁଏ। ଶିକ୍ଷକମାନେ ଆଜି ଶ୍ରେଣୀଗୃହର ସେହି ଦୁର୍ବଳ ପିଲାଟିର ହାତ ଧରିବା ଅପେକ୍ଷା ନିଜର 'ଫଲୋଅର୍ସ' ବଢ଼ାଇବାକୁ ଅଧିକ ପ୍ରାଥମିକତା ଦେଉଛନ୍ତି।

କେବଳ ଶ୍ରେଣୀଗୃହ କାହିଁକି, ଏହି ପ୍ରଚାରର ନିଶା ଆଜି ଖେଳପଡ଼ିଆକୁ ମଧ୍ୟ କବଳିତ କରିସାରିଲାଣି। ଆମର ଅନେକ ଖେଳ ଶିକ୍ଷକ ବା ପ୍ରଶିକ୍ଷକ (କୋଚ୍) ଅଛନ୍ତି, ଯେଉଁମାନଙ୍କ ଉପରେ ଦେଶର ଭବିଷ୍ୟତ ଖେଳାଳି ଗଢ଼ିବାର ଗୁରୁଦାୟିତ୍ୱ ନ୍ୟସ୍ତ। କିନ୍ତୁ ବାସ୍ତବତା ହେଉଛି, ଅନେକ କ୍ରୀଡ଼ା ଶିକ୍ଷକ ପିଲାଙ୍କୁ ଭଲ ପ୍ରଶିକ୍ଷଣ ଦେଇ ଜଣେ ଜଣେ ଦକ୍ଷ ରାଜ୍ୟସ୍ତରୀୟ, ଜାତୀୟ ବା ଅନ୍ତର୍ଜାତୀୟ ଖେଳାଳି ଭାବେ ତିଆରି କରିବା ପରିବର୍ତ୍ତେ ନିଜର ଆତ୍ମପ୍ରଚାରରେ ଅଧିକ ବ୍ୟସ୍ତ ରହୁଛନ୍ତି। ପଡ଼ିଆରେ ପିଲାଙ୍କ ଶାରୀରିକ ସମସ୍ୟା ବୁଝିବା କିମ୍ବା ସେମାନଙ୍କ କୌଶଳର ତ୍ରୁଟି ସଂଶୋଧନ କରିବା ଅପେକ୍ଷା ସେମାନେ ସାମାଜିକ ଗଣମାଧ୍ୟମରେ ନିଜର 'ୱର୍କଆଉଟ୍' ଭିଡିଓ ବା ପ୍ରଶିକ୍ଷଣ ଦେଉଥିବାର ଦେଖାଣିଆ ଫଟୋ ପୋଷ୍ଟ କରିବାରେ ଅଧିକ ସମୟ ବିତାଉଛନ୍ତି। ଜଣେ ଖେଳାଳିର ସଫଳତା ପଛରେ କୋଚ୍‌ଙ୍କର ଯେଉଁ ନିରବ ସାଧନା ରହିବା କଥା, ତାହା ଆଜି 'ଡିଜିଟାଲ୍ ଆଟେନସନ୍' ପାଇଁ ବଳି ପଡ଼ୁଛି।

'ଲାଇକ୍' ଓ 'ଭ୍ୟୁଜ୍' ପାଇବାର ଅନ୍ଧଦୌଡ଼ ଯୋଗୁଁ ପ୍ରତିଭାବାନ ପିଲାମାନେ ଉପଯୁକ୍ତ ମାର୍ଗଦର୍ଶନ ପାଉନାହାନ୍ତି, ଯାହା ଫଳରେ କ୍ରୀଡ଼ା ଜଗତରେ ଆମର ପ୍ରତିଭାମାନେ ଅକାଳରେ ମଉଳି ଯାଉଛନ୍ତି। ଶିକ୍ଷକ ବା କୋଚ୍ ହେଉଛନ୍ତି ପିଲାଙ୍କ ପାଇଁ ଆଇନା। ପିଲାମାନେ ଶିକ୍ଷକଙ୍କୁ ନିଜର ଆଦର୍ଶ ବୋଲି ମାନନ୍ତି। ଯଦି ସେମାନେ ଦେଖନ୍ତି ଯେ ସେମାନଙ୍କର ଗୁରୁ ଜଣେ 'କ୍ରିଏଟର' ବା 'ବ୍ୟବସାୟୀ' ଭଳି ବ୍ୟବହାର କରୁଛନ୍ତି, ତେବେ ସେମାନଙ୍କ ମନରୁ ଶ୍ରଦ୍ଧା ଓ ନିଷ୍ଠା ଉଭେଇଯାଏ। ପିଲାମାନେ ମଧ୍ୟ ଗଭୀର ଜ୍ଞାନ ଆହରଣ ପରିବର୍ତ୍ତେ ବାହ୍ୟ ଚକଚକ୍ୟକୁ ଜୀବନର ସଫଳତା ବୋଲି ଧରିନିଅନ୍ତି। ଏହାଦ୍ୱାରା ଦେଶ ଜଣେ ଦକ୍ଷ ନାଗରିକ କିମ୍ବା ଜଣେ କୁଶଳୀ ଖେଳାଳି ପାଇବାରୁ ବଞ୍ଚିତ ହୁଏ। ଆଜିର ଶିକ୍ଷା ଓ କ୍ରୀଡ଼ା ବ୍ୟବସ୍ଥାରେ ବଡ଼ ବଡ଼ କର୍ପୋରେଟ୍ ଅନୁଷ୍ଠାନର ଆଧିପତ୍ୟ ବଢ଼ିଛି। ଶିକ୍ଷକମାନେ ଅଧିକ ଅର୍ଥ ଓ ପ୍ରତିଷ୍ଠା ଲୋଭରେ ବିଜ୍ଞାପନର ମୁହଁ ସାଜୁଛନ୍ତି। ପିଲାମାନଙ୍କୁ କିପରି ଉତ୍ତମ ନାଗରିକ କରାଯିବ ସେ ନେଇ ଆଉ ଚର୍ଚ୍ଚା ହେଉନାହିଁ; ବରଂ କିପରି ଅଧିକରୁ ଅଧିକ ଆଡମିଶନ ହେବ, ତାହା ହିଁ ମୂଳ ଲକ୍ଷ୍ୟ ପାଲଟିଛି। ଶିକ୍ଷକତା ଯେଉଁଠି ମନକୁ ଛୁଇଁବାର କଳା ଥିଲା, ତାହା ଆଜି ପକେଟକୁ ଖାଲି କରିବାର ଏକ ମାଧ୍ୟମ ହୋଇଛି।

ସମୟ ଆସିଛି ଆଜିର ଶିକ୍ଷକ ସମାଜକୁ ଆତ୍ମମନ୍ଥନ କରିବାକୁ ପଡ଼ିବ। ଟେକ୍ନୋଲୋଜିର ବ୍ୟବହାର ଖରାପ ନୁହେଁ। କିନ୍ତୁ ତାହାର ବ୍ୟବହାର କେବଳ ପ୍ରଚାର ପାଇଁ ନୁହେଁ, ବରଂ ଜ୍ଞାନ ଓ ପ୍ରତିଭାର ବିସ୍ତାର ପାଇଁ ହେବା ଉଚିତ୍। ଜଣେ ଶିକ୍ଷକ ପିଲାଙ୍କ ମନରେ ପ୍ରଶ୍ନ କରିବାର ସାହସ ଏବଂ ସତ୍ୟ କହିବାର ଶକ୍ତି ଭରିବା ଉଚିତ୍। ଖେଳ ଶିକ୍ଷକମାନେ ବୁଝିବା ଉଚିତ୍ ଯେ, ସାମାଜିକ ଗଣମାଧ୍ୟମରେ ତାଳି ଅପେକ୍ଷା ଖେଳାଳିର ବିଜୟ ମଞ୍ଚରେ ଜାତୀୟ ପତାକା ଉଡ଼ିବା ହିଁ ସେମାନଙ୍କର ପ୍ରକୃତ ସଫଳତା। ଯଦି ଶିକ୍ଷକ ନିଜର 'ଧର୍ମ' ଭୁଲି କେବଳ 'ବିକ୍ରେତା' ସାଜିବେ, ତେବେ ଆଗାମୀ ପିଢ଼ି ନୈତିକ ସାହସ ହରାଇବ। ଜଣେ ଭଲ ମଣିଷ ଗଢ଼ିବା ପାଇଁ ଶିକ୍ଷକଙ୍କୁ ପ୍ରଥମେ ନିଜର ଆତ୍ମମୋହ ତ୍ୟାଗ କରିବାକୁ ପଡ଼ିବ।

ଆଜିର ଶିକ୍ଷକ ସମାଜ ନିଜର ଗୌରବମୟ ଅତୀତକୁ ମନେ ପକାଇ 'ପ୍ରଚାର' ନୁହେଁ, ବରଂ 'ପିଲାଙ୍କ ଭବିଷ୍ୟତ'କୁ ଗୁରୁତ୍ୱ ଦେବେ। ପ୍ରଚାର ପାଇଁ ପ୍ରୟାସ ନୁହେଁ, ବରଂ ପ୍ରଭାବ ପାଇଁ ପ୍ରୟାସ କଲେ ହିଁ ଦେଶ ଓ ସମାଜର ମଙ୍ଗଳ ହେବ। ଶିକ୍ଷକତା ଏକ ଚାକିରି ନୁହେଁ, ଏହା ଏକ ପବିତ୍ର ଧର୍ମ। ସମାଜ ଗଠନ ଏବଂ ଉତ୍ତମ ନାଗରିକ ତିଆରି କରିବାରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ। ଯଦି ଆଜିର ଶିକ୍ଷକ ଆତ୍ମପ୍ରଚାରର ମୋହ ତ୍ୟାଗ ନ କରନ୍ତି, ତେବେ ଆଗାମୀ ପିଢ଼ିର ଭବିଷ୍ୟତ ଅନ୍ଧକାରମୟ ହୋଇପଡ଼ିବ। ଆଶା କରାଯାଏ, ଶିକ୍ଷକମାନେ ନିଜର ସେହି ପୁରାତନ ଆଦର୍ଶକୁ ଫେରିବେ ଏବଂ ପ୍ରଚାର ପଛରେ ନଗୋଡ଼ାଇ ପ୍ରତିଭା ଗଢ଼ିବାରେ ମନୋନିବେଶ କରିବେ। କାରଣ ଜଣେ ସଫଳ ଛାତ୍ର ବା ଖେଳାଳି ହିଁ ଜଣେ ଶିକ୍ଷକଙ୍କର ଶ୍ରେଷ୍ଠ ପ୍ରମାଣପତ୍ର। ●

ଗଞ୍ଜାମ, ମୋ: ୭୭୮୭୦୦୧୦୦୧

# କୁମ୍ଭାରପଡ଼ା ଗାଆଁ

ସ୍ୱପ୍ନେଶ୍ୱର

**ଲୋକକଥାରେ ଲୋକଦେବତା**

ଭୋଜନୀଠାକୁର ଶ୍ରୀଜଗନ୍ନାଥଙ୍କ ରୋଷଶାଳାରେ ଦୈନିକ ଷାଠିଏପଉଟି ଭୋଗ ରନ୍ଧା ହେବା ପାଇଁ ବର୍ଷକୁ ପ୍ରାୟ କୋଡ଼ିଏ ଲକ୍ଷ ମାଟି କୁଡୁଆ ଦରକାର ପଡ଼େ। ଏହି ମାଟି କୁଡୁଆ ପାରମ୍ପରିକ ଭାବେ କୁମ୍ଭାରମାନଙ୍କ ଦ୍ୱାରା ପ୍ରସ୍ତୁତ ହୁଏ। ଶ୍ରୀକ୍ଷେତ୍ରକୁ କେନ୍ଦ୍ର କରି ପ୍ରାୟ କୋଡ଼ିଏ ମାଇଲ ବ୍ୟାସାର୍ଦ୍ଧ ଭିତରେ ଅନେକ କୁମ୍ଭାର ବସ୍ତି ଅବସ୍ଥିତ। ଏହି ଗ୍ରାମବାସୀ କୁମ୍ଭକାର ଶିଳ୍ପୀମାନେ ବର୍ଷସାରା ପରିଶ୍ରମ କରି ମାଟି ଏବଂ କୁଡୁଆ ପୋଡ଼ିବା ପାଇଁ ଝାଟି ସଂଗ୍ରହ କରନ୍ତି, କୁଡୁଆ ଗଢ଼ି ଶୁଖେଇ ପିଟନ୍ତି, ପୁଣି ଶୁଖେଇ ଝାଟିରେ ପୋଡ଼ି ମନ୍ଦିରକୁ ଯୋଗେଇ ଦିଅନ୍ତି। ସାରା ପରିବାରକୁ ଏ କାମ କରିବାରେ ବର୍ଷ ସାରା ଫୁରୁସତ ମିଳେ ନାହିଁ। ତେଣୁ କଥାରେ କହନ୍ତି - 'କୁମ୍ଭାର ବୋହୂ, ମାଟିକୁ ନ ଗଲେ ଝାଟିକୁ ଯାଉ।'

ନିମି ନାମକ ଜଣେ କୁମ୍ଭାର ସଂପ୍ରଦାୟର ମହିଳା କୌଣସି ଏକ କୁମ୍ଭାର ଗାଆଁରେ ପରିବାର ସହ ରହୁଥିଲେ। ବର୍ଷର ବାରମାସ ତିନିଶହ ପଅଁଷଠି ଦିନ ସେ ନିଜ ପରିବାର ସହ ମହାପ୍ରଭୁଙ୍କ ପାଇଁ କୁଡୁଆ ପ୍ରସ୍ତୁତ କରୁଥିଲେ। କୁଡୁଆ ପ୍ରସ୍ତୁତି କାମରେ ବ୍ୟସ୍ତ ରହି ସେ ଘର ଛାଡ଼ି କୁଆଡ଼େ ହେଲେ ଯାଇ ପାରୁ ନ ଥିଲେ। ହେଳା କରିଦେଲେ ଶ୍ରୀମନ୍ଦିରକୁ ନିରନ୍ତର କୁଡୁଆ ଯୋଗାଣ ପ୍ରଭାବିତ ହେବ ଏବଂ ମହାପ୍ରଭୁ ଉପବାସ ରହିଯିବେ- ଏହି ଚିନ୍ତା ନିମିଙ୍କ ମନରେ ସବୁବେଳେ ଉଙ୍କି ମାରେ। ଦିନେ ଦିନେ ପ୍ରତି କୁଡୁଆରେ ତାଙ୍କୁ ମହାପ୍ରଭୁଙ୍କ ସୁନ୍ଦର ମୁଖମଣ୍ଡଳ ଦେଖାଯାଏ ଏବଂ କୁଡୁଆକୁ ନେଇ ସେ ମୁଣ୍ଡରେ ଲଗାନ୍ତି। ପ୍ରତିଦିନ ଗାଆଁରୁ କେହି ନା କେହି ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଯାହାନ୍ତି ଏବଂ କେହି କେହି ନିମିଙ୍କୁ ଯିବା ପାଇଁ ଡାକିଲେ ନିମି କହନ୍ତି, 'ଠାକୁର ଦର୍ଶନ ମୋ ଭାଗ୍ୟରେ କାହିଁ ? ତାଆରି ପାଇଁ କୁଡୁଆ ତିଆରି କରିବାରେ ମୋର ଆନନ୍ଦ। ମୋ ହାତର କୁଡୁଆ ପୋଖରିଆ ଭିତରକୁ ଗଲେ ଏବଂ ଠାକୁର ସେଥିରେ ଭୋଜନ କଲେ, ମୋର ଆଉ ଦର୍ଶନରେ କି ଲୋଡ଼ା? ସେତିକି ସେବାର ସୁଯୋଗ ପ୍ରଭୁ ଦେଇଛନ୍ତି, ସେତିକି ଯଥେଷ୍ଟ।'

ଅନ୍ତର୍ଯ୍ୟାମୀ ମହାପ୍ରଭୁ ସବୁ କଥା ଜାଣୁଥିଲେ। ତେଣୁ ମହାପ୍ରଭୁ ନିଷ୍ପତ୍ତି ନେଲେ ଯେ ସେ ନିଜେ ଯାଇ ନିମିକୁ ଦେଖି ଆସିବେ। ସେ ଜଣେ ବୁଢ଼ୀ ବେଶରେ ବାଡ଼ି ଖଣ୍ଡିଏ ଧରି ନଇଁ ନଇଁ ଯାଇ ନିମିଙ୍କ ଘରେ ପହଞ୍ଚିଲେ। ନିମି ବୁଢ଼ୀଙ୍କୁ ମୁଣ୍ଡିଆ ମାରି ମଶିଣା ପାରି ବସେଇଲେ ଏବଂ ପାଣି ଦେଲେ ପିଇବାକୁ। ତା' ପରେ ବୁଢ଼ୀ କହିଲେ, 'ଆଲୋ ମାଆ! ପାଖ ଗାଆଁରେ ମୋ ଘର। ଆଗକୁ ପଛକୁ କେହି ନାହିଁ। ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଭାରି ଇଚ୍ଛା। ବୁଢ଼ୀ ହେଲିଣି। କେତେବେଳେ କୋଉ କଥା। ତେଣୁ ଦର୍ଶନ କରିବାକୁ ବାହାରିଛି। କେବେ ପୁରସ୍ତମ ଯାଇନି। ଏକା ଯିବାକୁ ସାହସ ହେଉନି। ମତେ ଟିକିଏ ନେଇ କାଳିଆ ଦର୍ଶନ କରେଇ ଦିଅନ୍ତୁନି? ତୋର ବହୁତ ଧରମ ହୁଅନ୍ତା।' ନିମି କହିଲେ, 'ମୋର ସେମିତିକା ଭାଗ୍ୟ ନାହିଁ। ମୁଁ ତ ନିଜେ ପୁରସ୍ତମ ଦେଖିନି, ତମକୁ ଦେଖେଇବି କ'ଣ? ତାଙ୍କରି କାମରୁ ତ ମୋତେ ଫୁରୁସତ ନାହିଁ। କାଳିଆ ଇଚ୍ଛା କଲେ ତା'ଦର୍ଶନ ମିଳନ୍ତା। ତା'ର ତ ଇଚ୍ଛା ନାହିଁ, ମୁଁ ଛାର କ'ଣ କରିବି?'

ବୁଢ଼ୀ ନିମିଙ୍କୁ ଆଶୀର୍ବାଦ କରି ଚାଲିଗଲେ। ସେ ଦିନ ମହାପ୍ରଭୁ ଭକ୍ତର ଅଭିମାନ ନିଜେ ଶୁଣିଲେ। ରାତିରେ ରାଜାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ, 'ରାଉତ! କୁମ୍ଭାର ବିଷୋୟୀମାନେ ବର୍ଷସାରା ମୋ ପାଇଁ କୁଡୁଆ ନିର୍ମାଣରେ ବ୍ୟସ୍ତ ରହି ମୋର ଦର୍ଶନ ପାଇଁ ଆସିପାରୁ ନାହାନ୍ତି। ଆଜି ମୁଁ ମୋର ଭକ୍ତ ନିମିକୁ ଦେଖା କରିବାକୁ ଯାଇଥିଲି। ସେମାନଙ୍କର ସମସ୍ୟା ତା'ଠାରୁ ଶୁଣି ଆସିଲି। ତେଣୁ ତୁ ସେମାନଙ୍କୁ ଆଣି ଅଠରନଳାର ପୂର୍ବ ଦିଗରେ ଗୁଣ୍ଡିଚା ମନ୍ଦିର ନିକଟରେ ଥଇଥାନ କର। କୁଡୁଆ ନିର୍ମାଣ ପାଇଁ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେ। ବର୍ଷରେ ଥରେ ମୁଁ ଗୁଣ୍ଡିଚା ମନ୍ଦିର ଯାତ୍ରା ସମୟରେ ଏବଂ ସେଠାରେ ଏକ ସପ୍ତାହ ରହଣି ସମୟରେ ସେମାନେ ଅଳ୍ପ ପରିଶ୍ରମ ଓ ସମୟ ବିନିମୟରେ ମୋର ଦର୍ଶନ କରିପାରିବେ।

ପ୍ରଭୁଙ୍କ ନିର୍ଦ୍ଦେଶିତ ଯାଗାରେ କୁମ୍ଭାର ବିଷୋୟୀମାନଙ୍କୁ ଥଇଥାନ କାର୍ଯ୍ୟକ୍ରମ ଆରମ୍ଭ ହେଲା। ସେଠାରେ ବସବାସ କରି ସେମାନେ ମହାପ୍ରଭୁଙ୍କ ପାଇଁ କୁଡୁଆ ନିର୍ମାଣ କରି ଶ୍ରୀମନ୍ଦିରକୁ ଯୋଗାଇ ଦେଲେ ଏବଂ ଗୁଣ୍ଡିଚା ଯାତ୍ରା ଓ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନର ସୁଯୋଗ ପାଇଲେ। ସେମାନେ ବସବାସ କରୁଥିବା ଅଞ୍ଚଳ କୁମ୍ଭାରପଡ଼ା ଗାଆଁ ଭାବରେ ଜଣାଗଲା। ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ତିମି ଅସ୍ଥି ସ୍ଥାନାନ୍ତରକୁ ବିରୋଧ

ବାଲିକୁଦା,୨୭।୧(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ବନ୍ଦର ଅଞ୍ଚଳରୁ ମିଳିଥିବା ତିମିର ଅସ୍ଥି (କଙ୍କାଳ) ସ୍ଥାନାନ୍ତରକୁ ବିରୋଧ କରିଛନ୍ତି ସ୍ଥାନୀୟ ଲୋକ। ତିମି ଅସ୍ଥିକୁ ସେହି ଅଞ୍ଚଳରେ ଏକ ସଂଗ୍ରହାଳୟ ସ୍ଥାପନ କରି ରଖିବାକୁ ସେମାନେ ଦାବି କରିଛନ୍ତି। ଏନେଇ ଗ୍ରାମବାସୀମାନେ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି।

## ‘ବନ୍ଦର’ ଅଞ୍ଚଳରେ ସଂଗ୍ରହାଳୟ କରିବାକୁ ଦାବି

ବନ୍ଦର ସାମୁଦ୍ରିକ ଥାନା ଓ ବନ୍ଦର ବନବିଭାଗ ଅଧୀନ ଦେବୀ ନଦୀ ଓ ବଙ୍ଗୋପସାଗର ମୁହାଣ ନଡ଼ିଆଖିଆଠାରେ ୪ ଦିନ ତଳେ ଏକ ବିଶାଳ ତିମି ମାଛ ମୃତଦେହ ଦେଖିବାକୁ ମିଳିଥିଲା। ଯାହାକୁ ବନବିଭାଗ ପକ୍ଷରୁ ବ୍ୟବଚ୍ଛେଦ କରାଯାଇ ରିପୋର୍ଟ ପାଇଁ ପଠାଯାଇଥିବା ବେଳେ ଉକ୍ତ ତିମିର ମାଂସକୁ କେମିକାଲ ଯୋଗେ ନଷ୍ଟ କରାଯାଇ ତିମି ଅସ୍ଥିକୁ ନନ୍ଦନକାନନ କିମ୍ବା ଭିତରକନିକାରେ ସ୍ଥାନ ଦେବା ନିଷ୍ପତ୍ତି ନିଆଯାଇଥିବା ବନ୍ଦର ଫରେଷ୍ଟର ପ୍ରିୟବ୍ରତ ଚୌଧୁରୀ ସୂଚନା ଦେଇଥିଲେ। ଏହି ଖବର ପ୍ରସାରିତ ହେବା ପରେ ଅଞ୍ଚଳବାସୀ ପ୍ରତିକ୍ରିୟାଶୀଳ ହେବା ସହ ସେମାନଙ୍କ ଦଶନ୍ଧି ଦଶନ୍ଧି ଦାବି ଥିବା ମା’ ବନ୍ଦରେଇ ପୀଠକୁ ସରକାର ଅଣଦେଖା କରୁଛନ୍ତି ବୋଲି କହିଛନ୍ତି। ପ୍ରତ୍ୟେକ ପର୍ଯ୍ୟଟନ ଋତୁ ଓ ଅନ୍ୟ ସମୟରେ ମା’ ବନ୍ଦରେଇଙ୍କ ଦର୍ଶନ ସହ ବଣଭୋଜିର ଆନନ୍ଦ ଓ ନୌକା ବିହାର କରିବା ସହ ସମୁଦ୍ର କୂଳକୁ ଯିବା ପାଇଁ ହଜାର ହଜାର ପର୍ଯ୍ୟଟକ ଏକତ୍ରିତ ହୋଇଥା’ନ୍ତି। ଏଣୁ ଉକ୍ତ ତିମିର ଅସ୍ଥିକୁ ସରକାର ଏହି ବନ୍ଦର ଅଞ୍ଚଳରେ ଏକ ସଂଗ୍ରହାଳୟ ନିର୍ମାଣ କରି ସେଥିରେ ସ୍ଥାନ ଦେଲେ ଅଧିକରୁ ଅଧିକ ପର୍ଯ୍ୟଟକ ଏହାକୁ ଦେଖିବାକୁ ଏଠାକୁ ଆସିବେ। ଫଳରେ ଏଠାକାର ପର୍ଯ୍ୟଟନ କ୍ଷେତ୍ର ବିକଶିତ ହେବା ସହ ସରକାର ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ଏକ ପ୍ରକାର ବାଧ୍ୟ ହେବେ ବୋଲି ମତ ରଖିଛନ୍ତି ବୁଦ୍ଧିଜୀବୀ।

ଏନେଇ ଜିଲ୍ଲାପାଳଙ୍କ ସମେତ ବିଧାୟକ, ମନ୍ତ୍ରୀ, ସାଂସଦଙ୍କୁ ଭେଟି ଦାବିପତ୍ର ପ୍ରଦାନ ନିମନ୍ତେ ଅଞ୍ଚଳରେ ଦସ୍ତଖତ ଅଭିଯାନ ଚାଲିଥିବା ବେଳେ ସୋସିଆଲ ମିଡିଆ ଯୋଗେ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରାଯାଉଥିବା ଦେଖିବାକୁ ମିଳିଛି। ଆସନ୍ତାକାଲି ଅଞ୍ଚଳର ଅନେକ ସଂଗଠନ ଓ ବୁଦ୍ଧିଜୀବୀ ଜିଲ୍ଲାପାଳଙ୍କୁ ଭେଟିବା ନେଇ ମତ ଦେଇଛନ୍ତି। ସରକାର ଯଦି ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନ ଦିଅନ୍ତି, ତେବେ କୌଣସି ପ୍ରକାରେ ଉକ୍ତ ଅସ୍ଥିକୁ ଆମେ ଛାଡ଼ିବୁ ନାହିଁ ବୋଲି ମାଳ-ମରିଚପୁର ଉନ୍ନୟନ ପରିଷଦ, ତଳମାଳ ବିକାଶ ମଞ୍ଚ, ଭଏସ୍ ଅଫ ବାଲିକୁଦା, ମା’ ବନ୍ଦରେଇ ଯୁଥ ୟୁନିୟନ, କିଶାରାମ ବିଶ୍ୱାଳ ଫାଉଣ୍ଡେସନ, ପ୍ରଗତି ପଥେ ଆମ ସଂଗଠନ, ଲୋଟସ କ୍ଲବ, ଉପକୂଳ କ୍ରିୟାନୁଷ୍ଠାନ କମିଟି ବାଲିକୁଦାର ସଦସ୍ୟମାନେ ଚେତାବନୀ ଦେଇଛନ୍ତି।

# ରାଜ୍ୟରେ ଖୋଲିବ ‘ସହିଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ’

ଭୁବନେଶ୍ୱର, ୨୭।୧(ସମିସ): ସହିଦ ଲକ୍ଷ୍ମଣ ନାୟକଙ୍କ ନାମରେ ପ୍ରତି ଜିଲ୍ଲାରେ ନିର୍ମାଣ ହେବ ବିଦ୍ୟାଳୟ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନରେ ଥିବା ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ କରାଯିବ। ଏନେଇ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ଆଦିବାସୀବହୁଳ ଜିଲ୍ଲାରେ ଏହାକୁ ପ୍ରାଥମିକତା ଭିତ୍ତିରେ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୭ଟି “ଆଇଟିଡିଏ’ ଜିଲ୍ଲାର ଅନ୍ତତଃ ଗୋଟିଏ ବିଦ୍ୟାଳୟକୁ ବିକଶିତ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ସାରା ରାଜ୍ୟରେ ସହିଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ ଆରମ୍ଭ କରାଯିବ। ଏଥିପାଇଁ ପ୍ରାୟ ୧୦୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିବାକୁ କାର୍ଯ୍ୟ ଜାରି ରହିଛି। ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

# ଏଆଇସିସି ଅଧ୍ୟକ୍ଷଙ୍କୁ ଭେଟିଲେ ଆରୋ ପ୍ରସାଦ

ଭୁବନେଶ୍ୱର, ୨୭।୧(ସମିସ): ଅଖିଳ ଭାରତୀୟ କଂଗ୍ରେସ କମିଟିର ରିସର୍ଚ୍ଚ ବିଭାଗର ଜାତୀୟ ସଂଯୋଜକ ଆରୋ ପ୍ରସାଦ ମିଶ୍ର ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କୁ ଭେଟିଛନ୍ତି। ଶ୍ରୀ ମିଶ୍ର ଏଆଇସିସି ସଭାପତି ଶ୍ରୀ ଖଡଗେଙ୍କ ବାସଭବନରେ ସାକ୍ଷାତ କରି ପ୍ରାୟ ୩୦ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା କରିଥିଲେ। ଏହି ଆଲୋଚନା ମୁଖ୍ୟତଃ ସଂଗଠନ ଓ ଦଳର ରଣ କୌଶଳ ଉପରେ ହୋଇଥିବା ସୂଚନା ମିଳିଛି। ଜାତୀୟ ରିସର୍ଚ୍ଚ ବିଭାଗ ପକ୍ଷରୁ ଅପରାହ୍ନ ୩ଟା ସମୟରେ ଇନ୍ଦିରା ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେଇଥିଲା। ଏହା ପରେ ଆଗାମୀ କାର୍ଯ୍ୟପନ୍ଥା ଓ ରଣ କୌଶଳ ସମ୍ପର୍କରେ ଏଆଇସିସି ସଭାପତିଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବାସଭବନରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ସମୟରେ କଂଗ୍ରେସ ଓଡିଶାକୁ ନେଇ କିଛି କିଛି ଯୋଜନା ବିଷୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶସ୍ତା ହେବ...

ନିର୍ଗମନ ହ୍ରାସ କରିବାରେ ସାହାଯ୍ୟ କରିବ। ଏହି ଚୁକ୍ତିନାମା ଫଳରେ ରସ ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଭଳି ୟୁରୋପୀୟ ରପ୍ତାନି ଉପରେ ଶୁଳ୍କ ଉଚ୍ଛେଦ କରାଯିବ।

ଆହୁରି ମଧ୍ୟ ଭାରତ-ୟୁରୋପୀୟ ସଂଘର କମ୍ପାନୀଗୁଡ଼ିକ ଭାରତଠାରୁ ଏପରି ଶୁଳ୍କ ଛାଡ଼ ପାଇବେ, ଯାହା ଅନ୍ୟ କୌଣସି ବାଣିଜ୍ୟ ଅଂଶୀଦାର ପାଇନାହାନ୍ତି। ଏହା ଭାରତରେ ୟୁରୋପୀୟ ଉତ୍ପାଦଗୁଡ଼ିକୁ ଶସ୍ତା କରିପାରିବ। ଅଟୋମୋବାଇଲ୍ କ୍ଷେତ୍ର ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ। ଚୁକ୍ତିନାମା ଅନୁଯାୟୀ, ୟୁରୋପରୁ ଭାରତକୁ ଆମଦାନୀ ହେଉଥିବା କାର ଉପରେ ଟିକସ ଧୀରେ ଧୀରେ ୧୧୦% ରୁ ୧୦% କୁ ହ୍ରାସ କରାଯିବ। ତଥାପି, ଏହି ଲାଭ ବାର୍ଷିକ ୨.୫ ଲକ୍ଷ କାରର ଏକ ସ୍ଥିର କୋଟା ପର୍ଯ୍ୟନ୍ତ ସୀମିତ ରହିବ। ଏହା ସହିତ, ଆଗାମୀ ୫ ରୁ ୧୦ ବର୍ଷ ମଧ୍ୟରେ କାର ଯନ୍ତ୍ରାଂଶ ଉପରେ ଟିକସ ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରାଯିବ। ୟୁରୋପୀୟ କମିସନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍ କହିଛନ୍ତି ଯେ ଏହି ଚୁକ୍ତିନାମା ବାର୍ଷିକ ପ୍ରାୟ ୪ ବିଲିୟନ ୟୁରୋ ୪୩,୦୦୦ କୋଟି ଟଙ୍କା)ର ଶୁଳ୍କ ହ୍ରାସ କରିବ। ଭାରତ ଏବଂ ୟୁରୋପର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେ କହିଛନ୍ତି ଯେ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ବିଶ୍ୱକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ, ଆଜିର ବିଶ୍ୱ ଚ୍ୟାଲେଞ୍ଜର ସର୍ବୋତ୍ତମ ଉତ୍ତର ହେଉଛି ପାରସ୍ପରିକ ସହଯୋଗ, ପୃଥକ ନିଷ୍ପତ୍ତି ନୁହେଁ। ଏହି ଚୁକ୍ତିନାମା ଉଭୟ ପକ୍ଷ ପାଇଁ ଆର୍ଥିକ ଏବଂ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

ଆଜି ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବା ଲାଗି ଅତିକମରେ ଆଉ ବର୍ଷେ ଲାଗିଯିବ। କାରଣ ଏହି ଚୁକ୍ତିକୁ ୟୁରୋପୀୟ ସଂଘର ସମସ୍ତ ଦେଶଙ୍କୁ ଅନୁମୋଦନ କରିବାକୁ ପଡ଼ିବ।

ଅନ୍ୟପକ୍ଷରେ ଟ୍ରମ୍ପଙ୍କ ଜଣେ ନିକଟତମ ସହଯୋଗୀ ଏହି ଚୁକ୍ତିକୁ ସମାଲୋଚନା କରି କହିଛନ୍ତି ଯେ, ଏହି ଚୁକ୍ତି କରି ୟୁରୋପ ନିଜ ବିରୁଦ୍ଧରେ ଯୁଦ୍ଧ ପାଇଁ ପାଣ୍ଠି ଯୋଗାଇବ।

## ଆଜିଠୁ ସଂସଦର...

ନାହିଁ। ବଜେଟ ଅଧିବେଶନର ଏଜେଣ୍ଡା କାହିଁକି ଦିଆଯାଇ ନାହିଁ ବୋଲି ବିରୋଧୀ ଦଳ ପ୍ରଶ୍ନ କରିଥିଲେ। ଏସଂପର୍କରେ ରିଜିଜୁ କହିଲେ ଯେ ପରବର୍ତ୍ତୀ ସମୟରେ ଏହାକୁ ଦିଆଯିବ।

ନିର୍ବାଚନ ହେବାକୁ ଥିବା ରାଜ୍ୟମାନଙ୍କରେ ଚାଲିଥିବା ଏସ୍‌ଆଇଆରକୁ ନେଇ ସମସ୍ୟା ସୃଷ୍ଟି ହୋଇଥିବାରୁ ଏହା ଉପରେ ଆଲୋଜନା ହେବା ଦରକାର ବୋଲି ଡିଏମକେ, ତୃଣମୂଳ କଂଗ୍ରେସ ଓ ବାମପନ୍ଥୀ ଦଳର ପ୍ରତିନିଧି ଦାବି କରିଥିଲେ। ବିରୋଧୀ ଦଳ ଶାସିତ ରାଜ୍ୟମାନଙ୍କରେ ରାଜ୍ୟପାଳଙ୍କ ବିବାଦୀୟ ଭୂମିକା ଉପରେ ଆଲୋଚନା ପାଇଁ ମଧ୍ୟ ଏହି ଦଳ ଦାବି କରିଥିଲେ। ଏହାସହିତ ନୂଆ ୟୁଜିସି ଆଇନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉପରେ ମଧ୍ୟ ଆଲୋଚନା କରିବାକୁ ଏହି ଦଳ ଦାବି କରିଥିଲେ। କିନ୍ତୁ ଏହାକୁ ନେଇ ସରକାର ନିରବ ରହିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସର୍ବଦଳୀୟ ବୈଠକରେ ଅନେକ ବରିଷ୍ଠ ମନ୍ତ୍ରୀ ଓ ବିଭିନ୍ନ ଦଳର ସଂସଦୀୟ ନେତା ଯୋଗ ଦେଇଥିଲେ।

## ସାରା ଦେଶରେ...

ଅଭିଯୋଗକୁ ବିଶେଷ ଭାବରେ ତଦାରଖ କରିବ। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ନିରପେକ୍ଷତା ଓ ଉତ୍ତରଦାୟିତ୍ୱ ଆଣିବା ପାଇଁ ଏହି ପରିବର୍ତ୍ତନ କରାଯାଇଛି। କିନ୍ତୁ ନିୟମ ସାଧାରଣ ବର୍ଗର ବିରୋଧୀ ବୋଲି କହି ଏହାକୁ ବିରୋଧ କରାଯାଉଛି। ସମାଲୋଚକମାନେ କହିଛନ୍ତି ଯେ ଉଚ୍ଚଜାତିର ଛାତ୍ରଛାତ୍ରୀଙ୍କୁ ‘ସ୍ୱାଭାବିକ ଅପରାଧୀ’ ବନାଇ ଦିଆଯାଇଛି। ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ଅନୁଯାୟୀ, ନୂତନ ନିୟମ କଲେଜ କିମ୍ବା ବିଶ୍ୱବିଦ୍ୟାଳୟ ପରିସରରେ ସେମାନଙ୍କ ବିରୋଧରେ ଭେଦଭାବକୁ ଏହି ନିୟମ ପ୍ରୋତ୍ସାହନ ଦେବ। ଏହା କଲେଜରେ ବିଶୃଙ୍ଖଳା ସୃଷ୍ଟି କରିବ। ପୂର୍ବରୁ ଏସ୍‌ସିଏସ୍‌ଟି ଆଇନର ଅପବ୍ୟବହାର କରି ସାଧାରଣ ବର୍ଗର ଲୋକଙ୍କ ବିରୋଧରେ ମିଥ୍ୟା ମାମଲା ଲଗାଇଯାଇଥିବାର ଅନେକ ଘଟଣା ସାମ୍ନାକୁ ଆସିଛି। କିଏ ୩୦ ବର୍ଷ ପରେ ନିର୍ଦ୍ଦୋଷରେ ମୁକ୍ତ ହୋଇଛି ତ ଆଉ କିଏ ୫ ବର୍ଷ ହେଲା କୋର୍ଟ କଚେରି ଧାଇଁ ଧାଇଁ ନୟାନ୍ତ ହୋଇଗଲାଣି।

ଜାତିଗତ ଭେଦଭାବର ସଂଜ୍ଞାରେ କୁହାଯାଇଛି ଯେ ଜାତି, ଧର୍ମ, ଲିଙ୍ଗ, ଜନ୍ମ ସ୍ଥାନ, ଅକ୍ଷମତା ଆଧାରରେ କୌଣସି ଅନ୍ୟାୟ କିମ୍ବା ପକ୍ଷପାତ ତଥା ଶିକ୍ଷାରେ ସମାନତା ପାଇଁ ପ୍ରତିବନ୍ଧକ କିମ୍ବା ମାନବ ସମ୍ମାନ ବିରୋଧକୁ ଜାତିଗତ ଭେଦଭାବ ଭାବେ ବିବେଚନା କରାଯିବ।ଏଥିରେ ଅନୁସୂଚିତ ଜାତି/ଜନଜାତି ବ୍ୟତୀତ ଅନ୍ୟ ଓବିସି ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ସେମାନଙ୍କ ପ୍ରତି କୌଣସି ଅନ୍ୟାୟ କିମ୍ବା ପକ୍ଷପାତପୂର୍ଣ୍ଣ ଆଚରଣକୁ ଜାତିଭିତ୍ତିକ ଭେଦଭାବ ବିବେଚନା କରାଯିବ। ପ୍ରଥମେ ଦିଆଯାଇଥିବା ପ୍ରସ୍ତାବରେ ମିଥ୍ୟା ଅଭିଯୋଗ ହ୍ରାସ କରିବାର ବ୍ୟବସ୍ଥା ଥିଲା। ଏଥିରେ କୁହାଯାଇଛି ଯେ ଯଦି କାହା ବିରୋଧରେ ମିଥ୍ୟା ଅଭିଯୋଗ କରାଯାଏ ତେବେ ଅଭିଯୋଗକାରୀଙ୍କୁ ଆର୍ଥିକ ଜରିମାନା କିମ୍ବା କଲେଜରୁ ନିଲମ୍ବିତ କରାଯାଇପାରେ। ମାତ୍ର ନୂଆ ନିୟମରେ ଏହି ବ୍ୟବସ୍ଥାକୁ କାଟି ଦିଆଯାଉଛି। ଏହା ବିରୋଧର ମୁଖ୍ୟ କାରଣ ପାଲଟିଛି। ଏହି ବ୍ୟବସ୍ଥା ଫଳରେ ସାଧାରଣବର୍ଗକୁ କେବଳ ଅଭିଯୁକ୍ତ ଧରାଯିବ, ପୀଡ଼ିତ ମନେ କରାଯିବ ନାହିଁ। ଆଉ ମିଥ୍ୟା ଅଭିଯୋଗ ଲଗାଇଥିବା ପିଲାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାରୁ ବ୍ୟବସ୍ଥା ମଧ୍ୟ ନାହିଁ। ତେଣୁ ଏହାକୁ ନେଇ ସାମାଜିକ ଗଣମାଧ୍ୟମଠାରୁ ସଡ଼କ ପର୍ଯ୍ୟନ୍ତ ଜୋରଦାର ବିକ୍ଷୋଭ ହେଉଛି।

ଏହି ନିୟମକୁ ବିରୋଧ କରି ଭିନୀତ ଜିନ୍ଦଲ ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଛନ୍ତି। ଏଥିରେ ନିୟମ ଉପରେ ରୋକ୍ ଲଗାଇବାକୁ ସେ ଅନୁରୋଧ କରିଛନ୍ତି। ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିସନ ନିୟମ, ୨୦୨୬ର ସାମ୍ବିଧାନିକ ବୈଧତାକୁ ଚାଲେଞ୍ଜ କରି ସେ କହିଛନ୍ତି ଯେ ନୂଆ ନିୟମ ଯୋଗୁଁ ସାଧାରଣ ବର୍ଗର ଛାତ୍ରଛାତ୍ରୀ ହିଁ ପାତରଅନ୍ତର ଓ ନିର୍ଯାତନାର ଶିକାର ହେବେ।

## ରାଜ୍ୟ ସରକାରଙ୍କୁ...

ରଦ୍ଦ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ସେହିଭଳି ଗାଡ଼ି ଗୁଡ଼ିକର ବକେୟା ଚାଲାଣ ପଇଠ କରାନଗଲେ ପିୟୁସି ପ୍ରମାଣପତ୍ର ପ୍ରଦାନ କରାନଯିବା ଦ୍ୱାରା ଗାଡ଼ି ମାଲିକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା କେନ୍ଦ୍ର ମୋଟର ଯାନ ଆଇନର ଉଲ୍ଲଂଘନ ବୋଲି ଅଭିଯୋଗ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଛନ୍ତି। ଏହି ମାମଲାରେ ପରିବହନ ବିଭାଗ ସଚିବ, ପରିବହନ କମିସନର, ଉତ୍କଳ ପେଟ୍ରୋଲିୟମ୍ ଡିଲର ଆସୋସିଏସନ୍‌ର ସାଧାରଣ ସମ୍ପାଦକ, ଆଇଓସିଏଲ, ବିପିସିଏଲ୍, ଏଚପିସିଏଲ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ସେଲ୍ ଇଣ୍ଡିଆ ମାର୍କେଟ ପ୍ରାଇଭେଟ୍ ଲିମିଟେଡ୍ ପ୍ରମୁଖ ସଂସ୍ଥାକୁ ପକ୍ଷଭୁକ୍ତ କରାଯାଇଛି।

## ଯୁବତୀଙ୍କ ବେକରେ...

ସଂଘବଦ୍ଧ ଭାବେ ଲକ୍ଷ୍ମୀପ୍ରିୟାଙ୍କ ଘର ଭିତରକୁ ଧସେଇପଶିବା ସହ ତାଙ୍କୁ ଆକ୍ରମଣ କରିଥିଲେ। ଘରେ ଥିବା ବିଭିନ୍ନ ଆସବାବପତ୍ର ବି ଭଙ୍ଗାରୁଜା କରିଥିଲେ। ସେତିକିରେ ମହିଳା ଗୋଷ୍ଠୀଙ୍କ ରାଗ ଶାନ୍ତ ପଡ଼ିଲାନି ଯେ ସେମାନେ ଲକ୍ଷ୍ମୀପ୍ରିୟାଙ୍କୁ ଘରୁ ଘୋଷାଡ଼ି ଆଣି ଗାଁ ଦାଣ୍ଡରେ ସର୍ବସମ୍ମୁଖରେ ମାଡ଼ ମାରିଥିଲେ। ଏପରିକି, ତାଙ୍କ ବେକରେ ଜୋତାମାଳ ବି ପକାଇଥିଲେ। ୧ଲକ୍ଷ ଟଙ୍କା ଜରିମାନା ନ ଦେଲେ ଛାଡ଼ିବେ ନାହିଁ ବୋଲି ଧମକାଇଥିଲେ। ତେବେ ଲକ୍ଷ୍ମୀପ୍ରିୟା ଅନ୍ୟ ଉପାୟ ନ ପାଇ ୧୦ହଜାର ଟଙ୍କା ଜରିମାନା ଦେଇ ସେମାନଙ୍କ କବଳରୁ ମୁକୁଳିଥିଲେ। ଗାଁ ଦାଣ୍ଡରେ ଝିଅର ଏପରି ଅପମାନକୁ ବାପା ଲମ୍ବୋଦର ସହ୍ୟ କରିପାରିନଥିଲେ। ମାନସିକ ଭାରସାମ୍ୟ ହରାଇ ସେ ଗତରାତିରେ ସମସ୍ତେ ଶୋଇଯିବା ପରେ ବିଷ ପିଇ ଦେଇଥିଲେ। ପରିବାରଲୋକ ଏ ସଂପର୍କରେ ଜାଣିବା ପରେ ତାଙ୍କୁ ଉଦ୍ଧାର କରି ଚାନ୍ଦବାଲି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ଲକ୍ଷ୍ମପ୍ରିୟା ବାଂଶଡା ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ଏହା ଏକ ସ୍ପର୍ଶକାତର ଘଟଣା ହୋଇଥିବାରୁ ଚାନ୍ଦବାଲି ଏସ୍‌ଡିପିଓ ଏସ୍‌ଡିପିଓ ପ୍ରଭାସ ସାହୁ ଆଜି ପୁଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ଲମ୍ବୋଦରଙ୍କ ଘରୁ ଏକ ଜୋତାମାଳ ଜବତ କରିଛି। ଏହି ଘଟଣାରେ ୧୦ ଜଣଙ୍କ ନାମରେ ମାମଲା ରୁଜୁ ହେବା ସହ ଜଣକୁ ଅଟକ ରଖାଯାଇଛି ବୋଲି ଏସ୍‌ଡିପିଓ ଶ୍ରୀ ସାହୁ କହିଛନ୍ତି।

## ମାନ୍ୟତା ହରାଇଲେଣି...

ଆଶଙ୍କା ରହିଛି। ଏଣୁ ଏହା ପୂର୍ବରୁ ମାନ୍ୟତା ନବୀକରଣ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱାରୋପ କରିଛି। ମାନ୍ୟତା ନ ଥିବା ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ପରୀକ୍ଷା ନିୟନ୍ତ୍ରକଙ୍କ ସହ ବୈଠକ କରିଛି। ବିଭାଗୀୟ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟତା ନବୀକରଣ ପାଇଁ ଆବେଦନ କରି ନ ଥିବା ମହାବିଦ୍ୟାଳୟଗୁଡ଼ିକୁ ତାଗିଦ କରାଯିବା ସହ ତୁରନ୍ତ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଯେଉଁମାନେ ଆବେଦନ କରିଛନ୍ତି, ୟୁଜିସି ଆବଶ୍ୟକ କରୁଥିବା ଅଧିକ ତଥ୍ୟ ଦାଖଲ କରି ମାନ୍ୟତା ନବୀକରଣ କରିବାକୁ କୁହାଯାଇଛି। ବିଡ଼ମ୍ବନା ହେଉଛି ମାନ୍ୟତା ନଥାଇ ମଧ୍ୟ ଅନେକ କଲେଜ ନିଜର ପରୀକ୍ଷା ନିଜେ ପରିଚାଳନା କରୁଛନ୍ତି। ୟୁଜିସିର କନଫର୍ମେଣ୍ଟ ଅଫ୍ ଅଟୋନୋମସ ଷ୍ଟାଟସ୍ ଓପନ୍ କଲେଜ ଏବଂ ମେଜର୍ସ ଫର୍ ମେଣ୍ଟେନାନ୍ସ ଅଫ୍ ଷ୍ଟାଣ୍ଡାର୍ଡସ ଇନ୍ ଅଟୋନୋମସ କଲେଜ ନିୟମାବଳୀ, ୨୦୨୩ର ଉଲ୍ଲଙ୍ଘନ କରି ଉକ୍ତ କଲେଜଗୁଡ଼ିକୁ ପରୀକ୍ଷା ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକ ଅନୁମତି ଦେଉଛନ୍ତି। ୟୁଜିସି ପକ୍ଷରୁ ଏନେଇ ବାରମ୍ବାର ଦାଗିଦ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ପିଲାଙ୍କ ଶୈକ୍ଷିକ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


Jan Shikshan Sansthan, Kendrapara, Odisha | REQUIRES DIRECTOR | Skill India कौशल भारत-कुशल भारत

The Director would be in charge of providing the organization with leadership, direction and drive. He/she would be fully in charge of all day-to-day activities. The Director is expected to have proven capabilities of motivating and leading a team of professionals. He/she should have good management skills and be a team-builder.

**QUALIFICATION ESSENTIAL:**
1. Graduation from a recognized University / Institution or equivalent
2. Seven years' experience in a supervisory capacity
3. Working knowledge of the local language both written and spoken

**DESIRABLE:**
1. Vocational Degree / Diploma
2. Experience in Administration or Management/Accounts
3. Experience in leading a team
4. Experience in heading an organization
5. Experience in guiding/conducting of research or education

**AGE:** Not exceeding 55 years as on 06/02/2026
**EMOLUMENTS:** Rs. 30,000/- to 40,000/- Consolidated per month (all inclusive). No other allowance will be admissible.
**CONTRACT:** Appointment on contract basis for a period not exceeding five years, out of which the first year will be the probation period. Shortlisted candidates called for interview will be reimbursed to and fro second AC Rail fare on production of railway journey ticket.
Apply within 10 days from the date of publication of this advertisement by post / courier to **The Chairman, Jan Shikshan Sansthan, Upstairs of Bank of India, Tinimuhani, Kendrapara - 754211 (Odisha)** with complete bio-data (Include % of Marks, Present employment, Salary drawn two references of repute & Passport size photo duly signed). Enclose copies of certificates. This advertisement can be modified, substituted or cancelled at any time without assigning any reason thereof.



Phone-06842-253708
E-mail: rw_phulbani@yahoo.co.in
O-2056

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI
No. 386/RWDP, Dated the 15.01.2026
**Government of Odisha e-Procurement Notice**
**Bid Identification No. Online Tender/16/SERWD PHULBANI/ 2025-26**

| | | |
|---|---|---|
| 1 | Name of the work | :: Building Work (01No.) |
| 2 | Estimated cost | :: Rs.54.20 Lakhs |
| 3 | Period of Completion | :: Six Calendar months |
| 4 | Date & Time of availability of Bid documents in the Portal | :: From 28.01.2026 10.00 AM.to 09.02.2026 Upto 5.00 PM |
| 5 | Last Date/ Time for receipt of Bids in the Portal | :: 09.02.2026 upto 5.00 PM |
| 6 | Name and address of the Officer Inviting Bid | :: Superintending Engineer, Rural Works Division, Phulbani |

Further details can be seen from the e-procurement portal website www.tendersodisha.gov.in

Superintending Engineer
Rural Works Division, Phulbani
OIPR-



OHPC
**ODISHA HYDRO POWER CORPORATION LIMITED.**
OFFICE OF THE SENIOR GENERAL MANAGER (ELECTRICAL),
BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764 051.
Phones: 06861-232581(0) / 232641(R),FAX – 06861-232541.
Email: unit.head_balimela@yahoo.com / bhep.balimela@gmail.com
CAD-3096

‘e’-Procurement Notice
**NOTICE INVITING TENDER NO.: BHEP/59/2025-26, DTD.22.01.2026**
The Unit Head, Balimela Hydro Electric Project, Balimela, Dist-Malkangiri invites percentage rate bids in double coversystem i.e. Cover-I (Technical Bid) & Cover II (Price bid) for the work through e-procurement as detailed in the table below.

| Sl No | Name of Work | Estimated cost (Rs) | EMD (Refundable) | Cost of bid documents (Rs) (non-refundable) | Class of Contractor/Firm | Period of Completion |
|---|---|---|---|---|---|---|
| 1 | ANNUAL OPERATION AND MAINTENANCE OF WATER SUPPLY SYSTEM OF BHEP, BALIMELA ON JOB CONTRACT BASIS FOR 01 (ONE) YEAR | 48,55,411.00 | 49,000.00 | 6,000/- + GST @ 18% = 7080/- | ‘B’ /Registered service provider/Agency | 365 days |

Date & Time of availability of bid document in the portal: From 10:00 Hrs of 27.01.2026to 17:00 Hrs of 05.02.2026
Last date & time of submission of bid: Up to 17:00 Hrs of 05.02.2026
The date & Time of opening of the bid: 12:00 Hrs onwards of 06.02.2026
(Only Technical bid)
*Further details can be seen from the e-procurement portal*https://tendersodisha.gov.in

Unit Head
Balimela Hydro Electric Project,
Balimela
OIPR-



GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, UDALA
e_mail : rw_udala@yahoo.com
O-2143
e-Procurement Tender Call Notice No. Online 08/RWD/UDALA/2025-26

1. Name of the work : Road works
2. Total No.of works : 7 Nos.
3. Estimated Cost : Approx Estimated Cost Rs.5.04 to Rs.48.45 Lakhs
4. Class of Contractor : ‘D’, ‘C’ & ‘B’
5. EMD : EMD @ 1% of Estimated Cost Put to tender
6. Period of completion : As per Annexure
7. Other details :

Further details can be seen from the website www.tendersorissa.gov.in

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E, Rural Works Division, Udala. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| S.E.R.W Division, Udala. | 08(Online)/ RWD-Udala of 2025-26 | 29.01.26 at 11.00 A.M. | 05.02.26 up to 5.00 P.M. | 05.02.26 up to 3.00 P.M. | 05.02.26 at 5.30 A.M. |

SuperintendingEngineer
RW Division, Udala
OIPR-



**OFFICE OF THE PRINCIPAL**
**SINDHE DEVI (DEGREE) MAHAVIDYALAYA, NANDAPUR.**
**DIST-KORAPUT, PIN-764037(ODISHA)**

*Letter No:- 20/SDDM/2026* *Date:-27.01.2026*

**ADVERTISEMENT**

Interested candidates may apply to the Principal, Sindhedevi Degree Mahavidyalaya, At/Po-Nandapur, Dist-Koraput, Pin-764037 (Odisha) by registered post with Bio-data and certificate for the posts of "DATA ENTRY OPERATOR" on contractual basis, having Graduation with P.G.D.C.A. and knowledge in Accounting, Excel, M.S. word, M.S. power point with excellent type writing and having one year work experience is proficiency. Age as per Govt. of Odisha norms. Salary negotiable and last date of receipt of application is Dt.12.02.2026

Sd-
Principal-cum-Secretary
SindheDevi(Degree) Mahavidyalaya,Nandapur.



**AFFIDAVIT**
By virtue of an affidavit sworn before the Executive Magistrate, Jaleswar, Balasore, Odisha vide Sl. No. 255 on dated 20/01/2026, I, Krupasindhu Mahanta, S/o. Parameswar Mahanta, At. Panchughanta, Po/Ps. Jaleswar, Dist. Balasore, Odisha, declare that I have changed my son name from Jajayantyi Dipti to Riyansh Kumar Mahanta . Henceforth, He will be known as **Riyansh Kumar Mahanta** for all purposes.

**AFFIDAVIT**
By virtue of an affidavit sworn before The Executive Magistrate, Mahakalpara, SL.NO- 1762, dated 01-12-2025 I, **NAMITA DAS,** W/o Jitendra Das, Permanent resident of village At- Ostar (Ghodabandha), Po- Teragan, PS- Marshaghai, Via- Mahakalpara Dist- Kendrapara, State- Odisha, PIN- 754224, declare that I have changed my Son's name from **RUDRA DAS** (Old name) to **AYUSHMAN DAS** (New name), Henceforth, he shall be known as **AYUSHMAN DAS** for all purposes.
**( Sd- NAMITA DAS )**

**AFFIDAVIT**
**I, Tarulata Sahu,** W/o.: Hrushikesh Sahu, Permanent/Currently Resident At.: Dhauragotha, PO.: Tainsi, P.S.: Purunakot, Dist.: Angul (Odisha)-759127, declare by this Affidavit No.: 391, dated: 27.01.2026, that now onwards my minor son will be known as **Siddheswar Sahu** for all future purposes.

**AFFIDAVIT**
**I, Sovabati Naik,** W/o.: Dillip Naik, Permanent/ Currently Resident At/PO.: Gadataras, P.S.: Bantala, Dist.: Angul (Odisha)-759129, declare by this Affidavit No.: 5983, dated: 14.11.2025, that now onwards my minor daughter will be known as **S Madhusmita** for all future purposes.

**ଦଲିଲ ହଜିଛି**
ମୁଁ ସୁବାଶ ଚନ୍ଦ୍ର ଡାକୁଆ ,ପିତା-ରାଧାକୃଷ୍ଣ ଡାକୁଆ , ଗ୍ରାମ - ଚୋରଦା, ଥାନା - ଯାଜପୁର ରୋଡ଼ , ଜିଲ୍ଲା - ଯାଜପୁର ନିବାସୀ ଗତ ୦୬/୧୦/୨୦୨୧ରେ ଯାଜପୁର ରୋଡ କୁ ଯିବା ରାସ୍ତାରେ ମୋରୋ ଲିଙ୍କ ଦଲିଲ ହଜିଯାଇଅଛି, ଯାହାର କ୍ରମିକ ସଂଖ୍ୟା - ୧୦୮୨୧୦୦୩୫୫୩ ଯାହାର ୨୭.୧୦.୨୦୧୦ ରେ ହୋଇଥିଲା. ଯଦି କେହି ସହୃଦୟ ବ୍ୟକ୍ତି ପାଇଥାନ୍ତି ଦୟାକରି ମୋତେ ୯୪୩୮୮୪୧୬୫୦ ରେ ଯୋଗାଯୋଗ କରିବେ

**AFFIDAVIT**
**I, Prabhat Mishra,** W/o.: Dillip Kumar Mishra, Permanent/Currently Resident At.: Susuda, PO.: Ankula, P.S.: Angul, Dist.: Angul (Odisha)-759132, declare by this Affidavit No.: 196, dated: 12.01.2026, that now onwards I will be known as **Prabhati Mishra** for all future purposes.

**AFFIDAVIT**
**I, Kishori Jena,** S/o.: Baikunth Jena, Permanent/ Currently Resident At.: Jhintipal, PO.: Korada, P.S.: Nisha, Dist.: Angul (Odisha)-759127, declare by this Affidavit No.: 6376, dated: 03.12.2025, that now onwards I will be known as **Kishor Chandra Jena** for all future purposes.

**Antares Systems Ltd.**
Ph:080-45982100/033-46046611
e-mail: esale@etenderwizard.com
Tender Wizard
**e-Auction for disposal of Burnt Oil, Old, Used & Unserviceable Items of Mahanadi Coalfields Limited, Sambalpur. Website:** www.tenderwizard.com/ESALE.
**Auction No's**
**1) ASL/MCL/DISPOSAL/25-26/09 Auction Date: 04-02-2026**
**2) ASL/MCL/DISPOSAL/25-26/10 Auction Date: 05-02-2026**
**For further information, contact Helpdesk at the above address.**
Refer Sale notice for further details.

**AFFIDAVIT**
By virtue of an affidavit sworn before in the court of Executive Magistrate and Tahasildar Basta, Sl No-902, Dt-11/02/2025 .I,Bijay Kumar Biswal ,Age-37,S/o-Rabindra Biswal,Of Village-Tikirapada,Po/Ps-Basta,Dist-Balasore,Odisha. Declared that My Son Actual name MANABENDRA BISWAL, But his birth certificate bearing Regd.no-3323/2021 (D.O.B-27/11/2021) his name mentioned as MAANAVENDRA BISWAL instated of Manabendra Biswal. Hence this affidavit the both name as MAANAVENDRA BISWAL and MANABENDRA BISWAL same name and one Person for all future purpose.
**Bijay Kumar Biswal**

**AFFIDAVIT**
By virtue of an affidavit sworn before Executive Magistrate, Rayagada, No. 67 dated 27.01.2026, I, Purna Chandra Huika, aged about 27 years, S/o Chaudhury Huika, resident of At-Adibasi Sahi, Therubali, PO-Therubali, PS-Chandili, Tahasil / Dist-Rayagada-765018, Odisha, declare that I have changed my name from Purna Huika to Purna Chandra Huika. Henceforth, I shall be known as Purna Chandra Huika for all purposes.
**Purna Chandra Huika**

**AFFIDAVIT**
By virtue of an affidavit (CF No. 06, dated 08.01.2026) sworn before the Executive Magistrate, Barkote, I, Lipi Pradhan, W/o Gajendra Kumar Sahoo, resident of At-Baishnaba Pali, P.O.-Kantapali, P.S./Dist.-Deogarh, Odisha, PIN-768108, declare that I have changed my name from Lipi Sahoo to Lipi Pradhan. Henceforth, I shall be known as **Lipi Pradhan** for all purposes.

**AFFIDAVIT**
By virtue of an affidavit sworn before the Executive Magistrate, Rairakhol, vide Cf.No. 121 on dated 27.01.2026, I, Sanjaya Dehury, Vill.: Tribanpur, P.O.-Tribanpur, P.S.-Rairakhol, Dist.-Sambalpur-768106 do hereby declare that I have changed my name from "Sanjay Dehuri" to "Sanjaya Dehury". Henceforth I shall be known as **"Sanjaya Dehury"** for all purposes.

**AFFIDAVIT**
By virtue of an affidavit (CF No. 07, dtd. 08.01.2026) sworn before the Executive Magistrate, Barkote, I, Gajendra Kumar Sahoo, S/o-Jogeswar Sahoo, resident of At-Baishnaba Pali, P.O.-Kantapali, P.S./Dist.-Deogarh, Odisha, PIN-768108, declare that I have changed my minor daughter's name from Shubhadrangi Sahoo to Saloni Sahoo. Henceforth, she shall be known as **Saloni Sahoo** (New Name) for all purposes.

**AFFIDAVIT**
By virtue of an affidavit sworn before the Notary Public, Sonepur, dtd.27.01.2026, I, Trayambaka Bhoi, formerly known as Trayambak Bhoi, resident of Raksa, Biramaharajpur, Dist. Subarnapur, Odisha, have changed my name from Trayambak Bhoi to Trayambaka Bhoi. Henceforth, I shall be known as **Trayambaka Bhoi** for all purposes.

**AFFIDAVIT**
By virtue of an affidavit sworn before the Executive Magistrate, Bhapur, Nayagarh dated 10.12.2025, I **Rina Pradhan @ Malia Pradhan** age about 50years W/o Sadasiva Pradhan resident of Vill./PO./PS.- Fategarh, Dist-Nayagarh, Aadhaar Card No.- 6294 5159 1539, Voter Card No.- OR/09/063/338380, and Passport No.- S9072800 is one and same person. In my Son's passport No.- N8070653my name is written worngly Malia Pradhan instead of Rina Pradhan. So kindly treat my name as **RINA PRADHAN** instead of Malia Pradhan.

**ହଜିଛି**
ମୁଁ, ଦୀପକ କୁମାର ସାହୁ, ପିତା: ଏନିଶାକର ସାହୁ, ସା: ସି.ଡି.ଏ, ପ୍ଲଟ୍ ନଂ.:୨ଡି/୨୬୦/୧୩, ସେକ୍ଟର-୧୧, କଟକ-୧୪ ଏହା ଜଣାଇବାକୁ ଚାହେଁ ମୋ ନିକଟରୁ ୧) ମହମ୍ମଦ ହବିବୁଲା ଖାଁଙ୍କ ସପକ୍ଷରେ ଜାରି ଓରି. ପ୍ରୋଭିଜନାଲ ଆଲଟମେଣ୍ଟ ଲେଟର ନଂ.: ୭୪୯୩ ତା.୦୯.୦୮.୧୯୯୪, ୨) ମହମ୍ମଦ ହବିବୁଲା ଖାଁଙ୍କ ସପକ୍ଷରେ ଜାରି ଓରି. ପଜେସନ ହ୍ୟାଣ୍ଡିଙ୍ଗ ମେମୋ ନଂ.: ୧୪୮୧୯ ତା. ୦୨.୧୨.୧୯୮୬, ୩) ମହମ୍ମଦ ହବିବୁଲା ଖାଁଙ୍କ ସପକ୍ଷରେ ଜାରି ଓରି. ଚୁଡାନ୍ତ ଆଲଟମେଣ୍ଟ ଲେଟର ନଂ.: ୨୮୨୧ ତା. ୦୧.୦୩.୧୯୯୬, ୪) ଦୀପକ କୁମାର ସାହୁଙ୍କ ସପକ୍ଷରେ ଓରି. ଟ୍ରାନସି ପରମିଶନ ଲେଟର ନଂ.୧୫୬୭୭/ସିଡିଏ, ତା. ୦୬.୦୬.୨୦୧୩, ୫)ସିଡିଏ ଦ୍ୱାରା ଦୀପକ କୁମାର ସାହୁଙ୍କ ସପକ୍ଷରେ ସମ୍ପାଦିତ ଓରି. ପଞ୍ଜିକୃତ ଲିଜ୍ ଡିଡ୍ ନଂ.: ୧୦୩୯୨୦୦୨୦୯୪, ତା. ୦୨.୦୬.୨୦୨୦, ୬) ଓରି. ସିଡିଏ ଅନୁମୋଦନ ଲେଟର ନଂ.:୨୨୬୨୪, ବିପି ନଂ.: ୧୨୫୦, ତା. ୧୮.୦୯.୨୦୧୩ ମୋ ନିକଟରୁ ବହୁଦିନରୁ ହଜିଯାଇଛି । ଏହାର ମୋର ସେକ୍ଟର-୯, ପ୍ଲଟ୍ ନଂ.: ୨ବି୧୧୦, ସିଡିଏ ସମ୍ପର୍କିତ ଜମିର କାଗଜାତ ଅଟେ । ବହୁ ଖୋଜାଖୋଜି ପରେ ବି ସନ୍ଧାନ ପାଇଲି ନାହିଁ । ବର୍ତ୍ତମାନ ଏହା କାନାରା ବ୍ୟାଙ୍କ, ସି.ଡି.ଏ ଶାଖାରେ ବନ୍ଧକ ଅଛି । ବର୍ତ୍ତମାନ ମୁଁ ଏହାକୁ ଏସ.ବି.ଆଇ ହୋମ ଲୋନ ସେଣ୍ଟର, ମହାନଦୀବିହାର କଟକରେ ବନ୍ଧକ ଦେବାକୁ ଇଚ୍ଛୁକ । ଯଦି କୌଣସି ସହୃଦୟ ବ୍ୟକ୍ତି ସନ୍ଧାନ ପାଇଲେ ମୋ ନଂ.:୯୯୩୮୪୭୬୯୦୦ରେ ଜଣାଇବାକୁ ଅନୁରୋଧ ।

### ମିଲରଙ୍କ ଜିଦ୍ ଆଗରେ ମୁଣ୍ଡ ନୁଆଁଇଲା ପ୍ରଶାସନ

# ୭ କେଜି କଟ୍‌ନୀଛଟ୍‌ନୀରେ ଧାନ କିଣା ଆରମ୍ଭ



**ଧାମନଗର, ୨୭।୧(ସମିସ)**

ଧାମନଗର ବ୍ଲକ ଅଧୀନରେ ଥିବା ୧୧ଟି ସେବା ସମବାୟ ସମିତି ଗତ ୫ ତାରିଖରୁ ସରକାରୀ ନିୟମ ଅନୁସାରେ ଧାନ କିଣିବା ପାଇଁ ମଣ୍ଡି ପୂଜା କରିସାରିଥିଲେ ମଧ୍ୟ ପ୍ରଶାସନ ଓ ମିଲରଙ୍କ ମଧ୍ୟରେ ତାଳମେଳର ଅଭାବ ରହିଥିଲା। ଚାଷୀଙ୍କଠାରୁ କିପରି ଭାବରେ ସମବାୟ ସମିତି ଧାନ କିଣିବ ଏଫ୍‌ଏକ୍ୟୁ ମାନର ନା ୭ କେଜି କଟ୍‌ନୀଛଟ୍‌ନୀରେ ତାହାର ଶେଷ ନିଷ୍ପତ୍ତିରେ ପ୍ରଶାସନ ପହଞ୍ଚି ପାରି ନ ଥିଲା। ଚାଷୀମାନେ ଧାନ ସମିତିକୁ ନେଇ ବିକ୍ରି କରି ନ ପାରି ଶୀତ କାକରରେ ପଡ଼ିରହି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ନେଇ ବିଭିନ୍ନ ଅଞ୍ଚଳର ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେବା ସହ ବିଭିନ୍ନ ରାଜନୈତିକ ଦଳ ତରଫରୁ ଠିକ୍ ସମୟରେ ଧାନ କିଣା ନ ଗଲେ ଧାରଣା ଚେତାବନୀ ଦେବା ପରେ କିଛି ସମବାୟ ସମିତିରେ ଗତ ୨୫ ତାରିଖରେ ଚାଷୀଙ୍କଠାରୁ ଧାନ କିଣାଯାଇଥିବାର ଦେଖିବାକୁ ମିଳିଥିଲା। ଚାଷୀଙ୍କ ପାଖରୁ କିପରି ଭାବରେ ଧାନ କିଣାଯାଉଛି ଜାଣିବା ପାଇଁ ଭଗବାନପୁରସ୍ଥିତ ଶ୍ରୀଜଗନ୍ନାଥ ସେବା ସମବାୟ ସମିତି ସମ୍ପାଦକ ପ୍ରକାଶ ରାଉତଙ୍କୁ ପଚାରିବାରୁ ସେ କହିଥିଲେ ଆମେ ସରକାରୀ ନିୟମ ଅନୁସାରେ ଏଫ୍‌ଏକ୍ୟୁ ମାନର ଧାନ ବିନା କଟ୍‌ନୀଛଟ୍‌ନୀରେ କିଣୁଛୁ। କିନ୍ତୁ ସମବାୟ ସମିତିର ସମ୍ପାଦକଙ୍କ ଏଭଳି ଅଭିଯୋଗକୁ ଏଡ଼ାଇ ଦେଇ ଗତ ୨୩ ତାରିଖରେ ପ୍ରେସ୍ ଇସ୍ତାହାର ମାଧ୍ୟମରେ ସୂଚନା ଦେଇଥିବା ଭଗବାନପୁର ପଞ୍ଚାୟତ ବିଜେଡି ସଭାପତି କହିଛନ୍ତି ଯେ ସମ୍ପାଦକଙ୍କ ଏଭଳି ମନ୍ତବ୍ୟ ଭିତ୍ତିହୀନ। ଏହି ବିଷୟକୁ ନେଇ ସମିତି ସମ୍ପାଦକ, ଚାଷୀ, ସମିତିର ବୋର୍ଡ ସଭ୍ୟ, ସମିତିସଭ୍ୟଙ୍କୁ ନେଇ ଗୋଟିଏ ଦିନରେ ଦୁଇ ଦୁଇ ଥର ବୈଠକ ଡାକି ସମସ୍ତଙ୍କ ମତାମତ ଅନୁସାରେ ୭ କେଜି କଟ୍‌ନୀଛଟ୍‌ନୀରେ ୨୫ ତାରିଖଠାରୁ ଧାନ କିଣା ହେବ ବୋଲି ଗଣମାଧ୍ୟମ ଜରିଆରେ ସୂଚନା ଦେଇଥିବା କଥାରେ ସହମତ ପ୍ରକାଶ କରିଥିଲେ। ଏହା ସହିତ ସମିତି ସଭ୍ୟ ମଧ୍ୟ ୭ କେଜି କଟ୍‌ନୀରେ ଧାନ କିଣା ଯିବା କଥାରେ ସହମତି ପ୍ରକାଶ କରିଛନ୍ତି। ଏଠି ପ୍ରଶ୍ନ ଉଠୁଛି ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରି କିପରି ୭ କେଜି କଟ୍‌ନୀରେ ଧାନ କିଣୁଛନ୍ତି। ଯଦି ଯୋଗାଣ ବିଭାଗ ଏସବୁ କଥା ଜାଣିଶୁଣି ପରୋକ୍ଷରେ ସହଯୋଗ କରୁଛି ତାହେଲେ ଏଠି ଚାଷୀ ସ୍ୱାର୍ଥକୁ ବଳି ଦେଇ ନିଜ ପକେଟ ଗରମ କରିବାକୁ ଯାଇ ଧାନ କିଣାରେ ବିଳମ୍ବତାର ଷଡ଼ଯନ୍ତ୍ର ରଚି ମିଲରଙ୍କ ଜିଦ୍ ଓ ହୀନ ସ୍ୱାର୍ଥ ଆଗରେ ମୁଣ୍ଡ ନୁଆଁଇବା ଏକ ହୀନ ଚକ୍ରାନ୍ତ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଜୟକିଷାନ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ



**ଧାମନଗର, ୨୭।୧(ସମିସ):** ଧାମନଗର ବ୍ଲକ ଅର୍ଜୁନପୁର ପଞ୍ଚାୟତ ବାଲିପାଟଣାସ୍ଥିତ ଜୟକିଷାନ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ନୂତନ ଗଣେଶ ମଣ୍ଡପ ନିର୍ମାଣ କରାଯାଇ ପ୍ରଭୁ ଶ୍ରୀଗଣେଶଙ୍କ ମୂର୍ତ୍ତି ସ୍ଥାପନ ଓ ଶାସ୍ତ୍ରୀୟ ରୀତିନୀତିରେ କର୍ତ୍ତା ଭାବେ ନିଜେ ପ୍ରଧାନଶିକ୍ଷକ ଓ ତାଙ୍କ ସହଧର୍ମିଣୀ ମିନାକ୍ଷୀ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ପ୍ରତିଷ୍ଠା କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ସରିତା ମହାନ୍ତି, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ବିଦ୍ୟାଧର ରାଉତ, ପ୍ରାକ୍ତନ ଶିକ୍ଷକ ଘନଶ୍ୟାମ ନାୟକ, ପୁରାତନ ଛାତ୍ର, ବୁଦ୍ଧିଜୀବୀ, ଏସ୍‌ଏମ୍‌ସିର ସଭ୍ୟ/ସଭ୍ୟା ଉପସ୍ଥିତ ରହି ମନ୍ଦିର ଉଦ୍‌ଘାଟନ କରିଥିଲେ। ଅପରାହ୍ଣରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ଭାବେ ଏବିଇଓ ସତ୍ୟ ସୁନ୍ଦର ପରିଡ଼ା, ସାମ୍ବାଦିକ ପ୍ରଦୀପ ମହାପାତ୍ର, ସିଆର୍‌ସିସି ଉଗ୍ରସେନ ବେହେରା, ସମାଜସେବୀ ଅକ୍ଷୟ ନାୟକ ପ୍ରମୁଖ ଯୋଗଦେଇ 'କେବଳ ପାଠ ପଢ଼ିବା ଶିକ୍ଷାର ଲକ୍ଷ୍ୟ ନୁହେଁ, ବରଂ ଜଣେ ଭଲ ମଣିଷ ହେବା ଏବଂ ଗୁରୁଜନଙ୍କୁ ସମ୍ମାନ ଦେବା ହିଁ ପ୍ରକୃତ ଶିକ୍ଷା।' ଶିକ୍ଷାର୍ଥୀମାନେ ଶୃଙ୍ଖଳା ଓ ସମୟାନୁବର୍ତ୍ତିତାକୁ ନିଜ ଜୀବନର ପାଥେୟ କରି କିଭଳି ଆଗକୁ ବଢ଼ିବେ ଏବଂ ଅଞ୍ଚଳର ଗୌରବ ବୃଦ୍ଧି କରିବେ, ସେ ସମ୍ପର୍କରେ ଅତିଥିମାନେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ବିଶ୍ୱଜିତ୍ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ନିରୋଦ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବାରେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ସନ୍ତୋଷ ଦୁଆରୀ, ରାମସିଂ ଟୁଡ୍ଡୁ, ଜ୍ୟୋତ୍ସ୍ନାରାଣୀ ନାୟକ, ଭାଗ୍ୟଶ୍ରୀ ପଢ଼ିଆରୀ, ବିଜୟ ଗୋଛାୟତ, ଗୌତମ ସେଠୀ, ବିକାଶ ସାମଲ, ପ୍ରେମଲତା ଦାସ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ କମ୍ବୁନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଐତିହାସିକ କାଳିମେଘା ମେଳଣ ପାଇଁ ପ୍ରାକ୍ ପ୍ରସ୍ତୁତି

# ପାରମ୍ପରିକ ବାଦ୍ୟ ଆଣିଲେ ମିଳିବ ପୁରସ୍କାର

**ତିହିଡ଼ି, ୨୭।୧(ସମିସ):** ତିହିଡ଼ିର ଐତିହାସିକ କାଳିମେଘା ମେଳଣ ଲାଗି ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଗତ ୨୬ ତାରିଖରେ ଶ୍ରୀଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମେଳଣ କମିଟିର କାର୍ଯ୍ୟକାରୀ ସଭାପତି ତଥା ଦୈନିକ 'ସମୟ'ର ମୁଖ୍ୟ ସମ୍ପାଦକ ପ୍ରତିଶ୍ରୁତି ଦିଆଯାଇଥିଲା। ଚଳିତ ବର୍ଷ ଠାକୁରବାଡ଼ିଆମାନେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରି ଶୋଭାଯାତ୍ରାରେ ସେମାନଙ୍କ ନମ୍ବରରେ ଶୃଙ୍ଖଳିତ ଭାବେ ମେଳଣ ପଡ଼ିଆ ଯାଏଁ ଯିବେ। ବୈଠକରେ ହୋଇଥିବା ସମସ୍ତ ନିଷ୍ପତ୍ତିକୁ ତିହିଡ଼ି ଆଇଆଇସି, ଜିଲ୍ଲାପାଳ ଓ ଏସ୍‌ପି ପ୍ରମୁଖଙ୍କ



ଗୁରୁକଲ୍ୟାଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଠାକୁର ବାଡ଼ିଆମାନେ ଯୋଗଦେଇ ମେଳଣର ସ୍ଥାୟିତ୍ୱ ଓ ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ଚଳିତ ବର୍ଷ ମେଳଣକୁ ଡିଜେ ବାଜା ନ ଆଣି ବରଂ ପାରମ୍ପରିକ ବାଦ୍ୟ ନେଇ ଆସିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପାରମ୍ପରିକ ବାଦ୍ୟ ଆଣିଲେ ସେମାନଙ୍କ ମେଢ଼କୁ ପୁରସ୍କୃତ କରାଯିବ ବୋଲି କମିଟି ପକ୍ଷରୁ ଘୋଷଣା କରାଯାଇଥିଲା। ସେହିପରି ଗତବର୍ଷ ମେଳଣରେ ଆରସା ଓ ଗୁଡୁପାଳ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦକୁ ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି କମିଟି ପକ୍ଷରୁ ଅବଗତି ନିମନ୍ତେ ପ୍ରେରଣ କରାଯିବ ବୋଲି ସ୍ଥିର କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ଗଣେଶ ପ୍ରସାଦ ନାୟକ, ସୁରେଶ ଚନ୍ଦ୍ର ମହାପାତ୍ର, ରତିକାନ୍ତ ଦାସ, ଅଜୟ ରାଉତ, ଉମାକଲ୍ୟାଣ ମହାପାତ୍ର, ନିର୍ମଳ ଚନ୍ଦ୍ର ନାୟକ, କୀର୍ତ୍ତନ ନାରାୟଣ ରାଉତ, ରବି ନାରାୟଣ ପଣ୍ଡା, ଅପୂର୍ବ ଦାସ, ବେଣୁଧର ନାୟକ, ଶ୍ରୀକାନ୍ତ ପଣ୍ଡା, ଧର୍ମପଦ ଗ୍ରହାଚାର୍ଯ୍ୟ, ବିପ୍ଳବ ପତି, ପ୍ରଫୁଲ୍ଲ ରାଉତ, ଅଭୟ ନାୟକ, ରତ୍ନାକର ପଣ୍ଡା ପ୍ରମୁଖଙ୍କ ସମେତ ଠାକୁରବାଡ଼ିଆ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ମେଧାବୃତ୍ତି ପରୀକ୍ଷାରେ ଶିଶୁ ମନ୍ଦିର ଛାତ୍ରଛାତ୍ରୀଙ୍କ ସଫଳତା



**ଭଦ୍ରକ, ୨୭।୧(ସମିସ):** ତିହିଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ଅନୁଷ୍ଠିତ ୩ୟ ଓ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ସଫଳତା ଅର୍ଜନ କରି ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି। ଶିଶୁ ମନ୍ଦିରର ଛାତ୍ର ଶ୍ରୀତମ୍ ରାଉତ ୩ୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ସଫଳ ହୋଇଥିବାବେଳେ ସମଗ୍ର ବ୍ଲକରେ ୨ୟ ସ୍ଥାନ ହାସଲ କରିଛନ୍ତି। ସେହିପରି ଛାତ୍ରୀ ତୃପ୍ତିରେଖା ବେହେରା, ମଧୁସ୍ମିତା ସାବତ ଓ ସୁସନ୍ଧ୍ୟା ବିଶ୍ୱାଳ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ସଫଳ ହୋଇଥିବାବେଳେ ସମଗ୍ର ବ୍ଲକରେ ଯଥାକ୍ରମେ ୧ମ, ୨ୟ ଓ ୪ର୍ଥ ସ୍ଥାନ ହାସଲ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ଲାଗି ଶିଶୁମନ୍ଦିର ପକ୍ଷରୁ ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଭଣ୍ଡାରିପୋଖରୀ ମହୋତ୍ସବ ଉଦ୍‌ଯାପିତ



**ବାରିକପୁର, ୨୭।୧(ସମିସ):** ସ୍ଥାନୀୟ ଚନ୍ଦ୍ରଭାନପୁର ପଡ଼ିଆଠାରେ ଗତ ୩ ଦିନ ଧରି ଚାଲିଥିବା ଭଣ୍ଡାରିପୋଖରୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଲକ୍ଷ୍ମୀଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ସ୍ୱତନ୍ତ୍ର ଅତିଥିଭାବେ ଅଭିନେତା ହରିହର ମହାପାତ୍ର, ଡ. ରବୀନ୍ଦ୍ର ନାୟକ, ସମାଜସେବୀ ଉତ୍କଳ କେଶରୀ ବିଶ୍ୱାଳ, ଯୁବ ନେତା ଲାଲା ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ମିନତି ସାହୁ, ବର୍ଷାରାଣୀ ଜେନା ପ୍ରମୁଖ ଯୋଗଦେଇ ମହୋତ୍ସବ ମାଧ୍ୟମରେ କଳା ସଂସ୍କୃତି ଋଦ୍ଧିମନ୍ତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। କମିଟିର କାର୍ଯ୍ୟକାରୀ ସଭାପତି ଲଳିତ ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ଏହାଛଡ଼ା ବାଲୁକା ଶିଳ୍ପୀ ବିପିନ ବିହାରୀ ଜେନା ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭରତ ଚନ୍ଦ୍ର କରଣ, ପବନ ନାୟକ, ରଜନୀକାନ୍ତ ଚାନ୍ଦ, ରାଜେନ୍ଦ୍ର ଖଣ୍ଡେଇ, ବିଜୟ ଶଙ୍କର ମହାନ୍ତି, ସୁଶାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ଗୋପୀନାଥ ଦାସଙ୍କ ଜୟନ୍ତୀ




**ବନ୍ତ/ଆଗରପଡ଼ା, ୨୭।୧(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରାକ୍ତନ ବିଧାୟକ ସ୍ୱର୍ଗତ ଗୋପୀନାଥ ଦାସଙ୍କ ୧୧୧ତମ ଜୟନ୍ତୀ ଉତ୍ସବ ସ୍ଥାନୀୟ ହେମପଦ୍ମ ଗାଲାକ୍ସିଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରାକ୍ତନ ଅର୍ଥ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବରିଷ୍ଠ ବିଜେପି ନେତା ବଦ୍ରିନାରାୟଣ ଧଳ, ଅଭିନେତା ଅଶ୍ରୁମୋହନ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଗୋପୀନାଥଙ୍କ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ବିଶିଷ୍ଟ ଐତିହାସିକ ଡ. ଭାଗବତ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶିକ୍ଷାବିତ୍ ପ୍ରଫୁଲ୍ଲ ବିଶ୍ୱାଳ ଅତିଥି ପରିଚୟ, ଶିକ୍ଷାବିତ୍ ପ୍ରଣୟ ସିଂହ ସମ୍ପାଦକୀୟ ବିବରଣୀ ପାଠ, ସାହିତ୍ୟିକ ଜଇନୁଲ ଆବେଦିନ ସ୍ୱାଗତ ଭାଷଣ ଓ ସାମ୍ବାଦିକ ପ୍ରଦ୍ୟୁମ୍ନ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାକ୍ତନ ସରପଞ୍ଚ ପୃଥ୍ୱୀରାଜ ଦାସ, ଦିଲ୍ଲୀପ ଦାସ, ପ୍ରାକ୍ତନ ସରପଞ୍ଚ ସତ୍ୟବାନ ଦାସ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ। ଏହି ଅବସରରେ ଡ. ସୁଧାକର ଖଟୁଆ, ଅଭିନେତା ଅଶ୍ରୁମୋଚନ ମହାନ୍ତି ଏବଂ ପାଲା ଗାୟକ ଅଲେଖ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାତଃ ସମୟରେ ଉକ୍ତ ଉତ୍ସବକୁ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆଗରପଡ଼ା ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଗୋପୀନାଥ ଦାସ ଜୟନ୍ତୀ କମିଟିର କାର୍ଯ୍ୟକାରୀ ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଗରପଡ଼ା ଥାନାର ଭାରପ୍ରାପ୍ତ ଥାନାଧିକାରିଣୀ ଇଭାରାଣୀ ପରିଡ଼ା, ପୂର୍ବତନ ସରପଞ୍ଚ ରବିନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କମିଟିର ସମ୍ପାଦକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଣୟ ସିଂହ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କମିଟିର ସହ ସମ୍ପାଦକ ସାମ୍ବାଦିକ ଜିତେନ୍ଦ୍ର ଶତପଥି ଅତିଥି ପରିଚୟ ଏବଂ ପୂର୍ବତନ ସରପଞ୍ଚ କଳ୍ପତରୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଖବର ପ୍ରକାଶ ପରେ ନୂତନ ବିଜ୍ଞାପନ ପ୍ରକାଶିତ

ସକାଳ ପ୍ରଭାବ

**ବନ୍ତ/ଆଗରପଡ଼ା, ୨୭।୧(ସମିସ):** ଗତ ୨୬ ତାରିଖ 'ଶିଶୁ ସେବିକା ନିଯୁକ୍ତି ପ୍ରକ୍ରିୟାରେ ଦୁର୍ନୀତିର ଗନ୍ଧ; ପ୍ରକାଶିତ ବିଜ୍ଞାପନକୁ ନେଇ ଉଠିଲା ପ୍ରଶ୍ନ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଗୋପିନାଥପୁର କ୍ଲଷ୍ଟର ଅଧୀନ ଗୋପିନାଥପୁରସ୍ଥିତ ଗୋପିନାଥଜୀଉ ସ୍କୁଲରେ ସେବିକା ନିଯୁକ୍ତି ଆବେଦନ ପାଇଁ ଦରଖାସ୍ତ ଦେବାକୁ ନୂତନ ବିଜ୍ଞାପନ ପ୍ରକାଶ ପାଇଛି। ଉକ୍ତ ବିଜ୍ଞାପନରେ ବିଜ୍ଞାପନ ସଂଖ୍ୟା ଏବଂ ତାରିଖ ଉଲ୍ଲେଖ କରାଯିବା ସହ ୨୬ରୁ ୨ତାରିଖ ଭିତରେ ଆବେଦନ କରିବାକୁ ଅନୁରୋଧ କରାଯାଇଥିବା ଜଣାପଡ଼ିଛି।

ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ, ଯେଉଁ ସ୍କୁଲରେ ଶିଶୁବାଟିକା, ପ୍ରଥମ ଓ ଦ୍ୱିତୀୟ ଏହି ତିନୋଟି ଶ୍ରେଣୀରେ ୨୫ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଥିବ ସେଠାରେ ଶିଶୁବାଟିକାରେ ପିଲାମାନଙ୍କ ଯତ୍ନ ନେବା ପାଇଁ ଜଣେ ଶିଶୁ ସେବିକା ନିଯୁକ୍ତି ପାଇବେ। ଏହି ସୂତ୍ରରେ ଗୋପିନାଥପୁର କ୍ଲଷ୍ଟର ଅଧୀନ ଗୋପିନାଥପୁରସ୍ଥିତ ଗୋପିନାଥଜୀଉ ସ୍କୁଲରେ ସେବିକା ନିଯୁକ୍ତି ଆବେଦନ ପାଇଁ ଦରଖାସ୍ତ ଦେବାକୁ ବିଜ୍ଞାପନ ପ୍ରକାଶ ପାଇଥିଲା। ଏଥିରେ ବିଜ୍ଞାପନ ସଂଖ୍ୟା କିମ୍ବା ତାରିଖ ଉଲ୍ଲେଖ କରାଯାଇ ନ ଥିଲା। କିନ୍ତୁ ପରିଚାଳନା କମିଟି ସଭାପତିଙ୍କ ଦସ୍ତଖତ ଉକ୍ତ ବିଜ୍ଞାପନରେ ରହିବା ସହ ଆବେଦନ ତାରିଖ ୧୯ ଜାନୁଆରୀରୁ ୨୬ ଜାନୁଆରୀ ରହିଥିଲା। ଏହି ତ୍ରୁଟିପୂର୍ଣ୍ଣ ବିଜ୍ଞାପନ ଜାଣିଶୁଣି କରାଯାଇଥିବାରୁ ଏଥିରେ ଦୁର୍ନୀତିର ବାସ୍ନା ବାରିହୋଇ ପଡୁଛି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଥିଲେ। ଅଭିଯୋଗକୁ ନେଇ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଯୋଗାଯୋଗ କରିବାରୁ ବିଜ୍ଞାପନକୁ ସଂଶୋଧନ କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ। ଏଠାରେ ପ୍ରଶ୍ନ ଉଠିଥିଲା ଯେ, ନା ବିଜ୍ଞାପନ ସଂଖ୍ୟା କିମ୍ବା ତାରିଖ ଥିବା ବିଜ୍ଞାପନ ପ୍ରକାଶ ପାଇଲା କିପରି ଏବଂ ଏଥିରେ କି ସ୍ୱାର୍ଥ ନିହିତ ଅଛି। ତେଣୁ ଏକ ସୁସ୍ଥ ବାତାବରଣ ମଧ୍ୟରେ ଓ ସରକାରଙ୍କ ନିୟମାନୁସାରେ ଶିଶୁ ସେବିକା ନିଯୁକ୍ତି ହେବା ନେଇ ବିଭିନ୍ନ ମହଲରୁ ଦାବି ହୋଇଥିଲା।

# ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ବାସୁଦେବପୁର, ୨୭।୧(ସମିସ):** ଭାରତୀୟ ରେଡ୍‌କ୍ରସ ସୋସାଇଟିର ଓଡ଼ିଶା ଶାଖା ପକ୍ଷରୁ ବାସୁଦେବପୁର ଅଟଳବିହାରୀ କଲେଜରେ ୩ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାର ୟୁଥ୍ ରେଡ୍‌କ୍ରସର କାଉନ୍‌ସିଲର ସୁଜାତା ମହାପାତ୍ର ସଂଯୋଜନା କରିଥିଲେ। ଅଟଳ ବିହାରୀ କଲେଜର ଅଧ୍ୟକ୍ଷ ଡ. ଚିନ୍ମୟୀ ସେନାପତି, ଭଦ୍ରକ ଜିଲ୍ଲାର ୟୁଥ୍ ରେଡକ୍ରସର ସଂଯୋଜକ ଓ କନ୍‌ଭେନର ସମ୍ପାଦକ ଆସିଷ୍ଟାଣ୍ଟ ପ୍ରଫେସର ଡ. କମଳାକାନ୍ତ ଯେନା, ବାଲେଶ୍ୱର ଗୋପାଳପୁର କଲେଜର ପ୍ରାଧ୍ୟାପିକା ଶୈଳବାଳା ଦାଶ, ୟୁଥ୍ ରେଡ୍‌କ୍ରସର ବାଲେଶ୍ୱର ଜିଲ୍ଲା ସଂଯୋଜକ ସୁଧିର ମୁଦୁଲି ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଯୁବଗୋଷ୍ଠୀଙ୍କ ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ। ତିନିଦିନ ଧରି ଚାଲିବାକୁ ଥିବା ଶିବିରରେ ଭଦ୍ରକ ଜିଲ୍ଲାର ୨୦ଟି କଲେଜର ୧୨୦ ଜଣ ଛାତ୍ରଛାତ୍ରୀ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଛନ୍ତି। ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ଉପରେ ତାଲିମ ପ୍ରଦାନ କରିଥିଲେ। ଧାମରା କଲେଜର କ୍ରୀଡ଼ା ଶିକ୍ଷକ ଲକ୍ଷ୍ମୀଧର ବେହେରା ସହଯୋଗ କରିଥିଲେ।

# 'ଦାରୁଦେହୀ ଶ୍ରୀଜଗନ୍ନାଥ' ପୁସ୍ତକ ଉନ୍ମୋଚିତ



**ଅସୁରାଳି, ୨୭।୧(ସମିସ):** ଧୂଷୁରୀସ୍ଥିତ ହୃଦାନନ୍ଦ ପାଠାଗାରରେ କବି ପଣ୍ଡିତ ନୃସିଂହ ଚରଣ ନାୟକଙ୍କ ରଚିତ 'ଦାରୁଦେହୀ ଶ୍ରୀଜଗନ୍ନାଥ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏହି ଉପଲକ୍ଷେ ସାହିତ୍ୟିକ ରବୀନ୍ଦ୍ର କୁମାର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ. ଅନୀଲ ଦାସ ମୁଖ୍ୟ ଅତିଥି, ପ୍ରାକ୍ତନ ଡିଆଇ ଗୟାଧର ପଣ୍ଡା ମୁଖ୍ୟବକ୍ତା, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାଜକିଶୋର ନାୟକ, ପଣ୍ଡିତ ଦୟାନିଧି ମିଶ୍ର, ପ୍ରାଧ୍ୟାପକ ପ୍ରମୋଦ ମିଶ୍ର, ଅଧ୍ୟାପକ ନରେନ୍ଦ୍ର ପଣ୍ଡା, ପ୍ରଦୀପ୍ତ ଦାସ, ପର୍ଶୁରାମ ପଣ୍ଡା, ଦୁର୍ଯ୍ୟୋଧନ ତରାଇ, ସାମାଜିକ କର୍ମୀ ଚତୁର୍ଭୁଜ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, କବି ରାମଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଏହି କବିତା ପୁସ୍ତକ ଆଧ୍ୟାତ୍ମିକତାର ବାର୍ତ୍ତାବହ ଓ ସମସ୍ତଙ୍କୁ ଆନନ୍ଦିତ କରିବ ବୋଲି କହିଥିଲେ। ପୁସ୍ତକ ଉନ୍ମୋଚନବେଳେ ଧୂଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଅନୁକମ୍ପା ମହିଳା ସଂଗଠନ ସଭାପତି କବିତା ସାହୁ, ସମ୍ପାଦିକା ନମିତା ପଣ୍ଡା ସମେତ ବହୁ ସାହିତ୍ୟାନୁରାଗୀ ଉପସ୍ଥିତ ଥିଲେ।

# ୫୨ ୟୁନିଟ୍ ରକ୍ତ ସଂଗ୍ରହ

**ତିହିଡ଼ି, ୨୭।୧(ସମିସ):** ଗୋପ ସେବା ସମାଜ ପକ୍ଷରୁ ତିହିଡ଼ି ବ୍ଲକ ତଳଗୋପବିନ୍ଧାସ୍ଥିତ ଐଶାନ୍ୟଚଣ୍ଡୀ ଉଚ୍ଚ ବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲା ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାନର ମହତ୍ୱ ବିଷୟରେ ଆଲୋଚନା କରିଥିଲେ ଏବଂ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଉମାକାନ୍ତ ଦାସ, ଶିକ୍ଷାବିତ୍ ହେମନ୍ତ ସ୍ୱାଇଁ, ଭାସ୍କର ନାୟକ, ପ୍ରଶାନ୍ତ ନାୟକ, ରାଧାଶ୍ୟାମ ବେହେରା ଯୋଗଦେଇ ରକ୍ତଦାତାମାନଙ୍କୁ ଓ ଗୋପ ସେବା ସମାଜର ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୫୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସଦସ୍ୟ ସମୀର ଜେନା, ସୁରେନ୍ଦ୍ର ବେହେରା, ଲକ୍ଷ୍ମୀପ୍ରିୟା ନାୟକ, ଜ୍ଞାନ ରଞ୍ଜନ ପାଗଳ, ଶ୍ରୀକାନ୍ତ ମହାଲିକ, ମନୋଜ ଜେନା, ପ୍ରଳୟ ଜେନା, ଚକ୍ରଧର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ସଭାପତି ନିରଞ୍ଜନ ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ୧୬୦ ଅଭିଯୋଗ

# ଅଭିଯୋଗ ପ୍ରବଳ; ସମାଧାନ ଦୁର୍ବଳ

**ଭଣ୍ଡାରିପୋଖରୀ/ବାରିକପୁର, ୨୭।୧(ସମିସ)**



ଭଣ୍ଡାରିପୋଖରୀ ବ୍ଲକ ସଭାଗୃହ ମଧ୍ୟରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବଦତ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଜନ ଶୁଣାଣି ଶିବିରରେ ମୋଟ୍ ୧୬୦ଟି ଅଭିଯୋଗ ହୋଇଥିଲା। କଣ୍ଟି-କୁରିଗାଁ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଦୁରବସ୍ଥା, କେନାଲ ପୁନରୁଦ୍ଧାର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ, ଭତ୍ତା, ବୃକ୍ଷରୋପଣ ଓ ଧାନ କ୍ରୟ ଅବ୍ୟବସ୍ଥା ନେଇ ଅଭିଯୋଗ ହୋଇଥିଲା। ଏହାଛଡ଼ା ସାନଶାସନ ଗ୍ରାମ୍ୟ ରାସ୍ତା ନବୀକରଣ ଓ ଉତ୍କଟ ପାନୀୟଜଳ ସମସ୍ୟାକୁ ନେଇ ମଧ୍ୟ ଲୋକମାନେ ଅଭିଯୋଗ କରିଥିଲେ। ୮୦ପ୍ରତିଶତ ଭିନ୍ନକ୍ଷମ ଥାଇ ୩୫୦୦ ଟଙ୍କା ଭତ୍ତାରୁ ବଞ୍ଚିତ ହୋଇଥିବା ହିତାଧିକାରୀ ଅଭିଯୋଗ ଶୁଣାଣିରେ ଆପତ୍ତି ଶୁଣାଇଥିଲେ। ସେହିପରି ମେଡିକାଲରେ ବିବାଦୀୟ ବିପିଏମ୍‌ଙ୍କ ପୁନଃନିଯୁକ୍ତିକୁ ବିରୋଧ କରି ଦୀର୍ଘ ଦିନ ଧରି ଧାରଣା ଦେଇଥିବା ଆଶାକର୍ମୀମାନେ ମଧ୍ୟ ଶିବିରରେ ପହଞ୍ଚି ଅଭିଯୋଗ କରିଥିଲେ। ସମସ୍ତ ଅଭିଯୋଗକୁ ଜିଲ୍ଲାପାଳ ଶୁଣିବା ପରେ ତୁରନ୍ତ ଏଗୁଡ଼ିକର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଠାରେ ସୂଚିତ ଯେ, ମାସକୁ ମାସ ଜିଲ୍ଲାପାଳଙ୍କ ଜନ ଶୁଣାଣିରେ ଅଭିଯୋଗମାନ ବୃଦ୍ଧି ପାଉଥିବାବେଳେ ଏଗୁଡ଼ିକର ସମାଧାନ ତ୍ୱରାନ୍ୱିତ ହୋଇପାରୁନାହିଁ। ଏପରିକି ନିର୍ଦ୍ଦିଷ୍ଟ ଅଭିଯୋଗମାନ ବାରମ୍ବାର ପ୍ରତ୍ୟେକ ମାସରେ ହେଉଥିବା ଦେଖାଯାଇଛି। ତେଣୁ ଅଭିଯୋଗ ଶୁଣାଣି ଶିବିରରେ ଲୋକମାନେ ଦେଇଥିବା ଅଭିଯୋଗଗୁଡ଼ିକୁ ବିଚାର କରି ତୁରନ୍ତ ସମାଧାନ ପାଇଁ କୁହାଯାଇଥିଲା। ଆୟୋଜିତ ଶିବିରରେ ଜିଲ୍ଲାପାଳଙ୍କ ସମେତ ଏସ୍‌ପି ମନୋଜ ରାଉତ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ପ୍ରମୋଦ ପ୍ରହରାଜ, ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ତହସିଲ୍‌ଦାର ରୋଜାଲିନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଭଦ୍ରକ ଜିଲ୍ଲାରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ

# 'ସ୍ୱାଧୀନତା ସଂଗ୍ରାମରେ ଭଦ୍ରକର ଅବଦାନ ଅତୁଳନୀୟ'



ଭଦ୍ରକ,୨୭।୧(ସମିସ): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ସୋମବାର ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ପବିତ୍ର ଦିବସକୁ ଅଧିକ ଗରିମାମଣ୍ଡିତ କରିବା ପାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ଗୃହ ଓ ନଗର ଉନ୍ନୟନ ସହ ଜିଲ୍ଲାର ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ମନ୍ତ୍ରୀଙ୍କୁ ମଞ୍ଚକୁ ପାଛୋଟି ନେଇଥିଲେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ। ସାଙ୍ଗରେ ଏସ୍‌ପି ମନୋଜ ରାଉତ୍ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ସଂଗ୍ରାମରେ ଭଦ୍ରକର ଅବଦାନ ଅତୁଳନୀୟ ଥିବା କଥା ଉଲ୍ଲେଖ କରି ଇରମ୍ ହତ୍ୟାକାଣ୍ଡ ଉପରେ ଆଲୋକପାତ କରିଥିଲେ। ସେହିପରି ଜିଲ୍ଲାରେ ଚାଲୁଥିବା ବିଭିନ୍ନ ଗୃହ ଓ ନଗର ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ପବିତ୍ର ଦିବସରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ମୋଟ୍ ୪୦ଟି କଣ୍ଟିଜେଣ୍ଟ ପରେଡ଼ରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ସର୍ବୋତ୍କୃଷ୍ଟ ପରେଡ୍ ପ୍ରଦର୍ଶନ କରିଥିବା କଣ୍ଟିଜେଣ୍ଟମାନଙ୍କୁ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପୁରସ୍କୃତ କରିଥିଲେ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଭଦ୍ରକର ବିଭିନ୍ନ ସଂଗଠନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ମନ୍ତ୍ରୀ ପୁରସ୍କାର ପ୍ରଦାନ କରିଥିଲେ। ସାଂସ୍କୃତିକ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନେ ମନ୍ତ୍ରୀ ଅତିଥିଙ୍କ ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ଭଦ୍ରକ ତାଏକ୍ୱାଣ୍ଡୋ ଆସୋସିଏସନ୍ ପକ୍ଷରୁ ତାଏକ୍ୱାଣ୍ଡୋ ପ୍ରଦର୍ଶିତ ହୋଇଥିଲା। ପରବର୍ତ୍ତୀ କ୍ରମରେ ମନ୍ତ୍ରୀ ଶିଶୁ ବିବାହ ବିରୋଧୀ ସଚେତନତା ପାଇଁ ସାମୂହିକ ସାଇକଲ୍ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହାପରେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ଓ ଆହାର ବଣ୍ଟନ କରିଥିଲେ। ଏହା ସହିତ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ପରିଭ୍ରମଣ କରି ମନ୍ତ୍ରୀ ପ୍ରଶଂସା କରିଥିଲେ।

## ଭଦ୍ରକ: ଗାନ୍ଧୀ ବାଳାଶ୍ରମ

ଗାନ୍ଧୀ ଓଡ଼ିଶା ବାଳାଶ୍ରମ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ବାଳାଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ପ୍ରଭାତଫେରି କରାଯିବା ପରେ ଭଦ୍ରକ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ସୁବ୍ରତ କୁମାର ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ ଦାସଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ସୁବ୍ରତ କୁମାର ବିଶ୍ୱାଳ, ବରିଷ୍ଠ ସଦସ୍ୟ ପ୍ରଦୀପ୍ତ କର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଗାନ୍ଧୀ ବାଳାଶ୍ରମର ପ୍ରାକ୍ତନ ଅଧୀକ୍ଷକ ହୃଷୀକେଶ ମହାନ୍ତି, ପ୍ରଧାନଶିକ୍ଷକ ଧରଣୀଧର ସେଠୀ, ଉର୍ଦ୍ଦୁ କବି ମୁସ୍ତାକ ଗହ୍ୱର, ଚାଇଲ୍ଡ ଲାଇନରୁ ରମାକାନ୍ତ ଜେନା, ଦିଗ୍‌ବିଜୟ ମହାନ୍ତି, ଚନ୍ଦ୍ରକାନ୍ତ ଗୋଛାୟତ ପ୍ରମୁଖ ଯୋଗଦେଇଥିଲେ। ଆଶ୍ରମ ପରିସରରେ ଅନୁଷ୍ଠିତ ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଝରଣା ଦାସ, ତଥାଗତ ଜେନା, ସସ୍ମିତା ନାୟକ, ନିରଞ୍ଜନ ନାୟକ, ଚନ୍ଦନ ସାହୁ, ସୌମ୍ୟରଞ୍ଜନ ଦାସ, ସସ୍ମିତା ମଲ୍ଲିକ ଓ ରାଜେଶ ମୋହିନୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦ୍ରକ: କାର୍ମେଲ ସ୍କୁଲ



ଭଦ୍ରକ କାର୍ମେଲ୍ ସ୍କୁଲରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପ୍ରିନ୍ସପାଲ ସିଷ୍ଟର ଶ୍ୟାମାଙ୍କ ଦ୍ୱାରା ପରିଚାଳିତ ଉତ୍ସବରେ ବରିଷ୍ଠ ସାମ୍ବାଦିକ ରାମନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ସ୍କୁଲ ପରିଚାଳିକା ସିଷ୍ଟର ହିତା ଓ ସିଷ୍ଟର ନାଭ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଭଦ୍ରକ: ସିଟୁ ପକ୍ଷରୁ ସାଧାରଣତନ୍ତ୍ର ଦିବସ

ସିଟୁ ତରଫରୁ ଚରମ୍ପାରେ ମୋଟର ଶ୍ରମିକ, ନିର୍ମାଣ ଶ୍ରମିକ, ମୋଟିଆ ଉନ୍ନୟନ ଓ ଅଟୋ ରିକ୍ସା ୟୁନିଅନ୍ ତଥା ପୁରୁଣା ବଜାର ଆର୍‌ଏମ୍‌ସି କଚେରି ବଜାର ବ୍ୟବସାୟୀ ସଂଘ ତରଫରୁ ୭୭ତମ ସାଧାରଣତନ୍ତ୍ର ଦିବସରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ ଶ୍ରମିକ ନେତା ଦିବ୍ୟସିଂହ ନାୟକ। ଅନ୍ୟମାନଙ୍କ ମଧ୍ୟରେ କାଳନ୍ଦି ପାତ୍ର, ରାଧା ଦାସ, ନିରଞ୍ଜନ ପାଣି, ନରେନ୍ଦ୍ର ଦାସ, ବାବୁ ଖାଁ, ସେକ୍ ଅବ୍ଦୁଲ ସଲାମ ଓ ସମସ୍ତ ସାଥୀ ଉପସ୍ଥିତ ରହି ଦେଶର ସମ୍ବିଧାନ, ନ୍ୟାୟାଳୟ, ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥା ବିପନ୍ନ କରୁଥିବା ଡବଲ ଇଞ୍ଜିନ ସରକାରର ନୀତି ବିରୋଧରେ ଭଦ୍ରକରେ ଏକ



ହୋଇ ଦେଶର ଏକତା ଓ ସଂହତି ରକ୍ଷା କରିବା ପାଇଁ ଶପଥ ଗ୍ରହଣ କରିବେ ବୋଲି ତଥା ଆସନ୍ତା ଫେବୃଆରୀ ୧୨ ତାରିଖରେ ଦେଶବ୍ୟାପୀ ହରତାଳକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।

## ଭଦ୍ରକ: ଏନ୍‌ଆର୍‌ଆଇ ବିଦ୍ୟାଳୟ



ଭଦ୍ରକ ସହରର ଆରଡ଼ି ଛକସ୍ଥିତ ଏନ୍‌ଆର୍‌ଆଇ ଅନ୍ତର୍ଜାତୀୟ ବିଦ୍ୟାଳୟ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ମୁଖ୍ୟ କମଳା ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ବିବେକାନନ୍ଦ ସେନାପତିଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ଚେୟାରମ୍ୟାନ୍ ନରେନ୍ଦ୍ର ପ୍ରସାଦ ସାହୁ, ନିର୍ଦ୍ଦେଶକ ଗୌରାଙ୍ଗ ଚରଣ ନାଥ, ନିର୍ଦ୍ଦେଶିକା ଜ୍ୟୋତ୍ସ୍ନାରାଣୀ ନାୟକ, ସୁଶାନ୍ତ ପାଣି ପ୍ରମୁଖ ମଞ୍ଚାସୀନ ଥିଲେ। ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କର ବଳିଦାନ ସମ୍ପର୍କରେ ଆଲୋଚିତ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀମାନେ ଆମ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ପରେଡ୍ ପ୍ରଦର୍ଶନ ସହ ନୃତ୍ୟ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଭଦ୍ରକ: ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ



ଭଦ୍ରକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି ପତାକା ଉତ୍ତୋଳନ କରି ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମ୍ବିଧାନ ଦିବସ, ତା'ର କାର୍ଯ୍ୟକାରିତା ଓ ସମ୍ବିଧାନ ପ୍ରଣେତା ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ଟାଉନ୍ ସଭାପତି ମୁକିତ୍ ଖାନ, ବ୍ଲକ୍ ସଭାପତି ପୀତବାସ ଧଳ, ପ୍ରଦ୍ୟୁମ୍ନ ଦାସ, ରାଜେନ୍ଦ୍ର ପ୍ରସାଦ ଜେନା, ବଳରାମ ରାଉତ, ସମିତିସଭ୍ୟ ଗୟାଧର ସେଠୀ, ବିଜୟ ବାରିକ, ରାଜୁ ପ୍ରସାଦ ରାୟ, ଶର୍ମିଷ୍ଠା ପଣ୍ଡା, ଇଲିୟାସ୍ ଖାନ୍, ପାରିଷଦ ଜାହିର୍ ସାହା, ଶାହିଲ୍ କାଦ୍ରୀ, ଗୋଲାମ ମୟୁରୁଦ୍ଦିନ, ଅବ୍ଦୁଲ ସଲାମ, ଶଶିକାନ୍ତ ଜେନା, ଏନାମୁଲ ହକ୍, ସେକ୍ ହାସିନା, ସୌଭାଗ୍ୟ ରାଉତ, ସବିର ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

## ବାସୁଦେବପୁର



ବାସୁଦେବପୁର ପୌରପାଳିକାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଓ ପୌରପାଳିକା ଅଧ୍ୟକ୍ଷା ନିବେଦିତା ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପୌରନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ସ୍ୱାଇଁ, ଅଟଳବିହାରୀ ହାଇସ୍କୁଲ ପ୍ରଧାନଶିକ୍ଷକ ଶୁଭଲକ୍ଷ୍ମୀ ରାଉତ, ପ୍ରାକ୍ତନ ପ୍ରଧାନଶିକ୍ଷକ ଦୁଃଶାସନ ରାଉତ ଓ କ୍ୟାପ୍‌ଟେନ୍ ପରେଶ ଦାସ ଯୋଗଦେଇଥିଲେ। ସେହିଭଳି ବ୍ଲକ୍‌ରେ ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ଓ ବିଡିଓ ତନ୍ମିତା କର, ଉପ କୋଷାଗାରରେ ସରୋଜ ଖୁଣ୍ଟିଆ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅଟଳ ବିହାରୀ ହାଇସ୍କୁଲରେ ୩୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। ସ୍କୁଲ ଓ କଲେଜସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ଦିଆଯାଇଥିଲା।

## ଧାମନଗର

ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ମହାବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ବଣିକ ଓ ମୋଟର ଚାଳକ ସଂଘ, ଘରୋଇ ଅନୁଷ୍ଠାନ ଓ ସେବା ସମବାୟ ସମିତିରେ ଜାତୀୟ ପତାକା ଉତ୍ତୋଳନ କରି ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଧାମନଗର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିଡିଓ ଏବଂ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳଙ୍କ ଉପସ୍ଥିତିରେ ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ତହସିଲ୍ କାର୍ଯ୍ୟାଳୟରେ ତହସିଲ୍‌ଦାର ଦୀପକ ଦାସ, ଏନ୍‌ଏସି କାର୍ଯ୍ୟାଳୟଠାରେ ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କ ଉପସ୍ଥିତିରେ ଅଧ୍ୟକ୍ଷା ନିବେଦିତା ଜେନା, ଏସ୍‌ଡିପିଓ ଅଫିସ୍‌ରେ ଅତିରିକ୍ତ ଏସ୍‌ପି ବିଶ୍ୱଜିତ୍ ପତି, ଧାମନଗର ଥାନା ପରିସରରେ ଆଇଆଇସି ରଞ୍ଜନ ସେଠୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ଧାମନଗର ପ୍ରେସ୍ କ୍ଲବ୍ ସମ୍ମୁଖରେ ସଭାପତି କିଷାନ ରାଉତ, କୋର୍ଟ ପରିସରରେ ବିଚାରପତି ଚିନ୍ମୟ କୁମାର ଦାସ, ଗ୍ରାମ୍ୟ ନ୍ୟାୟାଳୟରେ ବିଚାରପତି ବିଭୁପ୍ରସାଦ ନାୟକ ଉପସ୍ଥିତ ଥିଲେ। ଓକିଲ ସଂଘ ପକ୍ଷରୁ ସଭାପତି ଅଶୋକ କୁମାର ଦାସ, ବରିଷ୍ଠ ନାଗରିକ ପରିଷଦ ତରଫରୁ ସମ୍ପାଦକ ଶଚିକାନ୍ତ ପଣ୍ଡା, ବନ ବିଭାଗ କାର୍ଯ୍ୟାଳୟଠାରେ ଫରେଷ୍ଟର, ଅବକାରୀ କାର୍ଯ୍ୟାଳୟଠାରେ



ଓଆଇସି ଅଭିଳାଷ ପାଲ୍, ଜଳସେଚନ ବିଭାଗ କାର୍ଯ୍ୟାଳୟଠାରେ ସହକାରୀ ଯନ୍ତ୍ରୀ ନାରାୟଣ ଚନ୍ଦ୍ର ନାୟକ, ଧାମନଗର ୟୁକୋ ବ୍ୟାଙ୍କଠାରେ ମୁଖ୍ୟ ପରିଚାଳକ ପ୍ରଭାତ ମହାନ୍ତି, ବିବିସିସି ବ୍ୟାଙ୍କ ସମ୍ମୁଖରେ ମୁଖ୍ୟ ପରିଚାଳକ ଧନୁର୍ଦ୍ଧର ସାହୁ, ବ୍ଲକ୍ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟଠାରେ ବିଇଓ, ଉପନିବନ୍ଧକ କାର୍ଯ୍ୟାଳୟଠାରେ ଅଧିକାରୀ ସତ୍ୟାନନ୍ଦ ପାତ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ତନ୍‌ବିର ଆବିଦ, ମହତାବ ସେବା ସଦନରେ ମୁଖ୍ୟ ପରିଚାଳକ ବାସୁଦେବ ତ୍ରିପାଠୀ, ମଦ୍ରାସା ଗୌସିୟା ରୋଫିୟାରେ ଅଧ୍ୟକ୍ଷ ସୟଦ ଫାରୁକ ରଜା ହବିବି, ମଦ୍ରାସା ତାହେରିଆ ହନିଫିଆଠାରେ ପ୍ରଧାନଶିକ୍ଷକ ସେକ୍ ନାସିରୁଦ୍ଦିନ(ରାଜା ସାର), ଘରୋଇ ବୈଷୟିକ ନିତ୍ୟାନନ୍ଦ ଶିଳ୍ପ ତାଲିମ କେନ୍ଦ୍ରରେ ଅନୁଷ୍ଠାନର ମୁଖ୍ୟ ଜୟନ୍ତ ବିଶ୍ୱାଳ, ଧାମନଗର ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀ, ବାଳିକା ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେନାପତି, ଘରୋଇ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରତିଷ୍ଠାତା ଶରତ ଚନ୍ଦ୍ର ମହାନ୍ତି, ଅକ୍ସଫୋର୍ଡ ପବ୍ଲିକ ସ୍କୁଲରେ ଅଧ୍ୟକ୍ଷ ଶରତ ଚନ୍ଦ୍ର ମିଶ୍ର, ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଅଧ୍ୟକ୍ଷ ଜନ୍ମେଜୟ ପଣ୍ଡା, ଧାମନଗର ଫିଡର ପ୍ରାଥମିକ ସ୍କୁଲରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଡା. ମନ୍ମୟ ସାମନ୍ତସିଂହାର, ବିଜେଡି ତରଫରୁ ବିଜୁ ପଟ୍ଟନାୟକ ଛକରେ ନଗର ସଭାପତି ବିଜୟ କେତନ ସାହୁ, ବିଜେପି କାର୍ଯ୍ୟାଳୟରେ ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, କଂଗ୍ରେସ ପକ୍ଷରୁ ରଞ୍ଜନ ବେହେରା, ତହସିଲ କାର୍ଯ୍ୟାଳୟଠାରେ ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଅଗ୍ନିଶମ କାର୍ଯ୍ୟାଳୟଠାରେ ଜିତେନ ନାୟକ, ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଡା. ଦୀପକ ନାୟକ, ସାମ୍ବାଦିକ ସଂଘ, ମୋଟର ଚାଳକ ସଂଘ ସମେତ ବହୁ ଶିକ୍ଷାନୁଷ୍ଠାନ, ଧାମନଗର ସେବା ସମବାୟ ସମିତିରେ ସଭାପତି ଦେବାଶିଷ ମହାନ୍ତି ପ୍ରମୁଖ ସାଧାରଣ ତନ୍ତ୍ର ଦିବସ ପାଳନ ଅବସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ବାରିକପୁର

ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଭାବଉଦ୍ଦୀପନାର ସହିତ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବ୍ଲକ୍ କାର୍ଯ୍ୟାଳୟଠାରେ ବିଡିଓ ଦେବଦତ୍ତ ଦାଶଙ୍କ ଅଧ୍ୟକ୍ଷତାରେ



ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏଥିରେ ବ୍ଲକ୍ ଅଧ୍ୟକ୍ଷା ସୁମତି ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସ, ଜିପିଓ ବିଳାସିନୀ ସେନାପତିଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ। ମେଡିକାଲଠାରେ ଭାରପ୍ରାପ୍ତ ଅଧିକାରୀ ଓ ଥାନାଠାରେ ରାଜଲକ୍ଷ୍ମୀ ନାୟକ, ଶାରଦା ବିଦ୍ୟାମନ୍ଦିରଠାରେ ପ୍ରଧାନଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ର ପତାକା ଉତ୍ତୋଳନ କରିଥିଲେ। ତହସିଲ୍ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ, ବିବିସିସି ବ୍ୟାଙ୍କ, ବିଦ୍ୟୁତ୍ କାର୍ଯ୍ୟାଳୟଠାରେ ମଧ୍ୟ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପତାକା ଉତ୍ତୋଳନ ହୋଇଛି। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ତରଫରୁ ପ୍ରଭାତଫେରି ସହିତ ପତାକା ଉତ୍ତୋଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁରୂପ ଭାବେ ତେସିଙ୍ଗା ପ୍ରାଥମିକ କୃଷି ସମବାୟ ସମିତିଠାରେ ସମ୍ପାଦକ ରାଜେନ୍ଦ୍ର କୁମାର ଖଣ୍ଡାଇ, ନାରାୟଣପୁରଠାରେ ସୁମନ୍ତ ସେନାପତି, ବାଲିପୋଖରୀଠାରେ ପିନାକୀ ଦାସ, ନେରଡ଼ାଠାରେ ସୌମ୍ୟରଞ୍ଜନ ପଣ୍ଡା, ଜଳମଣ୍ଡୁଆଠାରେ ଜୟନ୍ତ ଭୋଇ, ରହଣିଆ ସମିତିଠାରେ ସମ୍ପାଦକ ସନ୍ତୋଷ ଦାଶ ଓ ଆଖୁଆପଦା ଆନିକଟଠାରେ ସମାଜସେବୀ ସନ୍ତୋଷ କୁମାର ମହାପାତ୍ର, ଜଳସମ୍ପଦ ବିଭାଗ କାର୍ଯ୍ୟାଳୟଠାରେ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

### ସରକାରୀ ବିଦ୍ୟାଳୟରେ ଜାତୀୟ ପତାକାକୁ ଅସମ୍ମାନ

## ରାତିସାରା ଉଡ଼ିଲା; ସକାଳୁ ଅବତରଣ ହେଲା

ଭଦ୍ରକ,୨୭।୧(ସମିସ): ସରକାରୀ ବିଦ୍ୟାଳୟରେ ଜାତୀୟ ପତାକାକୁ ଅସମ୍ମାନ କରାଯାଇଛି। ୨୬ ତାରିଖ ରାତି ସାରା ପତାକା ଉଡ଼ିଲା ପରେ ୨୭ ତାରିଖ ସକାଳେ ଅବତରଣ କରାଯାଇଥିଲା। ଏମିତି ଘଟଣା ଦେଖିବାକୁ ମିଳିଛି ଚାନ୍ଦବାଲି ବ୍ଲକ୍‌ର ଜଳେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ପଲେଇସାହି ପ୍ରାଥମିକ ବିଦ୍ୟାଳୟରେ। ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୁଦ୍ଧଦେବ ପଲେଇ ଓ ତାଙ୍କର ଜଣେ ସହକାରୀ ଶିକ୍ଷକ ସାଧାରଣତନ୍ତ୍ର ଦିବସ ଅବସରରେ ପତାକା ଉତ୍ତୋଳନ କରିଥିଲେ। ମାତ୍ର ଅବତରଣ ପାଇଁ ଭୁଲି ଯାଇଥିଲେ। ରାତି ତମାମ ପତାକା ଉଡୁଥିବାର ଗ୍ରାମବାସୀମାନେ ଦେଖିବାକୁ ପାଇଥିଲେ। ସକାଳ ସମୟରେ ଗ୍ରାମବାସୀ ଅବତରଣ କରିଥିଲେ। ଏ ବିଷୟରେ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ସେ ନିଜ ଦୋଷ ସ୍ୱୀକାର କରିବା ସହ ପତାକା ଅବତରଣ କରିବା ପାଇଁ ମନେ ନ ଥିଲା କହି ସଫେଇ ଦେଇଛନ୍ତି। ଏ ବିଷୟରେ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସେ ଘଟଣା ସମ୍ପର୍କରେ ଆଲୋଚନା କରୁଥିବା କହିଛନ୍ତି। ଦେଖିବାକୁ ବାକି ରହିଲା ଏ ବିଷୟରେ ବ୍ଲକ୍ ଶିକ୍ଷାଧିକାରୀ ବିଦ୍ୟାଳୟର ଶିକ୍ଷକଙ୍କ ଉପରେ କ'ଣ ପଦକ୍ଷେପ ନେଉଛନ୍ତି।

## ଅସୁରାଳି



୭୭ତମ ଗଣତନ୍ତ୍ର ଦିବସ ଅବସରରେ ଧୂଷୁରୀ ପ୍ରେସ୍ ୟୁନିଅନ ତରଫରୁ ସଭାପତି ସନ୍ତୋଷ କୁମାର ଦାସ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ପ୍ରିୟବ୍ରତ ପଣ୍ଡା, ଅନନ୍ତ ସାହୁ, ସତ୍ୟନାରାୟଣ ଦାସ, ଦେବେନ୍ଦ୍ର ପଣ୍ଡା, ନମିତା ପଣ୍ଡା, କବିତା ସାହୁ, ନିଶିକାନ୍ତ ସାମଲ, ପ୍ରଶାନ୍ତ ଶଙ୍ଖୁଆ, ରଞ୍ଜନ ସାମଲ, କାଳନ୍ଦୀ ବେହେରା, ଦେବପ୍ରସନ୍ନ ବିଶ୍ୱାଳ, ମନୋରମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଧୂଷୁରୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ହୃଦାନନ୍ଦ ପାଠାଗାର ପ୍ରାଙ୍ଗଣରେ ଦୁର୍ଯ୍ୟୋଧନ ତରେଇ ପତାକା ଉତ୍ତୋଳନ କରିଥିଲେ। ଧୂଷୁରୀ ଗ୍ରାମ ପଞ୍ଚାୟତରେ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ପତାକା ଉତ୍ତୋଳନ କରିଥିଲେ। ପଣ୍ଡାପାଟଣାରେ ଶ୍ରୀୟାଶୁ ସୋସିଆଲ ଅର୍ଗାନାଇଜେସନ ଟ୍ରଷ୍ଟ ତରଫରୁ ସଭାପତି ପ୍ରଭାତ ପଣ୍ଡା ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ରାମଚନ୍ଦ୍ର ମିଶ୍ର, ଚତୁର୍ଭୁଜ ନାୟକ, ରମାକାନ୍ତ ପରିଡ଼ା, ହେମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆଗରପଡ଼ା



ବନ୍ତ/ଆଗରପଡ଼ା: ୭୭ତମ ସାଧାରଣତନ୍ତ୍ର ଦିବସ ଆଗରପଡ଼ାସ୍ଥିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପତାକା ଉତ୍ତୋଳନ, ପ୍ରଭାତଫେରି, ପରେଡ୍, ଅଭିବାଦନ ଗ୍ରହଣ, ମିଷ୍ଟାନ୍ନ ବଣ୍ଟନ ସହ ବିଭିନ୍ନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କଳିଙ୍ଗ କମ୍ପ୍ୟୁଟର୍ସ ପକ୍ଷରୁ 'ସ୍ୱାଧୀନତାର ୭୭ ବର୍ଷ ପରେ ଆମେ କେତେ ସ୍ୱାଧୀନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କମ୍ପ୍ୟୁଟର୍ସ କେନ୍ଦ୍ର ନିର୍ଦ୍ଦେଶକ ସାମ୍ବାଦିକ ବିନୋଦ ଧଳସାମନ୍ତଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ସାମ୍ବାଦିକ ଅକ୍ଷୟ ସିଂହ, ସୁପ୍ରିମକୋର୍ଟ ଆଡ୍‌ଭୋକେଟ୍ ଜଗତମୋହନ ସିଂହ, ଯୁବ ନେତା ମନ୍ମଥ ଦାସ, ବିଜ୍ଞାନ ଭୂଷଣ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରିଚାଳନା ନିର୍ଦ୍ଦେଶିକା ସାମ୍ବାଦିକା ମୋନାଲିସା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଥାନାରେ ଆଇଆଇସି, ମେଡିକାଲରେ ଡା. ମନୋଜ ପତି, ସରକାରୀ ବାଳିକା ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଜିତ ରାଉଳ, କୃଷ୍ଣଚରଣ ବିଦ୍ୟାମନ୍ଦିରରେ ପ୍ରଧାନଶିକ୍ଷକ ଶରତ ଜେନା, ଆଇଡିଆଲ୍ କ୍ଲବ୍ ପରିସରରେ ସଭାପତି ମନ୍ମଥ ଦାସ ଅଭିବାଦନ ଗ୍ରହଣ ସହ ପତାକା ଉତ୍ତୋଳନ କରିଥିଲେ। ଅନୁରୂପ ଭାବେ ଡାଏଟ୍, କଲେଜ, ବ୍ୟାଙ୍କ, ରାଜୟୁଥ କ୍ଲବ୍, ଇଲେଭେନ ଷ୍ଟାର କ୍ଲବ୍, ବସ୍ ସିଣ୍ଡିକେଟ୍, ବି.ପି ମେମୋରିଆଲ ଇଂଲିଶ ମିଡିୟମ୍ ସ୍କୁଲ, ଶିଶୁମନ୍ଦିର ସମେତ ଆଗରପଡ଼ା ଜୋନ୍‌ର ୯ଟି ପଞ୍ଚାୟତସ୍ଥିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

## ବନ୍ତ



ବନ୍ତ/ଆଗରପଡ଼ା: ବନ୍ତ ବ୍ଲକ୍ ଛୟାଳସିଂହ ପଞ୍ଚାୟତ କାର୍ଯ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ସତ୍ୟଭାମା ଧଳ ପତାକା ଉତ୍ତୋଳନ କରିଥିବାବେଳେ ମଣ୍ଡଳ ସଭାପତି ସନ୍ତୋଷ ନାୟକ, ପ୍ରାକ୍ତନ ମଣ୍ଡଳ ସଭାପତି ଖଗେଶ୍ୱର ବେହେରା, ସମିତିସଭ୍ୟା ନିରୂପମା ରାଉତ, ପଞ୍ଚାୟତ ସଭାପତି ଗଦାଧର ରାଉତ, ନାଏବ ସରପଞ୍ଚ ଉର୍ମିଳା ଜେନାଙ୍କ ସମେତ ନିମନ୍ତ୍ରିତ ଅତିଥି ଓ ସମ୍ବର୍ଦ୍ଧିତ ଶିକ୍ଷାବିତ୍ ହୃଷୀକେଶ ଗିରି, ନିତ୍ୟାନନ୍ଦ ଜେନା, ମଧୁସୂଦନ ପଣ୍ଡା, ଖଗେଶ୍ୱର ପଣ୍ଡା, ହରିହର ପାଣିଗ୍ରାହୀ, ଦାମୋଦର ସାହୁ, ସୁରେନ୍ଦ୍ର ନାୟକ, ଯଶୋବନ୍ତ ବେହେରା, ଗୋବିନ୍ଦ ଚନ୍ଦ୍ର ରାଉତ, ପ୍ରାକ୍ତନ ସରପଞ୍ଚ କମଳା ସାହୁ ଯୋଗଦେଇ ଭାରତର ସମ୍ବିଧାନ ମହାପୁରୁଷଙ୍କ ବଳିଦାନର ଗାଥା ଶୁଣାଇଥିଲେ। ପ୍ରସନ୍ନ ଗିରି, ମାନସ ଜେନା, ସୁବାସ ଜେନା, ରତ୍ନାକର ଖଣ୍ଡା, ରାଜେନ୍ଦ୍ର ପରିଡ଼ା, ପ୍ରଦୀପ ବାରିକ, ଧର୍ମେନ୍ଦ୍ର ଜେନା, ରାଜେଶ ଗିରି, ଦିଲ୍ଲୀପ ଜେନା, ରାଜକିଶୋର ଘଡ଼ାଇ, ପ୍ରଭାତ ରାଉତ, ଚକ୍ରଧର ରାଉତ, ରଘୁନାଥ ରାଉତ, ରତିକାନ୍ତ ରାଉତ, ସୁଧାକର ନାଥ, ବସନ୍ତ ବାରିକ, ନରହରି ସାହୁ, ଆନନ୍ଦ ବେହେରା, ଗୟାଧର ଗିରି, କାଳନ୍ଦୀ ଜେନା, ରାଜୁ ଗିରି, ବାଦଲ ରାଉତ, ଅଶୋକ ଜେନା, ସୂର୍ଯ୍ୟମଣି ଦାସ, ଅର୍ଜୁନ ଜେନା, ରଞ୍ଜନ ଦାସ, ନୃସିଂହ ଜେନା, ପ୍ରଦୀପ ଜେନା, ମହେଶ୍ୱର ମହାନ୍ତି, ଭିକାରୀ ସାହୁ ଓ ସ୍କୁଲ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବନ୍ତ ବ୍ଲକ୍‌ର ଗଣିଜାଙ୍ଗ, ଛୟାଳସିଂହ, ରାମପୁର, ରାମକୃଷ୍ଣପୁର, ନିଲୋକ୍, ଓଡ଼ଙ୍ଗ, ଟିଲୋ ସମେତ ୨୫ଟି ପଞ୍ଚାୟତର ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ବେସରକାରୀ ଅନୁଷ୍ଠାନ, କ୍ଲବ୍, ପଞ୍ଚାୟତ ଆଦି ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

## ତିହିଡ଼ି

ତିହିଡ଼ି ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି। ତିହିଡ଼ି ଥାନା, ତିହିଡ଼ି ତହସିଲ୍, ତିହିଡ଼ି ବ୍ଲକ୍, ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଦି କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯାଇଥିଲା। କୋହ୍ଲସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର 'ଦିବ୍ୟଭୂମି'ର ସମ୍ପାଦକ ନୃସିଂହ ଚରଣ ମହାପାତ୍ର ପତାକା ଉତ୍ତୋଳନ କରିଥିବାବେଳେ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ପରିଚାଳନା ସମିତିର ସଦସ୍ୟ/ସଦସ୍ୟା ଓ ମାତୃଭକ୍ତମାନେ ଉପସ୍ଥିତ ଥିଲେ। ତିହିଡ଼ି ବ୍ଲକ୍ ଅଧୀନ ପାଳିଆବିନ୍ଧାସ୍ଥିତ ବିଜୟାନନ୍ଦ କ୍ଲବ୍‌ରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସୁଧନ୍ୟା ନାୟକଙ୍କ ସଂଯୋଜନା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ, ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବଚରଣ ଖାମୁରାଇ, ରାଜେନ୍ଦ୍ର ନାରାୟଣ ଦାସ, ସ୍ତମ୍ଭକାର ବିଭୂତିଭୂଷଣ ସେନାପତି, ସାମ୍ବାଦିକ ରାମନାରାୟଣ ନାୟକ, ଇଂ. ମହେଶ ପ୍ରସାଦ ଦାସ, ସମିତିସଭ୍ୟ ଜୀବନଜ୍ୟୋତି ପଲେଇ, ଅର୍ଚ୍ଚନା ନାୟକ, ନବକିଶୋର ମଲ୍ଲିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।



ସେହିପରି ତିହିଡ଼ି ବ୍ଲକ୍ ସ୍ୱୀକୃତିପ୍ରାପ୍ତ ଅବସରପ୍ରାପ୍ତ କର୍ମଚାରୀ ସଂଘର କର୍ମକର୍ତ୍ତାଙ୍କ ଦ୍ୱାରା ସାଧାରଣତନ୍ତ୍ର ଦିବସ ଅବସରରେ ସଂଘ ପରିସରରେ ପତାକା ଉତ୍ତୋଳନ କରାଯାଇଥିଲା। ସଭାପତି ଭଗବାନ ଚନ୍ଦ୍ର ନାୟକ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ କାଳୀଚରଣ ମଲ୍ଲିକ, ସର୍ବେଶ୍ୱର ବଳ, ବାବାଜୀ ଚରଣ ମହାକୁଡ଼, ବନମାଳି ମହାନ୍ତି, ଭାଗରଥି ଆଚାର୍ଯ୍ୟ, ନିର୍ମଳ ଚନ୍ଦ୍ର ଦଳେଇ ଓ ସୁରେନ୍ଦ୍ର ସେନାପତି ପ୍ରମୁଖ ଯୋଗଦେଇଥିଲେ। ଅଚକସ୍ଥିତ ସୂର୍ଯ୍ୟମଣି ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟ ଅତିଥିଭାବେ କବିଶ୍ରୀ ଡ. ଗୋଲକପ୍ରସାଦ ବୈୟାରୀ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀଲତା ମଲ୍ଲିକଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ତିହିଡ଼ି ବ୍ଲକ୍ ବିଜେଡି କାର୍ଯ୍ୟାଳୟରେ ପତାକ ଉତ୍ତୋଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ପତାକା ଉତ୍ତୋଳନ କରିଥିଲେ। ବ୍ଲକ୍ ସଭାପତି ସୁରେନ୍ଦ୍ର ନାୟକ, ଗଣେଶ ପ୍ରସାଦ ନାୟକ, ଭରତ ମହାପାତ୍ର, ସଂଗ୍ରାମ କେଶରୀ ଦାସ ପ୍ରମୁଖ ଶତାଧିକ ନେତା ଓ କର୍ମୀ ଉପସ୍ଥିତ ଥିଲେ। ତିହିଡ଼ି ଯୁବମଞ୍ଚ ତରଫରୁ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି। ଉପଦେଷ୍ଟା ଶଚିକାନ୍ତ ନାୟକ ପତାକା ଉତ୍ତୋଳନ କରିଥିବାବେଳେ ସମ୍ପାଦକ ନିରଞ୍ଜନ ବାରିକ, ନୀଳମାଧବ ସେନାପତି, ସୌମ୍ୟଗୋପାଳ ନାୟକ, ପ୍ରିୟବ୍ରତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତିହିଡ଼ି ଦୋଳସାହିସ୍ଥିତ ଗୋପବନ୍ଧୁ ସେବା ସଂଗଠନ ପକ୍ଷରୁ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଭାପତି ସୋମନାଥ ମହାପାତ୍ର ପତାକା ଉତ୍ତୋଳନ କରିଥିଲେ। ସଂଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

■ ନିଶାଗଡ଼ିଆରେ ବେଧଡ଼କ ଜୁଆ ଖେଳ

# ପୁଲିସର 'ଧର୍ମକୁ ଆଖିଠାର ଚଢ଼ଉ'



ତୁରୁମୁଙ୍ଗା/ଚମ୍ପୁଆ, ୨୭।୧(ସମିସ): କେନ୍ଦୁଝର ଜିଲ୍ଲା ବାରିଆ ଥାନା ଅନ୍ତର୍ଗତ ପଡୁଆ ପଞ୍ଚାୟତ ନିଶାଗଡ଼ିଆ ଗ୍ରାମରେ ଦୁଇ ଦିନ ଧରି ଯାତ୍ରା ନାଁରେ ଜୁଆ ଖେଳ ସାଙ୍ଗକୁ କୁକୁଡ଼ା ଲଢେଉ ଖେଳ ଚାଲୁରହିଛି। ଜାନୁଆରୀ ୨୬ ତାରିଖରୁ ଏହି ଯାତ୍ରା ଆରମ୍ଭ ହୋଇଥିବା ବେଳେ ଆଗକୁ ଆହୁରି ୩ ଦିନ ଧରି ଚାଲିବ। ଲକ୍ଷ ଲକ୍ଷ ଟଙ୍କା ବାଜି ଲାଗିଥିବା ବେଳେ ଧୁଣ୍ଡିପାଲି ଖେଳ ବେଧଡ଼କ ଭାବରେ ଚାଲୁ ଥିଲା। ଏନେଇ ବାରିଆ ଥାନାକୁ ସଚେତନ ନାଗରିକ ଭାବରେ ଫୋନ କରି ଅଭିଯୋଗ କରାଯାଇଥିଲେ ହେଁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲା। ଦିନ ୧୨ଟାରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ଜୁଆ ଖେଳ ଚାଲୁ ରହିଥିବା ବେଳେ ବାରିଆ ଥାନାକୁ ଦିନ ଗୋଟାଏ ବେଳେ ଫୋନ କରି ସୂଚନା ଦିଆଯାଇଥିଲା। ଧର୍ମକୁ ଆଖି ଠାର ମାରିଲା ଭଳି ସନ୍ଧ୍ୟାରେ ଆସି ଚଢ଼ଉ କରିଥିଲା। ପୁଲିସର ବିଳମ୍ବ ଜୁଆଡିଙ୍କୁ ସୁହାଇଥିଲା। ସେମାନେ ପଳାଇବାରେ ସକ୍ଷମ ହୋଇଥିଲେ। ଏଠାରେ ୮ଟି ଧୁଣ୍ଡିପାଲି ପଡିଥିବା ବେଳେ କୁକୁଡ଼ା ଲଢେଇରେ ଶହ ଶହ କୁକୁଡ଼ାଙ୍କ ଜୀବନ ବାଜିରେ ଲାଗିଥିଲା। ଚଢ଼ଉ ପୂର୍ବରୁ ବାରିଆ ପୁଲିସ ଆୟୋଜକ କମିଟିର ସଦସ୍ୟଙ୍କୁ ହ୍ୱାଟ୍ସଆପରେ କଲ କରିଥିଲେ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଜୁଆ ଖେଳକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଜୁଆ ଖେଳକୁ ପ୍ରଶୟ ଦେଉଥିବା ପୁଲିସ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

# କରଦାଙ୍ଗି ଉଚ୍ଚବିଦ୍ୟାଳୟର ୭ ଛାତ୍ରୀ ଅସୁସ୍ଥ

ତେଲକୋଇ, ୨୭।୧(ସମିସ):



ଲେକୋଇ ବ୍ଲକ କରଦାଙ୍ଗିସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟର ୭ ଜଣ ଛାତ୍ରୀଙ୍କ ଶରୀର ଅସୁସ୍ଥ ହୋଇ ପଡ଼ିବାରୁ ସେମାନଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବିଦ୍ୟାଳୟରେ ହଠାତ୍ ବାନ୍ତି କରିବା ସହ ଅସ୍ୱାଭାବିକ ଲକ୍ଷଣ ଦେଖା ଦେଇଥିଲା। ଫଳରେ ଛାତ୍ରୀମାନେ ଅସୁସ୍ଥ ହୋଇପଡ଼ିଥିଲେ। ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ରହିଥିବା ବେଳେ ଆଜି ଛାତ୍ରୀମାନେ ବିଦ୍ୟାଳୟକୁ ପଢ଼ିବା ପାଇଁ ଯାଇଥିଲେ। ପୂର୍ବାହ୍ନ ୧୧ଟା ସମୟରେ କିଛି ଛାତ୍ରୀଙ୍କ ଶରୀର ହଠାତ ଅସୁସ୍ଥ ହୋଇ ପଡ଼ିଥିଲା। ଏହି କ୍ରମରେ ୭ରୁ ଅଧିକ ଛାତ୍ରୀଙ୍କ ଶରୀର ଅସୁସ୍ଥ ହେବାରେ ଲାଗିଲା। ଅସୁସ୍ଥ ଛାତ୍ରୀଙ୍କ ଏହି ଲକ୍ଷଣ ଦେଖି ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଛାତ୍ରୀଙ୍କ ଶରୀରରେ ଭୂତ ସବାର ହୋଇଥିବା ଚର୍ଚ୍ଚା ଚାଲିଛି। ଅନ୍ୟପଟେ ଛାତ୍ରୀ ନିବାସରେ ଅନ୍ତେବାସୀଙ୍କୁ ପୁଷ୍ଟିକର ଖାଦ୍ୟ ଦିଆଯାଉ ନଥିବାରୁ ମାନସିକ ଓ ଶାରୀରିକ ଦୁର୍ବଳ ହୋଇ ଏଭଳି ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଏ ସମ୍ବନ୍ଧରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପି.ସତ୍ୟମ କହିଛନ୍ତି, କୌଣସି ପ୍ରକାରେ ମାନସିକ ସ୍ତରରେ ଆଘାତ ଲାଗିଥିବାରୁ ଏଭଳି ଲକ୍ଷଣ ପରିଲକ୍ଷିତ ହେଉଛି। ତେବେ, ସନ୍ଧ୍ୟା ସୁଦ୍ଧା ଛାତ୍ରୀମାନେ ସୁସ୍ଥ ହୋଇ ଛାତ୍ରୀ ନିବାସକୁ ଫେରିଛନ୍ତି।

## ରାସ୍ତାକଡ଼କୁ ଓଲଟିଲା ଯାତ୍ରୀବାହୀ ବସ୍

ହାଟଡ଼ିହୀ,୨୭।୧(ସମିସ): କେନ୍ଦୁଝର ଜିଲ୍ଲା ସୋସୋ ଥାନା ବୈଦାଖିଆ ପେଟ୍ରୋଲ ପମ୍ପ ନିକଟରେ ଓଡ଼ି-୦୫ଏ-୬୩୭୭ ନମ୍ବର ବିଶିଷ୍ଟ ଶ୍ରୀଲକ୍ଷ୍ମୀ ନାମକ ଏକ ଯାତ୍ରୀବାହୀ ଘରୋଇ ବସ୍ ରାସ୍ତାକଡ଼କୁ ଓଲଟି ପଡ଼ିଛି। ବସଟି ସନ୍ଧ୍ୟା ସମୟରେ ବଉଳା ଅଭିମୁଖେ ଯାଉଥିଲା। ଡ୍ରାଇଭର ନିଶାସକ୍ତ ଥିବାରୁ ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ସୌଭାଗ୍ୟ ବଶତଃ ବସରେ କେହି ଯାତ୍ରୀ ନଥିଲେ। ଏପରିକି ବସ୍ ଷ୍ଟାଫ୍‌ଙ୍କର ମଧ କୌଣସି କ୍ଷତି ହୋଇନାହିଁ। ସୋସୋ ପୁଲିସ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଚଳାଇଛି।

# ମିଳିତ ବ୍ୟାଙ୍କ ୟୁନିୟନ ଫୋରମ୍‌ର ଧର୍ମଘଟ; ସେବା ପ୍ରଭାବିତ




କେନ୍ଦୁଝର, ୨୭।୧(ସମିସ): ୫ଟି କାର୍ଯ୍ୟ ଦିବସ ଦାବିରେ ମିଳିତ ବ୍ୟାଙ୍କ ୟୁନିୟନ ଫୋରମ ଡକରାରେ ଆଜି ପୂର୍ଣ୍ଣ ଦିବସ ବ୍ୟାଙ୍କ ଧର୍ମଘଟ ହୋଇଛି। ଏହି ଧର୍ମଘଟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଷ୍ଟାଫ୍ ଆସୋସିଏସନ୍ ଏବଂ ଅଫିସର ଆସୋସିଏସନ୍ ମିଳିତ ଭାବେ ସାମିଲ ହୋଇ କେନ୍ଦୁଝରସ୍ଥିତ ଏସବିଆଇ ଆଞ୍ଚଳିକ ବାଣିଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବ୍ୟାଙ୍କ ଧର୍ମଘଟ ଯୋଗୁଁ ବ୍ୟାଙ୍କ ସେବା ପ୍ରଭାବିତ ହେବା ସହ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ନଅଟି ବ୍ୟାଙ୍କ ୟୁନିୟନ ଏବଂ ସଂଗଠନ ଦ୍ୱାରା ଏହି ଧର୍ମଘଟ କରାଯାଉଛି। ସେମାନଙ୍କର ମୁଖ୍ୟ ଦାବୀ ହେଉଛି ପାଞ୍ଚଦିନିଆ କାର୍ଯ୍ୟ ସପ୍ତାହ କାର୍ଯ୍ୟକାରୀ କରିବା ଅର୍ଥାତ ଶନିବାର ଏବଂ ରବିବାର ଉଭୟ ଛୁଟି ରହିବା ଉଚିତ। ବର୍ତ୍ତମାନ ୬ ଦିନ କାର୍ଯ୍ୟ ଦିବସ ଥିବାବେଳେ ତାହାକୁ ୫ ଦିନ କରିବାକୁ ମିଳିତ ବ୍ୟାଙ୍କ ୟୁନିୟନ ଫୋରମ ପକ୍ଷରୁ କେନ୍ଦ୍ର ସରକାର ଏବଂ ଇଣ୍ଡିଆନ ବ୍ୟାଙ୍କର ଆସୋସିଏସନ୍ ନିକଟରେ ଦାବି କରିଆସୁଛି। ଧର୍ମଘଟରେ ଏସବିଆଇ ଷ୍ଟାଫ୍ ଆସୋସିଏସନ କେନ୍ଦୁଝର ଜିଲ୍ଲା ଆଞ୍ଚଳିକ ସମ୍ପାଦକ ଉମାକାନ୍ତ ହାଁସଦା, ସହସମ୍ପାଦକ ତୁଷାରକାନ୍ତ ବେହେରା, ଏସବିଆଇ ଅଫିସର ଆସୋସିଏସନର ପଦ୍ମଲୋଚନ ନାୟକ, ଜୋନାଲ ଉପସଭାପତି ବିଶ୍ୱରଞ୍ଜନ ପୃଷ୍ଟି, ଆଞ୍ଚଳିକ ସମ୍ପାଦକ ବିବେକାନନ୍ଦ ନାୟକ, ଦିଲ୍ଲୀପ ନାୟକ, ହରିହର ମହାନ୍ତ, ରବିଶଙ୍କର ମୁର୍ମୁ, ସସ୍ମିତା ପ୍ରଧାନ, ବୀଣାପାଣି ପାତ୍ର, ପ୍ରଶୀଳା ପାଲ, ବିଣାପାଣୀ ନାୟକ, ଐଶ୍ୱର୍ଯ୍ୟା ଖଣ୍ଡେଲୱାଲ, ଗୀତାଶ୍ରୀ ନାୟକ, ଶୁଭମ ସିଂ, ମାନସ ନାୟକ, ରବିଶଙ୍କର ମୁର୍ମୁଙ୍କ ସମେତ ଏସବିଆଇର ବହୁ ଅଧିକାରୀ ଓ କର୍ମଚାରୀ ଧର୍ମଘଟରେ ସାମିଲ ହୋଇଥିଲେ।

# ସହକାରୀ ଶିକ୍ଷୟିତ୍ରୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ



ଗୋପବନ୍ଧୁନଗର,୨୭।୧(ସମିସ): ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବଡ଼ଖମଣ ପଞ୍ଚାୟତର ବଡ଼ଖମଣ ଉନ୍ନିତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ କଲ୍ପଲତା ଜେନାଙ୍କୁ ଗ୍ରାମର ପରିବେଶକୁ ସରସ ସୁନ୍ଦର କରିବା ସହିତ ବିଦ୍ୟାଳୟ ପରିସରରେ ବିଭିନ୍ନ ଫଳନ୍ତି ବୃକ୍ଷ ରୋପଣ କରିବା ସହିତ ବନସାଥି ନାବରା ବହୁବନ୍ଧ ଦ୍ୱାରା ବନସାଥି କେନ୍ଦ୍ର ମୟୂରଭଞ୍ଜ ମିଶ୍ରଣ ଦିବସ ମହୋତ୍ସବରେ ପରିବେଶ ସଚେତନ ପ୍ରତିଯୋଗିତାରେ ବୃକ୍ଷପ୍ରେମୀ ମନୋନୀତ ହୋଇଛନ୍ତି। ତାଙ୍କୁ ମୁଖ୍ୟଅତିଥି ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଛି। ସେହିପରି ବିଶ୍ୱଦେବ ସମାଜ ପକ୍ଷରୁ ସହିଦ ଭବନ କଟକଠାରେ ରାଜ୍ୟସ୍ତରୀୟ ସମ୍ମାନ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉଦଳା ଦ୍ୱାରା ଛାତ୍ର ବତ୍ସଳତାର ଆଗ୍ରହ ପାଇଁ ଛାତ୍ରବାସକୁ ସରସ ସୁନ୍ଦର କରିଥିବାରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି।

# ସାଂସଦ ଅସୁସ୍ଥ; ହସ୍‌ପିଟାଲରେ ଭର୍ତ୍ତି



ରାଇରଙ୍ଗପୁର,୨୭।୧(ସମିସ): ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଉଚ୍ଚ ରକ୍ତଚାପ ଓ ମଧୁମେହଜନିତ ଚିକିତ୍ସା ନିମନ୍ତେ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବାବେଳେ ଅସୁସ୍ଥତା ଅନୁଭବ କରିଥିଲେ। ତୁରନ୍ତ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି।

# ଆଦିବାସୀଙ୍କ ନେଡ଼ା ପର୍ବ



କୁଳିଅଣା, ୨୭।୧ (ସମିସ): କୁଳିଅଣା ବ୍ଲକ ଚାନ୍ଦୁଆ ପଞ୍ଚାୟତର ବାଉଁଶବଣି ଗ୍ରାମରେ ସାନ୍ତାଳ ସମ୍ପ୍ରଦାୟର ନେଡ଼ା ପର୍ବ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବହୁ ପ୍ରତିଯୋଗୀ ଯୋଗ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ମୟୂରଭଞ୍ଜ ଜିଲ୍ଲା ବିଜେଡ଼ି ସଭାପତି ସୁଦାମ ମାରାଣ୍ଡୀ, ତାଙ୍କ ପତ୍ନୀ ରଂଜିତା ମାରାଣ୍ଡି, ପୂର୍ବତନ ସାଂସଦ ଲକ୍ଷ୍ମଣ ଟୁଡୁ, ତାଙ୍କ ପତ୍ନୀ ପୂର୍ବତନ ଚେୟାରମ୍ୟାନ ବାସନ୍ତୀ ଟୁଡୁ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏ ଅବସରରେ ସାନ୍ତାଳୀ ଅପେରା ସହିତ ଶେଷ ଦିନ ମେଲଡି କାର୍ଯ୍ୟକ୍ରମ କରାଯାଇଥିଲା।

# ୪୯ ଲିଟର ମଦ ଜବତ, ୩ ଗିରଫ



କୁଆମରା ୨୭।୧(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଆଜି ଖୁଣ୍ଟା ଅବକାରୀ ବିଭାଗ ପୃଥକ ସ୍ଥାନରେ ଚଢ଼ଉ କରି ୪୯ ଲିଟର ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ବଡ଼ସାତଶୋଳ ଗ୍ରାମର ସାଉଁରୀ ସରେନ (୩୦)ଙ୍କଠାରୁ ୧୪ ଲିଟର, ବାଙ୍ଗରା ଗ୍ରାମର ସୁମନ୍ତ ସିଂ (୨୯)ଙ୍କଠାରୁ ୧୫ ଲିଟର ଓ ସୂର୍ଯ୍ୟ ମୁର୍ମୁ (୨୫)ଙ୍କଠାରୁ ୨୦ ଲିଟର ମଦ ଜବତ ହୋଇ ପୃଥକ ମାମଲା ରୁଜୁ ହୋଇଛି। ଏସ୍ଆଇ କୃଷ୍ଣସୁନ୍ଦର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ଚନ୍ଦ୍ର ସୋରେନ ଓ ଦୀପାଞ୍ଜଳି ଦାସ ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ।

# ଯୋଗେଶ୍ୱର ୟୁଥ୍ କ୍ଲବ କ୍ରିକେଟ: ବିଶ୍ୱନାଥପୁର ଚାମ୍ପିଅନ



କେନ୍ଦୁଝର,୨୭।୧(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ବଣୁଆଁ ଗ୍ରାମର ସ୍କୁଲ ଖେଳପଡିଆଠାରେ ଯୋଗେଶ୍ୱର ୟୁଥ କ୍ଲବ ପକ୍ଷରୁ ୧୫ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ବିଶ୍ୱନାଥପୁର ଏବଂ ଗୁମରା ମଧ୍ୟରେ ଅନୁଷ୍ଠିତ ଫାଇନାଲରେ ବିଶ୍ୱନାଥପୁର ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଦଳରେ ଗୌତମ ଦେହୁରୀ ୭୮ ଏବଂ ଶିବୁଲ ଦେହୁରୀ ୫ୱିକେଟ ନେଇ ମେନ ଅଫଦ ସିରିଜ ଓ ମେନଅଫଦ ମ୍ୟାଚ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣୀରେ ପୂର୍ବତନ ବିଜେପି ଜିଲ୍ଲା ଉପସଭାପତି ଗଣେଶ୍ୱର ମହାନ୍ତ, ସରପଞ୍ଚ ସଞ୍ଜୟ ମୁଣ୍ଡା, ସୁଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଅମ୍ପାୟାର ବିବେକାନନ୍ଦ ଦାସ, ସୁବ୍ରତ ନାଏକ ଖେଳ ପରିଚାଳନା କରିଥିଲେ। ଶାନ୍ତନୁ ବାରିକ ଧାରାବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଦାୟିତ୍ୱ ରାମଚନ୍ଦ୍ର ନାଏକ ତୁଲାଇଥିଲେ। କ୍ଲବ ସଭାପତି ଦୀପକ ନାଏକ, ସମ୍ପାଦକ ରାମଚନ୍ଦ୍ର ନାଏକ, ସଦସ୍ୟ ସୁବ୍ରତ ନାଏକ, ଦେବାନନ୍ଦ ମହାକୁଡ, ଦେବବ୍ରତ ନାଏକ, ସୁବାସ ନାଏକ, ସରୋଜ ମହାକୁଡ, ବାଦଲ ବାରିକ୍, ଶିବୁ ଗିରି, ବିଜୟ ପ୍ରଧାନ, ସଚିନ ଚକ୍ର, ଆକାଶ ନାଏକ, ଲୁଲୁ ମହାନ୍ତ, ଅରୁଣ ନାଏକ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ତେଲକୋଇ, ୨୭।୧(ସମିସ): ତେଲକୋଇ ବ୍ଲକ ପରିସରରେ କେନ୍ଦୁଝର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୯୭ଟି ଅଭିଯୋଗର ଶୁଣାଣି କରାଯାଇ ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନେକ ଅଭିଯୋଗକାରୀ ଏହି ଶୁଣାଣିରେ ନିରାଶ ହୋଇ ଆଉ ଅଭିଯୋଗ ଶୁଣାଣିରେ ଅଂଶଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରୁ ନଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ବିଶାଲ ସିଂ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ପ୍ରକଳ୍ପ ନିର୍ଦ୍ଦେଶକ କୁମାର ନାଗଭୂଷଣ, ଏଡିଏମ ରବୀନ୍ଦ୍ରନାଥ ପ୍ରଧାନ, ସିଡିଏମଓ ବିନୋଦ ବିହାରୀ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ତେଲକୋଇ ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ, ତହସିଲଦାର ଅନୁପମା ମୁର୍ମୁ ପରିଚାଳନା କରିଥିଲେ।

# ଭଞ୍ଜସେନାର ରିଲ୍ସ ପ୍ରତିଯୋଗିତାରେ ଆଶୁକବି ଆକାଶ ପ୍ରଥମ




ଉଦଳା, ୨୭।୧(ସମିସ): ଭଞ୍ଜସେନାର ୨୮ ତମ ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ରିଲ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଆଶୁ କବି ଆକାଶ ଓ ତାଙ୍କ ଦଳର ସଦସ୍ୟଙ୍କ ଦ୍ୱାରା ପ୍ରସ୍ତୁତ ରିଲ୍ସ ସର୍ବଶ୍ରେଷ୍ଠ ବିବେଚିତ ହୋଇ ଉଦଳା ପାଇଁ ଗୌରବ ଆଣିଛନ୍ତି। ବାରିପଦାସ୍ଥ ସହିଦ ସ୍ମୃତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଅଧିବେଶନରେ ଆଶୁକବି ଆକାଶ ଓ ତାଙ୍କ ଦଳକୁ ଏକଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ମୟୂରଭଞ୍ଜର ଏକମାତ୍ର ଅଗ୍ରଣୀ ଅଣରାଜନୈତିକ ଯୁବଛାତ୍ର ସଂଗଠନ ପକ୍ଷରୁ କରାଯାଇଥିବା ଏହି ଇନଷ୍ଟାଗ୍ରାମ ରିଲ୍ସ ପ୍ରତିଯୋଗିତାରେ ମୟୂରଭଞ୍ଜର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। "ଶିମିଳିପାଳ ବଞ୍ଚିଲେ ଆମେ ବଞ୍ଚିବା, ଆମେ ସ୍ୱାବଲମ୍ବୀ ହେବା' ଶୀର୍ଷକରେ ଆୟୋଜିତ ତିନି ମିନିଟର ଭିଡିଓରେ ଶିମିଳିପାଳର ସୁରକ୍ଷା ତଥା ମୟୂରଭଞ୍ଜ ଜିଲ୍ଲାରେ ଥିବା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ, ଐତିହ୍ୟସ୍ଥଳୀ, କୁଟୀରଶିଳ୍ପ, ହସ୍ତତନ୍ତ, ହସ୍ତଶିଳ୍ପର ସର୍ବାଙ୍ଗୀନ ବିକାଶ ହେଲେ ଜିଲ୍ଲାର କିପରି ଆର୍ଥିକ ଅଭିବୃଦ୍ଧି ଘଟିବ ଏବଂ ଜିଲ୍ଲାବାସୀ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ବନ୍ଧରେ ଭିଡିଓଟି ପର୍ଯ୍ୟବେସିତ ଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ ଜେନା, ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ୟୁଟୁବର ଲବ ହାଁସଦା ପ୍ରମୁଖ ଯୋଗଦେଇଥିଲେ। ଆଶୁକବି ଆକାଶଙ୍କ ଏହି ସଫଳତା ପାଇବା ପରେ ତାଙ୍କ ଗାଁ ଶ୍ରୀଦାମଚନ୍ଦ୍ରପୁରସ୍ଥ ମାଟିହୁଡିରେ ଖୁସିର ଲହରି ଖେଳିଯାଇଛି।

# ରାସଗୋବିନ୍ଦପୁର ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ



ରାସଗୋବିନ୍ଦପୁର,୨୭।୧(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ସାମ୍ବାଦିକ ସଂଘର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଶୋକ ମହାନ୍ତିଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସମାଜସେବୀ ତଥା ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ପ୍ରତିଷ୍ଠାତା ଆଦିତ୍ୟ ପଟ୍ଟନାୟକ, ନିମନ୍ତ୍ରିତ ଅତିଥି ଭାବେ ରାସଗୋବିନ୍ଦପୁର ବିଡିଓ ଅନନ୍ତ ହାଁସଦା, ରାସଗୋବିନ୍ଦପୁର ବିନୋଦ ରାୟ ଆଞ୍ଚଳିକ ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ବସନ୍ତ ମହାନ୍ତ ଓ ବୈଶିଙ୍ଗାର ପୂର୍ବତନ ବିଧାୟକ କାହ୍ନା ସୋରେନ, ସମାଜସେବୀ ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗଦେଇ ସାମ୍ବାଦିକଙ୍କୁ ମାର୍ଗଦର୍ଶନ କରାଇଥିଲେ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହିସାବରେ ସାମ୍ବାଦିକଙ୍କ ଦାୟିତ୍ୱ କେତେ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏ ଅବସରରେ ମନ୍ତ୍ରୀ ରାସଗୋବିନ୍ଦପୁର ଅଞ୍ଚଳକୁ ଏନଏସି ହେବା ପରିପ୍ରେକ୍ଷୀରେ ପ୍ରଥମ ପର୍ଯ୍ୟାୟରେ ସ୍ୱଚ୍ଛତା ଓ ଆଲୋକୀକରଣ ପାଇଁ ୫୦ ଲକ୍ଷ, ଅଫିସ ଗୃହ ନିର୍ମାଣ ପାଇଁ ୫ କୋଟି ଟଙ୍କା ମଞ୍ଜୁର କରିଥିବା ପ୍ରକାଶ କରିଥିଲେ। ସତ୍ୟ ଘଟଣାକୁ ପ୍ରଚାର ପ୍ରସାର ପାଇଁ ସାମ୍ବାଦିକଙ୍କୁ ଆହ୍ୱାନ ଦେଇଥିଲେ।

# ଭଲିବଲ ଟୁର୍ଣ୍ଣାମେଣ୍ଟରେ ଅସନଖାଲି ଚାମ୍ପିଅନ

ବଡ଼ସାହି,୨୭।୧(ସମିସ):



ବଡସାହି ବ୍ଲକ୍ ଅଧୀନ କେନ୍ଦୁଡିହା ପଞ୍ଚାୟତ କୁଳିଅଣା (ବି) ଗ୍ରାମରେ ୧୬ତମ ରାଧାକୃଷ୍ଣଜୀଉ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଅସନଖାଲି ଓ ଗୋପାଳପୁର ଫାଇନାଲକୁ ଉନ୍ନତି ହୋଇଥିଲେ। ଫାଇନାଲ ଖେଳରେ ଅସନଖାଲି ୨-୦ ସେଟରେ ଗୋପାଳପୁରକୁ ହରାଇ ଚଳିତ ବର୍ଷ ଚାମ୍ପିଅନ ହୋଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୁଳିଅଣା(ବି) ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବାଣୀଶ୍ରୀ ଦାସ, ସମ୍ମାନିତ ଅତିଥି ଭାବେ ବଡସାହି ଓଷ୍ଠା ସଂଘ ସଭାପତି ହରିଶ୍ଚନ୍ଦ୍ର ଦାସ, ସାମ୍ବାଦିକ ଅଜିତ ସେନାପତି ଓ ଦେଉଳିଆ ସମିତି ସଭ୍ୟ ନିହାର ମହାପାତ୍ର ପ୍ରମୁଖ ଯୋଗ ଦେଇ ଫିତାକାଟି ଉଦଘାଟନ କରିଥିଲେ। ମୁଖ୍ୟ ପରିଚାଳକ ଗତିକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଅଶ୍ୱନୀ ରାଉତ, ଆଶୁତୋଷ ସେନାପତି, ଦିଲ୍ଲୀପ ସେନାପତି, ରାକେଶ ସେନାପତି, ଅଭିଜିତ ସେନାପତି, ଭବାନୀ ମହାନ୍ତି, ତପନ ଦ୍ୱିବେଦୀ ଓ ହୃଦାନନ୍ଦ ଦାଶ ପ୍ରମୁଖ ସହଯୋଗ କରିଛନ୍ତି। ଖେଳ ଶିକ୍ଷକ ନଳିନୀ ସେନାପତି ଓ ଉଷାନାଥ ମହାଳିକ ଖେଳ ପରିଚାଳନା କରିଛନ୍ତି।




ଆନନ୍ଦପୁର: ଜାତୀୟ କନ୍ୟା ଦିବସରେ ବାଲ୍ୟବିବାହ ନିରାକରଣର ସଚେତନତା ବାର୍ତ୍ତାର ପ୍ରଚାରପ୍ରସାର ନେଇ ଆନନ୍ଦପୁର ତାଲୁକ୍ ଆଇନସେବା କମିଟି ଆନୁକୂଲ୍ୟରେ ସାଇକଲ ଶୋଭାଯାତ୍ରା

# ଟ୍ରାକ୍ଟର ଧକ୍କାରେ ଜଣେ ମୃତ, ୧ ଗୁରୁତର

ଆନନ୍ଦପୁର, ୨୭।୧ (ସମିସ): ସ୍ଥାନୀୟ ବାଂଖିଡ଼ି ନିକଟରେ ଟ୍ରାକ୍ଟର ଧକ୍କାରେ ମହୁଲଡିହା ଥାନା ଲୁଣଖାଇ ଗାଁର ଯୋଗେନ୍ଦ୍ର ଦେଓଗନଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଆନନ୍ଦପୁର ଥାନା ବୀରବଲ୍ଲ ଗାଁର ଯଦୁ ହୋଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଭୟେ ମଙ୍ଗଳବାର ସକାଳୁ ଭୋଗପୁର ଯାଇଥିଲେ। ମିସ୍ତ୍ରି କାମ କରି ଫେରିବା ବାଟରେ ବାଙ୍କିଡିର ତରଡ଼ିଆ ନାଳରେ ଟ୍ରାକ୍ଟର ସହ ଧକ୍କା ହୋଇଥିଲା।

# ମେଧାବୃତ୍ତି ପରୀକ୍ଷାରେ ସାଇ ବିଦ୍ୟାମନ୍ଦିରର ସଫଳତା





ବାରିପଦା, ୨୭ ।୧(ସମିସ): ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ମୟୂରଭଞ୍ଜର ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟାମନ୍ଦିର ଓଡିଶା ସରକାରଙ୍କ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ୨୦୨୩-୨୪ ଶିକ୍ଷା ବର୍ଷରେ ଷଷ୍ଠ ଶ୍ରେଣୀରେ ଅପୂର୍ବ ସଫଳତା ହାସଲ କରିଛି। ରାଜକୁମାର ମହାନ୍ତି, ତନ୍ମୟ ପାଢୀ, ଅଙ୍କିତା ଗିରି ବାରିପଦା ବ୍ଲକ୍ ସ୍ତରରେ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ଏଥିନିମନ୍ତେ ବିଦ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ରାଉତ, ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ମହାପ୍ରବନ୍ଧକ ଦେବାଶିଷ ମୁଦୁଲି, ପ୍ରଧାନଶିକ୍ଷକ ଆଶିଷ ହୋତା, ସିଇଓ ଚିତ୍ତରଞ୍ଜନ ରାଉତ କୃତି ଛାତ୍ରଛାତ୍ରୀଙ୍କୁ ଫୁଲତୋଡା ଓ ସ୍ମାରକ ପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରି ସେମାନଙ୍କ ସଫଳତା ପାଇଁ ସାଧୁବାଦ ପ୍ରଦାନ କରିଥିଲେ। ଶିକ୍ଷାର ଗୁଣବତ୍ତା, ମାନ ଓ ପରିଧି ହେଉଛି ମୌଳିକ ଗୁଣାତ୍ମକ ଶିକ୍ଷା। ଏହା ମାନବ ସଭ୍ୟତାର କେନ୍ଦ୍ରବିନ୍ଦୁ। ଏହାଦ୍ୱାରା ଛାତ୍ର ଛାତ୍ରୀଙ୍କର ମହାନୁଭବ ପ୍ରକଟିତ ହେବା ସହିତ ଭବିଷ୍ୟତ ନିର୍ମାଣର ପଥ ସୁଗମ ହୁଏ। ଅଧୁନା ସାଇ ବିଦ୍ୟା ମନ୍ଦିର ଏଥିରେ ପୂର୍ଣ୍ଣ ଗୁରୁତ୍ୱ ପ୍ରଦାନ କରି ତୃଣମୂଳ ସ୍ତରରୁ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ମାଧ୍ୟମିକ, ଉଚ୍ଚମାଧ୍ୟମିକ ପରୀକ୍ଷା ହେଉ କିମ୍ବା ପ୍ରତିଯୋଗିତାମୂଳକ ପରୀକ୍ଷା, ସବୁଥିରେ ଏହି ଶିକ୍ଷାନୁଷ୍ଠାନ ଅପୂର୍ବ ସଫଳତା ହାସଲ କରିଆସୁଛି। ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ରାଉତ ଏହାର ଶ୍ରେୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନୁଷ୍ଠାନ ପ୍ରତି ଆସ୍ଥା ପ୍ରକଟ କରି ଆସୁଥିବା ଅଭିଭାବକଙ୍କୁ ପ୍ରଦାନ କରିଛନ୍ତି।

# ତ୍ରିଶକ୍ତି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଠାକୁରମୁଣ୍ଡା/ମହୁଲଡିହା,୨୭।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝରଠାରେ ତ୍ରିଶକ୍ତି ଯୁବ କ୍ଲବ ପକ୍ଷରୁ ଆୟୋଜିତ ଆନ୍ତଃରାଜ୍ୟ ୧୯ ତମ ତ୍ରିଶକ୍ତି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଶିମିଳିପାଳର ପାଦଦେଶରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ରାଜସ୍ଥାନରୁ ବିଭିନ୍ନ ଟିମ୍ ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ଉତ୍ସବରେ ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବନପାଳ ଅଲିଭା ଦୀପାଳୀ, ବନରକ୍ଷୀ ମନୋଜ ବେହେରା, ସାବିନା ବେହେରା ଓ ଭାରତୀୟ ସେନାର ଯବାନ ହୃଷିକେଶ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ମ୍ୟାଚ୍‌ରେ ମୟୂରଭଞ୍ଜର ରୁଦ୍ର ଇଲେଭେନ୍ ଓ କେନ୍ଦୁଝର ର ଶାଳବଣି ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ପୁରୀର ଭିଣ୍ଡ ସ୍ପୋର୍ଟିଂ ଓ ଭୁବନେଶ୍ୱରର କମାଣ୍ଡୋ ଇଲେଭେନ୍ ମଧ୍ୟରେ ଅନୁଷ୍ଠିତ ହୋଇଛି। ପ୍ରଥମ ଦଳ ଭାବେ ଭୁବନେଶ୍ୱରର କମାଣ୍ଡୋ ଇଲେଭେନ୍ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି।

● ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୪ଟି ଅଭିଯୋଗର ତ୍ୱରିତ ସମାଧାନ

ଉଦଳା, ୨୭।୧(ସମିସ): ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ହେମକାନ୍ତ ସଏ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ଯୋଗ ଦେଇ ୮୯ଟି ଅଭିଯୋଗର ଶୁଣାଣି କରିଛନ୍ତି। ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମୀନକେତନ ମହାନ୍ତି, ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ, ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ପଞ୍ଜିକୃତ ଅଭିଯୋଗ ମଧ୍ୟରୁ ୭୩ଟି ବ୍ୟକ୍ତିଗତ ଓ ୧୬ଟି ସାମୂହିକ ସମସ୍ୟା ସମ୍ବଳିତ ଥିଲା। ସେଥିରୁ ୧୪ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇଥିଲା। ଏଥିସହ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୩ ଜଣଙ୍କୁ ୮୫ ହଜାର, ଜୀବନ ଜୀବିକା ନିମନ୍ତେ ରେଡକ୍ରସ ପାଣ୍ଠିରୁ ଜଣକୁ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଡେପୁଟି କଲେକ୍ଟର ପ୍ରତୀକ ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ଶାଙ୍ଗାଇ ହେମ୍ବ୍ରମ, ରମେଶ ପୃଷ୍ଟି, କବିତା ଖିଲାର, ସତ୍ୟପ୍ରକାଶ ପାତ୍ର, ସାଇସ୍ୱରୂପ କର, ରାଉତରାୟ ମୁର୍ମୁ, ପାର୍ବତୀ କିସ୍କୁ, ପ୍ରୀତମ ମହାନ୍ତି, ହିମାଂଶୁ ଶଙ୍ଖୁଆ, ଅନୁଭବ ରାଉତ, ତାପସ ପ୍ରଧାନ, ତପୁ ପାତ୍ର, ଭବାନୀ ପଣ୍ଡା, କୈଳାସ ଦନୈକ, ଅଜିତ ମହାପାତ୍ର, ତରୁଣକାନ୍ତି ମହାପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇ ପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଜେକେମସ୍ତ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରଯାତ୍ରାକୁ ଯାତ୍ରା କରିପାରନ୍ତି। ପ୍ରଭୁ ମହାଦେବଙ୍କ ଆରାଧନା କରନ୍ତୁ।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିପାରେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ସୃଜନଶୀଳତା ବୃଦ୍ଧି ପାଇବ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପଢ଼ି ପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ କରନ୍ତୁନି। ପାରିବାରିକ ସମସ୍ୟା ସମାଧାନ ହେବ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୮୬୫- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ ରାୟଙ୍କ ଜନ୍ମ।
- ୧୯୩୨- ସଂଘାଇ ଉପରେ ଜାପାନୀ ସେନାର ଆକ୍ରମଣ।
- ୧୯୪୮-ଆକାଶବାଣୀ କଟକ କେନ୍ଦ୍ର ସ୍ଥାପନା।
- ୧୯୬୫- ବ୍ରିଟିଶ୍ ଟେଲିଭିଜନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରଥମ କାର୍ଯ୍ୟକ୍ରମ।



## ମହିଳାଙ୍କ ଅଜବ ସଉକ
# ନାକରେ ଖାଦ୍ୟଗ୍ରହଣ

ଅନେକେ ସେମାନଙ୍କ ନିଆରା ଖାଦ୍ୟରୁଚି ପାଇଁ ଚର୍ଚ୍ଚାରେ ଆଥାନ୍ତି। ଏହି କ୍ରମରେ ଆମେରିକାର ଭର୍ଜିନିଆ ବାସିନ୍ଦା କ୍ୟାଥରିନ୍ ପାଟି ବଦଳରେ ନାକରେ ଖାଦ୍ୟ ଗ୍ରହଣ କରନ୍ତି। ସେ ପାଟିରେ ଖାଦ୍ୟକୁ ଚୋବାଇ ଖାଇବା ପରିବର୍ତ୍ତେ, ତାକୁ ବ୍ଲେଣ୍ଡ କରି ନାକ ସାହାଯ୍ୟରେ ଶରୀରକୁ ନେଇଥାନ୍ତି। ଆମେରିକୀୟ ଟିଭି ଚ୍ୟାନେଲ୍ 'ମାଇ ଷ୍ଟ୍ରେଞ୍ଜ ଆଡିକ୍ସନ'ରେ କ୍ୟାଥରିନ୍ଙ୍କ ଏଭଳି ଅଭ୍ୟାସ କଥା ସାମ୍ନାକୁ ଆସିଛି। ଏହି ଶୋ'ରେ କ୍ୟାଥରିନ୍ କହିଥିଲେ, "ପ୍ରଥମେ ତାଙ୍କ ଖାଦ୍ୟ ଖାଇବା ପ୍ରକ୍ରିୟା ସାଧାରଣ ଥିଲା। କମ୍ୟୁନିଟି କଲେଜରେ ପଢ଼ିବା ପରେ ତାଙ୍କର ଏହି ଅଭ୍ୟାସ ହୋଇଯାଇଥିଲା। ଥରେ ସେ ସାଙ୍ଗମାନଙ୍କ ସହ ଚ୍ୟାଲେଞ୍ଜ କରି ଫଳରସକୁ ନାକରେ ନେବାକୁ ଚେଷ୍ଟା କରିଥିଲେ। ଏଥିରେ ତାଙ୍କର ମୁଣ୍ଡ ହାଲୁକା ବୁଲାଇବା ସହ ଏକ ନିଆରା ଅନୁଭୂତି ମିଳିଥିଲା। ଏହା ପରଠୁ ସେ ଏହି ପ୍ରକ୍ରିୟାକୁ ସବୁଦିନ ପାଇଁ ଆପଣାଇବାକୁ ଇଚ୍ଛା କରିଥିଲେ। ସେ ବିଗତ ପାଞ୍ଚବର୍ଷ ହେଲାଣି ନାକ ମାଧ୍ୟମରେ ଖାଦ୍ୟ ଖାଇ ଆସୁଛନ୍ତି। ଆମଲେଟ୍, ପାଳଙ୍ଗ, ଛତୁ ଆଦିକୁ କାଟି ଦେଇ ତରଳ ମିଶ୍ରଣ ଭାବେ ନାକ ବାଟେ ସେବନ କରନ୍ତି। ଏପରିକି କଫି ମଧ୍ୟ ସେ ନାକବାଟେ ସେବନ କରନ୍ତି।" କ୍ୟାଥରିନ୍ଙ୍କ କହିବାନୁସାରେ, ତାଙ୍କୁ ସାଧାରଣ ଖାଦ୍ୟ ଖାଇବା ପ୍ରକ୍ରିୟା ଅସହଜ ମନେ ହୋଇଥାଏ। ନାକରେ ଖାଦ୍ୟ ଗ୍ରହଣ କରିବା ତାଙ୍କୁ ବେଶ୍ ସହଜ ମନେ ହୋଇଥାଏ। ଏଭଳି ଅଭ୍ୟାସ ଦ୍ୱାରା ତାଙ୍କର ଗଳାରେ ଖାଦ୍ୟ ଅଟକିବା ସମସ୍ୟା ମଧ୍ୟ ନ ଥାଏ। ଅବଶ୍ୟ ତାଙ୍କର ଏହି ଅଭ୍ୟାସ ଯୋଗୁ ପରିବାର ଲୋକ କିମ୍ବା ସାଙ୍ଗସାଥୀ ଅଦ୍ଭୁତ ଅନୁଭବ କରିଥାନ୍ତି। ସେହିପରି ତାଙ୍କର ଏହି ଅଭ୍ୟାସ ତାଙ୍କ ବ୍ୟକ୍ତିଗତ ସମ୍ପର୍କ ଉପରେ ମଧ୍ୟ ପ୍ରଭାବ ପକାଉଛି ବୋଲି କ୍ୟାଥରିନ୍ କୁହନ୍ତି। ତାଙ୍କ ସାଥୀ ଜଷ୍ଟିନ୍ କ୍ୟାଥରିନ୍ଙ୍କୁ ଏଭଳି ଖାଦ୍ୟ ଖାଉଥିବାର ଦେଖି ବେଶ୍ ଅସହଜ ମନେ କରନ୍ତି। ଡାକ୍ତର ମଧ୍ୟ କ୍ୟାଥରିନ୍ଙ୍କୁ ନାକରେ ଖାଦ୍ୟ ନେବା ଦ୍ୱାରା ହେଉଥିବା ସମସ୍ୟା ବାବଦରେ ମଧ୍ୟ ଅବଗତ କରାଇଛନ୍ତି। ଡାକ୍ତରଙ୍କ କହିବାନୁସାରେ, ତରଳ କିମ୍ବା ଗ୍ରାଇଣ୍ଡ ହୋଇଥିବା ଖାଦ୍ୟ ମଧ୍ୟ ଶ୍ୱାସନଳୀରେ ଅଟକି ଯାଇ ଏଥିରେ ମୃତ୍ୟୁ ହେବା ଆଶଙ୍କା ଥାଏ। ରାଗ ଜିନିଷ ନାକ ଏବଂ ଗଳାର ପତଳା ଝିଲ୍ଲୀର ପୋଡ଼ାଜଳା ଏବଂ ରକ୍ତସ୍ରାବର କାରଣ ଥାଏ। ସେହିପରି ତରଳ ଖାଦ୍ୟ ଫୁସ୍ଫୁସ୍ରେ ପହଞ୍ଚି ସଂକ୍ରମଣ କରିବା ସହ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଉପୁଯାଇବା ଆଶଙ୍କା ଥାଏ।

# ରାଣୀଙ୍କ ପ୍ରଶଂସାରେ ଅନୁଷ୍କା





ବଲିଉଡ୍ ଅଭିନେତ୍ରୀ ରାନୀ ମୁଖାର୍ଜୀ ଏବେ ତାଙ୍କ ଆଗାମୀ ଫିଲ୍ମ 'ମର୍ଦ୍ଦାନୀ ୩'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ନିକଟରେ ଏହାର ଟ୍ରେଲର୍ ରିଲିଜ୍ ହୋଇଛି। ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏହାର ଟ୍ରେଲର୍କୁ ଅନେକ ସେଲିବ୍ରିଟି ମଧ୍ୟ ପ୍ରଶଂସା କରିଛନ୍ତି। ଅଭିନେତ୍ରୀ ଅନୁଷ୍କା ଶର୍ମା ଫିଲ୍ମର ଟ୍ରେଲର୍କୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ଲେଖିଛନ୍ତି- "ରାନୀ ଶୁଭେଚ୍ଛା ଆପଣଙ୍କୁ। ଆପଣଙ୍କ କାମକୁ ମୁଁ ସବୁବେଳେ ପ୍ରଶଂସା କରିଛି। ଆପଣ ଆଗକୁ ଯାହା କରିଛନ୍ତି ତାକୁ ଦେଖିବାକୁ ମୁଁ ଉତ୍ସାହିତ ଅଛି।" 'ମର୍ଦ୍ଦାନୀ ୩' ଜରିଆରେ ରାନୀ ପୁଣିଥରେ ପୁଲିସ୍ ଅଫିସର ଶିବାନୀ ଶିବାଜୀ ରୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମରେ ଚାଇଲ୍ଡ ଟ୍ରାଫିକିଂ ଗ୍ୟାଙ୍ଗ ବିରୋଧୀ ମିଶନରେ ଶିବାନୀଙ୍କୁ ଦର୍ଶକେ ଦେଖିବାକୁ ପାଇବେ। 'ମର୍ଦ୍ଦାନୀ' ସିରିଜ୍ର ପୂର୍ବ ଦୁଇଟି ଫିଲ୍ମକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। 'ମର୍ଦ୍ଦାନୀ ୨' ରିଲିଜ୍ ହେବାର ସାତ ବର୍ଷ ପରେ ଏହାର ତୃତୀୟ ଫିଲ୍ମ ରିଲିଜ୍ ହେବ। ଏହାର ପ୍ରଯୋଜନା ଦାୟିତ୍ୱରେ ଆଦିତ୍ୟ ଚୋପ୍ରାଙ୍କ ଯଶରାଜ ବ୍ୟାନର୍ ରହିଛି। ଅଭିରାଜ ମୀନାୱାଲା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଆସନ୍ତା ୩୦ ତାରିଖରେ ଏହା ପରଦାକୁ ଆସିବ। ଏହାର ବଜେଟ୍ ରହିଛି ୭୫ କୋଟି।

# ୨୫ ଲକ୍ଷର ବିବାହ କାର୍ଡ

ଆଜିକାଲିର ଯୁବକଯୁବତୀମାନେ ନିଜ ବିବାହକୁ ସ୍ୱତନ୍ତ୍ର ଏବଂ ସ୍ମରଣୀୟ କରିବା ପାଇଁ ବେଶ୍ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରୁଛନ୍ତି। ଏହି କ୍ରମରେ ରାଜସ୍ଥାନ ଜୟପୁରର ବ୍ୟବସାୟୀ ଶିବ ଜୋହରି ତାଙ୍କ ଝିଅର ବାହାଘର ପାଇଁ ଏକ ଦାମୀ ନିମନ୍ତ୍ରଣ କାର୍ଡ ଛାପି ଚର୍ଚ୍ଚାରେ ଅଛନ୍ତି। ଝିଅକୁ ପାରମ୍ପରିକ ଭାବେ ବିଦା ଦେବା ବଦଳରେ ଏହାକୁ ସେ ବିଶ୍ୱାସ, ପରମ୍ପରା ଏବଂ ଭାବନାର ଉତ୍ସବରେ ପରିଣତ କରିବାକୁ ନିଷ୍ପତ୍ତି ନେଇ ଶୁଦ୍ଧ ରୂପାର ଏକ ବକ୍ସ ଆକାରର ବିବାହ ନିମନ୍ତ୍ରଣ କାର୍ଡ ତିଆରି କରିଛନ୍ତି। ଏହି କାର୍ଡର ଓଜନ ପାଖାପାଖି ତିନି କେଜି ହୋଇଥିବାବେଳେ ଏହାର ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସମ୍ପୂର୍ଣ୍ଣ ରୂପାରେ ନିର୍ମିତ ଏହି ବିବାହ ନିମନ୍ତ୍ରଣ କାର୍ଡର ଆକାର ୮x୬.୫ ଇଞ୍ଚ ଏବଂ ୩ ଇଞ୍ଚ ଗଭୀର। କାର୍ଡରେ ୬୫ ଦେବଦେବୀଙ୍କ ଚିତ୍ର ଅଙ୍କା ଯାଇଛି। କାର୍ଡର ସବୁଠୁ



ଉପରେ ଶ୍ରୀଗଣେଶ, ଗୋଟିଏ ପାର୍ଶ୍ୱରେ ଦେବୀ ପାର୍ବତୀ ଏବଂ ଅନ୍ୟପାର୍ଶ୍ୱରେ ଭଗବାନ ଶିବ ବିରାଜିତ। ତାଙ୍କ ତଳକୁ ଦେବୀ ଲକ୍ଷ୍ମୀ ଏବଂ ବିଷ୍ଣୁ, ତିରୁପତି ବାଲାଜିଙ୍କ ଦୁଇଟି ରୂପ ଏବଂ ତାଙ୍କ ଦ୍ୱାରପାଳ ରହିଛନ୍ତି। ଦୀପ ସାଙ୍ଗକୁ ଶଙ୍ଖ ଢୋଲ ବଜାଉଥିବା ଅନ୍ୟ ଦେବଦେବୀଙ୍କ ଚିତ୍ର ମଧ୍ୟ ଅଙ୍କିତ ହୋଇଛି। କାର୍ଡ ମଝିରେ ବରକନିଆ ଶ୍ରୁତି ଜୋହରି ଏବଂ ହର୍ଷ ସୋନିଙ୍କ ନାଁ କାବ୍ୟିକ ଶୈଳୀରେ ଲେଖାଯାଇଛି। ଏହି କାର୍ଡର ସ୍ୱତନ୍ତ୍ରତା ହେଉଛି, ଭଗବାନ କୃଷ୍ଣଙ୍କ ଜନ୍ମଠୁ ନେଇ ବାଲ୍ୟଜୀବନ ବେଶ୍ ନିଆରା ଶୈଳୀରେ ଚିତ୍ରିତ କରାଯାଇଛି। କାର୍ଡଧାରରେ ଭଗବାନ ବିଷ୍ଣୁଙ୍କ ଦଶ ଅବତାରକୁ ଦର୍ଶାଯାଇଛି। ରୂପାର ୧୨୮ ଖଣ୍ଡକୁ ଯୋଡ଼ି ଏହି କାର୍ଡ ତିଆରି କରାଯାଇଛି। ଏହାକୁ ପ୍ରସ୍ତୁତ କରିବାକୁ ତାଙ୍କୁ ପାଖାପାଖି ଏକ ବର୍ଷ ଲାଗିଯାଇଥିଲା। ଏହି କାର୍ଡଟିକୁ ସେ ଝିଅର ଭାବି ଶାଶୂଙ୍କୁ ଦେଇଛନ୍ତି। ତେବେ ସାମାଜିକ ଗଣମାଧ୍ୟମରେ ଏହି ବିବାହ ନିମନ୍ତ୍ରଣ କାର୍ଡକୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଛି।

# ଦକ୍ଷତା ବୃଦ୍ଧି ପାଇଁ ସଂକ୍ଷିପ୍ତ ପାଠ୍ୟକ୍ରମ

**ଆଜିକାଲି ଯୁବକଯୁବତୀମାନେ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର କୋର୍ସ କରୁଥିବାର ଦେଖିବାକୁ ମିଳୁଛି। ତେବେ ସେମାନେ ସ୍ୱଳ୍ପ ସମୟ ମଧ୍ୟରେ କିଛି ସଂକ୍ଷିପ୍ତ କୋର୍ସ କରି ନିଜର ଦକ୍ଷତା ବୃଦ୍ଧି କରିପାରିବେ।**



**ଲାଙ୍ଗୁଏଜ୍ କୋର୍ସ:** କୌଣସି ନୂଆ ଭାଷା ଶିଖିବା ଦ୍ୱାରା ଦକ୍ଷତା ବୃଦ୍ଧି ପାଏ। ଇଂରାଜୀରେ ଦୁର୍ବଳ ଥିଲେ ସ୍ପୋକନ ଇଂଲିଶ୍ କୋର୍ସ କରିପାରିବେ। ଏହାବାଦ୍ ଅନ୍ୟ ଭାଷାର କୋର୍ସ ମଧ୍ୟ କରିପାରିବେ।

**ଭଏସ୍ ମଡ୍ୟୁଲେସନ୍:** ଆର୍‌ଜେ କିମ୍ବା ଡବିଂରେ କ୍ୟାରିୟର କରିବାକୁ ଚାହୁଁଥିଲେ, ଏ ପ୍ରକାର କୋର୍ସ କରିବା ଭଲ। ଏହି କୋର୍ସ କରିବା ଦ୍ୱାରା ରେଡିଓ, ଫିଲ୍ମ, ଷ୍ଟୁଡିଓ ଆଦିରେ କାମ କରିବାର ସୁଯୋଗ ମିଳେ।

**ଫେଶନ ଡିଜାଇନିଂ:** ଯଦିଓ ଏ ଲାଗି ଡିପ୍ଲୋମା କୋର୍ସ କରିବାର ଆବଶ୍ୟକତା ଅଛି, ଜଣେ ଚାହିଁଲେ ଏଥିରେ ତିନିମାସର ଏକ ଛୋଟ କୋର୍ସ ମଧ୍ୟ କରିପାରିବେ।

**ଗ୍ରାଫିକ୍ ଡିଜାଇନିଂ:** ଏବେ ଗ୍ରାଫିକ୍ ଡିଜାଇନର୍‌ଙ୍କ ଚାହିଦା ଅଧିକ। ଏଣୁ ଗ୍ରାଫିକ୍ ଡିଜାଇନିଂ କୋର୍ସ କରି ଉତ୍ତମ କ୍ୟାରିୟର ଗଢ଼ିପାରିବେ।

**ସ୍କ୍ରିପ୍ଟ ରାଇଟିଂ:** ଲେଖାଲେଖିରେ ରୁଚି ଥିଲେ, ସ୍କ୍ରିପ୍ଟ ରାଇଟିଂର କୋର୍ସ କରିପାରିବେ। ଏହାଦ୍ୱାରା ସୃଜନଶୀଳତା ବୃଦ୍ଧି ପାଏ।

**ଫଟୋଗ୍ରାଫି:** ସେହିପରି ଫଟୋ ତଥା ଭିଡିଓ ଗ୍ରାଫିରେ ସଉକ ଥିଲେ, ଏହି କୋର୍ସରେ ନିଜକୁ ସାମିଲ କରନ୍ତୁ।




# କୋଚିଂ କ୍ଲାସ୍ ପ୍ରତି ବଢ଼ୁଛି ଆଗ୍ରହ

**ବର୍ତ୍ତମାନ କୋଚିଂ କ୍ଲାସ୍‌ରେ ପଢ଼ିବାକୁ ପିଲାମାନେ ବେଶି ଆଗ୍ରହ ପ୍ରକାଶ କରୁଛନ୍ତି। କୋଚିଂ କ୍ଲାସ୍ କେତେ ଗୁରୁତ୍ୱପୂର୍ଣ୍ଣ ଓ ଏହା ପ୍ରତି କାହିଁକି ଆଗ୍ରହ ବଢ଼ୁଛି, ନିମ୍ନ ପ୍ରଦତ୍ତ ଟିପ୍ସରୁ ଜାଣନ୍ତୁ।**



- କୋଚିଂ କ୍ଲାସ୍‌ରେ ପିଲାଙ୍କୁ ପଢ଼ାଇବା ପାଇଁ ଶିକ୍ଷକଶିକ୍ଷୟିତ୍ରୀମାନେ ନୂଆ ତଥା ମଜାଦାର ତରିକା ଖୋଜନ୍ତି। ଯେଉଁଥିପାଇଁ ଛାତ୍ରଛାତ୍ରୀ କୋଚିଂ କ୍ଲାସ୍ ଯିବାକୁ ଆଗ୍ରହ ପ୍ରକାଶ କରନ୍ତି।
- ପରୀକ୍ଷା ପୂର୍ବରୁ ଅନେକ ରିଭିଜନ କ୍ଲାସ୍ କରାଯାଏ। ଯଦ୍ୱାରା ପିଲାଙ୍କୁ ପରୀକ୍ଷାରେ ଭଲ ମାର୍କ ରଖିବାରେ ସାହାଯ୍ୟ କରେ।
- କୋଚିଂ କ୍ଲାସ୍‌ରୁ ଅତିରିକ୍ତ ନୋଟ୍ ମିଳିଥାଏ।
- ସ୍କୁଲ ତୁଳନାରେ କୋଚିଂ କ୍ଲାସରେ ପିଲାଙ୍କ ଉପରେ ଅଧିକ ଧ୍ୟାନ ଦିଆଯାଏ।
- ଏଠାରେ ଏକାଧିକ ପିଲା ପଢ଼ୁଥିବାରୁ ଅନ୍ୟମାନଙ୍କ ତୁଳନାରେ ପିଲାଟି କେଉଁ ବିଷୟରେ ଦୁର୍ବଳ ଅଛି ତାହା ଜାଣିପାରି ସେଥିରେ ସୁଧାର ଆଣେ।

# ହ୍ୱାଟ୍ସଆପ୍‌ର ନୂଆ ଫିଚର୍

ହ୍ୱାଟ୍ସଆପ୍ ଗ୍ରୁପ୍ ଚାଟ୍‌କୁ ଅଧିକ ଉପଯୋଗୀ କରିବା ଲାଗି ଏକ ନୂଆ ଫିଚର୍ ଉପରେ ପରୀକ୍ଷା କରୁଛି। ଏହାର ନାଁ 'ରିସେଣ୍ଟ ହିଷ୍ଟ୍ରି ସେୟାରିଂ'। ଏହାଦ୍ୱାରା ଗ୍ରୁପ୍‌ରେ ଥିବା ସଦସ୍ୟ ନୂଆ ସଦସ୍ୟଙ୍କ ସହିତ ପୁରୁଣା ଚାଟ୍‌ର ଅଂଶକୁ ସେୟାର୍ କରିପାରିବେ। ଏହା ମାଧ୍ୟମରେ ୧୪ ଦିନ ମଧ୍ୟରେ ପଠାଯାଇଥିବା ୧୦୦ଟି ମେସେଜକୁ ବ୍ୟବହାରକାରୀ ସେୟାର୍ କରିପାରିବେ। ଏହି ମେସେଜ ଅଲଗା ରଙ୍ଗରେ ପ୍ରତିଫଳିତ ହେବ। ଫଳରେ ନୂଆ ଓ ପୁରୁଣା ମେସେଜ ସହଜରେ ଜଣାପଡ଼ିବ। ସେହିପରି ଏହି ଫିଚର ନୂଆ ସଦସ୍ୟଙ୍କୁ ଗ୍ରୁପ୍‌ର ଉଦ୍ଦେଶ୍ୟ ଏବଂ ପୁରୁଣା କଥାର ସନ୍ଦର୍ଭକୁ ବୁଝାଇବାରେ ସାହାଯ୍ୟ କରିବ। ଅନ୍ୟପଟେ ଉକ୍ତ ଫିଚର୍ ସମ୍ପୂର୍ଣ୍ଣ ଭାବେ ଅଟୋମେଟିକ୍ ହେବ ନାହିଁ, ବରଂ ବ୍ୟବହାରକାରୀଙ୍କ ନିୟନ୍ତ୍ରଣରେ ରହିବ। ସେହିପରି ବର୍ତ୍ତମାନ ଏହି ଫିଚର୍ ଆଇଫୋନ ବ୍ୟବହାରକାରୀଙ୍କ ଲାଗି ଟେଷ୍ଟଫ୍ଲାଇଟ୍ ବିଟା କାର୍ଯ୍ୟକ୍ରମ ମାଧ୍ୟମରେ ଉପଲବ୍ଧ। ଅବଶ୍ୟ ଏହା ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି। ତେଣୁ ସାଧାରଣ ବ୍ୟବହାରକାରୀଙ୍କ ଲାଗି ଏହାକୁ କେବେ ଜାରି କରାଯିବ, ସେ ସମ୍ପର୍କରେ କିଛି କୁହାଯାଇ ନାହିଁ।




# ସହଜ ନୁହେଁ ସଫଳତାର ଯାତ୍ରା



ସମସ୍ତେ ଜୀବନରେ ସଫଳତାର ସହ ନିରନ୍ତର ଭାବେ ଆଗକୁ ବଢ଼ିବାକୁ ଚାହାନ୍ତି। ତେବେ ଏହି ଯାତ୍ରା ସେତେଟା ସହଜ ନୁହେଁ। ସଫଳତା ଓ ବିଫଳତା ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ। ସଫଳତା ପାଇବା ପାଇଁ ବିଫଳ ହେବା ବି ଜରୁରି। ଜୀବନରେ ସେହି ମଣିଷ ସଫଳ ହୁଏ, ଯିଏ ବିଫଳତାକୁ ଭୟ କରି ନ ଥାଏ। ବରଂ ବିଫଳତାକୁ ସାମ୍ନା କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପ୍ରଚେଷ୍ଟା ଜାରି ରଖେ। ବିଫଳତାରେ ନିରାଶ ହେବା ପରିବର୍ତ୍ତେ ନିଜ ଭୁଲ୍‌ରୁ ଶିକ୍ଷା ଲାଭ କରିବା ଉଚିତ। ତା'ସହ ସେହି ବିଫଳତାକୁ ସଫଳତାରେ ପରିଣତ କରିବାକୁ ଚେଷ୍ଟା କରିବା ଦରକାର। ଅବଶ୍ୟ ଏଥିପାଇଁ ଆବଶ୍ୟକ ସକାରାତ୍ମକ ଚିନ୍ତାଧାରା। ସକାରାତ୍ମକ ଚିନ୍ତାଧାରାରୁ ଦିନଚର୍ଯ୍ୟା ଆରମ୍ଭ କରିବା ଆବଶ୍ୟକ। ସେହିପରି ସଫଳ ହେବା ପାଇଁ ନିଜକୁ ଅନ୍ୟ ସହ ତୁଳନା କରିବାରୁ ଦୂରେଇ ରୁହନ୍ତୁ। ଅନ୍ୟସହ ନିଜକୁ ତୁଳନା ନ କରି ନିଜ ଦକ୍ଷତା ଉପରେ ବିଶ୍ୱାସ ରଖନ୍ତୁ। ତା'ସହ ବିଫଳତାକୁ ନେଇ ଯେଉଁମାନେ ତାଚ୍ଛଲ୍ୟ କରନ୍ତି, ସେମାନଙ୍କଠାରୁ ଦୂରେଇ ରୁହନ୍ତୁ। ଅନ୍ୟପଟେ ଜୀବନରେ ସଫଳତା ପାଇବା ପାଇଁ ଜ୍ଞାନୀ, ଗୁଣୀ ଲୋକଙ୍କ ସଂସ୍ପର୍ଶରେ ଆସିବା ସହ ସୁସ୍ଥ ଜୀବନଶୈଳୀ ଉପରେ ଗୁରୁତ୍ୱ ଦିଅନ୍ତୁ।

### ହକି ଇଣ୍ଡିଆ ଲିଗ୍: ଅମନଦୀପ୍ ଶ୍ରେଷ୍ଠ ଖେଳାଳି

# ରୟାଲ୍ସକୁ ହରାଇ 'କଳିଙ୍ଗ'ରେ ଲାନ୍ସର୍ସ ଚାମ୍ପିଅନ୍



ଭୁବନେଶ୍ୱର, ୨୭ ।୧ (ସମିସ): ଦୀର୍ଘ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି । ଘରୋଇ ପରିବେଶରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦ୍ୱିତୀୟଥର ଲାଗି ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍) ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛି । ସାଧାରଣତନ୍ତ୍ର ଦିବସ ଅବସରରେ ସୋମବାର ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଗ୍ରାଣ୍ଡଫାଇନାଲରେ ଘରୋଇ କଳିଙ୍ଗ ଲାନ୍ସର୍ସ ୩-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲା । ଆଲେକ୍ସଜାଣ୍ଡର ହେଣ୍ଡ୍ରିକ୍ସ ଡବଲ୍ ଗୋଲ୍‌ସ୍କୋର କରି ଦଳର ବିଜୟରେ ନାୟକ ସାଜିଥିଲେ । କଳିଙ୍ଗ ଲାନ୍ସର୍ସ ଏଥିପୂର୍ବରୁ ୨୦୧୭ ସଂସ୍କରଣରେ ପ୍ରଥମଥର ଏହି ସମ୍ମାନଜନକ ଫ୍ରାଞ୍ଚାଇଜଭିତ୍ତିକ ହକି ଟୁର୍ଣ୍ଣାମେଣ୍ଟରେ ଟାଇଟଲ୍ ଜିତିଥିଲା । ସେହିଭଳି ଗତ ସଂସ୍କରଣରେ ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା ।

ସାଧାରଣତନ୍ତ୍ର ଦିବସରେ ଘରୋଇ ପରିବେଶରେ କଳିଙ୍ଗ ଲାନ୍ସର୍ସ ଫାଇନାଲ ଖେଳୁଥିବା କଳିଙ୍ଗ ଷ୍ଟାଡିୟମ ପୁରା ଖଚାଖଚ୍ ଭିଡ ରହିଥିଲା । ଘରୋଇ ଦର୍ଶକଙ୍କୁ ନିରାଶ ନ କରି ବେଲ୍‌ଜିୟମ ତାରକା ହେଣ୍ଡ୍ରିକ୍ସ ୪ର୍ଥ ମିନିଟ୍‌ରେ ଲାନ୍ସର୍ସର ଦେଇ ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇଥିଲା ଘରୋଇ କଳିଙ୍ଗ ଲାନ୍ସର୍ସ । ୨୫ତମ ମିନିଟ୍‌ରେ ମିଳିଥିବା ଏକ ପେନାଲ୍ଟି କର୍ଣ୍ଣରକୁ କୌଣସି ତ୍ରୁଟି ନ କରି ଦିଲପ୍ରୀତ୍ ସିଂହ କଳିଙ୍ଗର ଅଗ୍ରଣୀକୁ ୨-୧କୁ ବୃଦ୍ଧି କରିଥିଲେ । ୪ର୍ଥ କ୍ୱାର୍ଟର ଆହୁରି ରୋମାଞ୍ଚ ରହିଥିଲା । ଅଗ୍ରଣୀ ରହିଥିବା ଲାନ୍ସର୍ସ ପ୍ରତିପକ୍ଷ ରାଞ୍ଚିକୁ ଗୋଲ ଶୁଝାଇବାକୁ କୌଣସି ସୁଯୋଗ ଦେଇ ନ ଥିଲା । ସଭାପତି ଦିଲୀପ ତିର୍କୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ ।

ଗୋଲ୍‌ଖାତା ଖୋଲିଥିଲେ । ଲାନ୍ସର୍ସକୁ ମିଳିଥିବା ପେନାଲ୍ଟି କର୍ଣ୍ଣର (ପିସି)ର ଭରପୁର ଫାଇଦା ଉଠାଇ ହେଣ୍ଡ୍ରିକ୍ସ ବଲ୍‌କୁ ରାଞ୍ଚି ରୟାଲ୍ସର ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ । ତେବେ କଳିଙ୍ଗର ଏହି ଖୁସି ବେଶି ସମୟ ରହି ନ ଥିଲା । ମାତ୍ର ୫ ମିନିଟ୍ ପରେ ଅରଜିତ୍ ସିଂହ ହୁଣ୍ଡାଲଙ୍କ ଦମ୍‌ଦାର ଫିଲ୍ଡ ଗୋଲ୍ ବଳରେ ରାଞ୍ଚି ମ୍ୟାଚକୁ ୧-୧'ର ବରାବର୍‌ସ୍ତରକୁ ଆଣିଥିଲା । ପ୍ରଥମ କ୍ୱାର୍ଟରରେ ଏହି ସ୍ଥିତି ବଳବତ୍ତର ରହିଥିଲା । କିନ୍ତୁ ଲାନ୍ସର୍ସ ଦ୍ୱିତୀୟ କ୍ୱାର୍ଟରରେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଖେଳିଥିଲା । ଦୁଇ ମିନିଟ୍ ବ୍ୟବଧାନରେ ୨ଟି ଗୋଲ୍ ଏହାର ଗୋଟିଏ ମିନିଟ୍ ପରେ କଳିଙ୍ଗକୁ ଆଉ ଏକ ପିସି ମିଳିଥିଲା । ଏଥର ପୁଣିଥରେ ହେଣ୍ଡ୍ରିକ୍ସ ତାଙ୍କ ଷ୍ଟିକ୍‌ର ଯାଦୁ ଦେଖାଇ ବଲ୍‌କୁ ପ୍ରତିପକ୍ଷ ନେଟ୍ସ ମଧ୍ୟକୁ ପଠାଇ ଦେଇଥିଲେ । ଫଳରେ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା କଳିଙ୍ଗ ଲାନ୍ସର୍ସ ୩-୧ ଗୋଲ୍‌ରେ ଆଗୁଆ ରହି ରାଞ୍ଚିକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା ।

## ■ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଲ୍

ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ରାଞ୍ଚି ମ୍ୟାଚକୁ ଫେରିବାକୁ ଆପ୍ରାଣ ଉଦ୍ୟମ କରିଥିଲା । କିନ୍ତୁ ଲାନ୍ସର୍ସର ଡିଫେଣ୍ଡର ରାଞ୍ଚିର କୌଣସି ପ୍ରୟାସକୁ ସଫଳ ହେବାକୁ ଦେଇ ନ ଥିଲେ । ଫଳରେ ଏହି କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା । ଅନ୍ତିମ ତଥା ତେବେ ମ୍ୟାଚ ଶେଷ ହେବାକୁ ଗୋଟିଏ ମିନିଟ୍ ବାକି ରହିଥିବାବେଳେ ରାଞ୍ଚିର ତାରକା ଖେଳାଳି ଟମ୍ ବୁନ ଗୋଟିଏ ଗୋଲ୍ ଶୁଝାଇ ଦେଇଥିଲେ । ଫଳରେ ମ୍ୟାଚ ୩-୨ ସ୍ଥିତିକୁ ଆସିଯାଇଥିଲା । ଟମ୍‌ଙ୍କ ଏହି ଗୋଲ୍ କିନ୍ତୁ ଫଳାଫଳ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା । ଶେଷରେ କଳିଙ୍ଗ ଲାନ୍ସର୍ସ ୩-୨ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା । ଘରୋଇ ପରିବେଶରେ ଟାଇଟଲ୍ ଜିତିବା ପରେ ଲାନ୍ସର୍ସର ଖେଳାଳିଙ୍କ ସମେତ ଦର୍ଶକ ବିଜୟ ଉତ୍ସବ ମନାଇ ପରିବେଶକୁ ଆହୁରି ରୋମାଞ୍ଚକ କରିଦେଇଥିଲେ ।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ହକି ଇଣ୍ଡିଆ

### ତୁଫାନ୍ସକୁ କାଂସ୍ୟ ପଦକ

ଅପରପକ୍ଷରେ ୩ୟ ଓ ୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ହାଇଦରାବାଦ୍ ତୁଫାନ୍ସ ବାଜିମାତ୍ କରିନେଇଛି । ସୋମବାର ଅପରାହ୍ନରେ ଅନୁଷ୍ଠିତ ଏହି କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ତୁଫାନ୍ସ ୪-୩ ଗୋଲରେ ଏଚ୍ଆଇଏଲ୍ ଗଭର୍ଣ୍ଣିଂ କାଉନସିଲ (ଜିସି) ଦଳକୁ ପରାସ୍ତ କରିଛି । ତୁଫାନ୍ସର ଓଡ଼ିଆ ଖେଳାଳି ଅମନଦୀପ୍ ଲାକ୍ରା ୨ଟି ଗୋଲ୍ ଦେଇ ଦଳକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

### ପୁରସ୍କାର

ଚାମ୍ପିଅନ: କଳିଙ୍ଗ ଲାନ୍ସର୍ସ- ୩ କୋଟି
ରନର୍ସଅପ୍: ରାଞ୍ଚି ରୟାଲ୍ସ- ୨ କୋଟି
ତୃତୀୟ ସ୍ଥାନ: ହାଇଦରାବାଦ୍- ୧ କୋଟି
ଫେୟାର ପ୍ଲେ ଆୱାର୍ଡ- ଏଚ୍ଆଇଏଲ୍ ଜିସି
ଶ୍ରେଷ୍ଠ ଗୋଲ୍‌କିପର: ପ୍ରିନ୍ସଦୀପ୍ ସିଂହ- ୧୦ ଲକ୍ଷ
ଉଦୀୟମାନ ଖେଳାଳି: ତାଲେମା ପ୍ରିୟବ୍ରତ- ୧୦ ଲକ୍ଷ
ଟପ୍ ସ୍କୋରର: ଟମ୍ ବୁନ (୧୯ ଗୋଲ୍) - ୧୦ ଲକ୍ଷ
ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି: ଅମନଦୀପ୍ ଲାକ୍ରା- ୨୦ ଲକ୍ଷ



ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି: ଅମନଦୀପ୍ ଲାକ୍ରା

## ଜାତୀୟ କ୍ରୀଡ଼ା ପ୍ରଶାସନ ଅଧିନିୟମକୁ ଓଓଏର ସ୍ୱାଗତ

କଟକ,୨୭।୧(ସମିସ): ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ନୂତନ କ୍ରୀଡା ଆଇନ "ଜାତୀୟ କ୍ରୀଡା ପ୍ରଶାସନ ଅଧିନିୟମ-୨୦୨୫' କୁ ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ(ଓଓଏ) ପକ୍ଷରୁ ସ୍ୱାଗତ କରାଯାଇଛି । ଆସୋସିଏସନର ସଭାପତି ସମୀର ମହାନ୍ତି, ସମ୍ପାଦକ ଅଭିଜିତ ପାଲ୍ ଏବଂ ସମସ୍ତ ସଦସ୍ୟ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ଏହା ଅନ୍ତର୍ଜାତୀୟ ଖେଳାଳିମାନଙ୍କୁ ସିଧାସଳଖ କ୍ରୀଡା ପ୍ରଶାସନର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି । ନୂତନ ଅଧିନିୟମ ଅନୁଯାୟୀ, କ୍ରୀଡା ସଙ୍ଗଠନଗୁଡ଼ିକରେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ମୁଖ୍ୟ କର୍ମକର୍ତ୍ତା ଭାବେ ବିବେଚିତ ହେବେ ଏବଂ ଅନ୍ତର୍ଜାତୀୟ ସ୍ତରର ଖେଳାଳିମାନେ ସିଧାସଳଖ ଏହି ପଦବୀ ତଥା କାର୍ଯ୍ୟକାରୀ କମିଟି ପାଇଁ ନିର୍ବାଚନ ଲଢ଼ିପାରିବେ । କାର୍ଯ୍ୟକାରୀ କମିଟିରେ ସଦସ୍ୟ ସଂଖ୍ୟା ସର୍ବାଧିକ ୧୫ ମଧ୍ୟରେ ସୀମିତ ରହିବା ସହ ସେଥିମଧ୍ୟରୁ ୪ ଜଣ ମହିଳା ରହିବା ବାଧ୍ୟତାମୂଳକ କରାଯାଇଛି, ଯାହା କ୍ରୀଡା କ୍ଷେତ୍ରରେ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବ । ଏଥିସହ କମିଟିରେ ଆନ୍ତର୍ଜାତୀୟ ଖେଳାଳି ଓ ଆଥଲେଟିକ୍ସ କମିଟିରୁ ଜଣେ ଲେଖାଏଁ ମହିଳା ଓ ପୁରୁଷ ସଦସ୍ୟ ରହିବେ । ନିୟମ ଅନୁଯାୟୀ, ଜଣେ ବ୍ୟକ୍ତି ସର୍ବାଧିକ ତିନିଥର ପାଇଁ ପଦବୀରେ ରହିପାରିବେ ଏବଂ ପ୍ରାର୍ଥୀଙ୍କ ବୟସ ସୀମା ୭୦ ବର୍ଷ ଧାର୍ଯ୍ୟ କରାଯାଇଛି । ପୁନଃ ନିର୍ବାଚିତ ହେବା ପାଇଁ ଏକ ପୂର୍ଣ୍ଣାଙ୍ଗ କୁଲିଂ-ଅଫ୍ ପିରିୟଡ୍ ବା ବିରତି ରହିବା ଆବଶ୍ୟକ । ସରକାରଙ୍କ ନିର୍ଦ୍ଦେଶନାମା ମୁତାବକ, ସମସ୍ତ ଜାତୀୟ ଓ ରାଜ୍ୟ କ୍ରୀଡା ସଙ୍ଗଠନଗୁଡ଼ିକୁ ୩୦ ଜୁନ୍ ୨୦୨୬ ମଧ୍ୟରେ ସେମାନଙ୍କ ସମ୍ବିଧାନରେ ସଂଶୋଧନ ଆଣିବାକୁ ପଡ଼ିବ । ଯେଉଁ ସଙ୍ଗଠନଗୁଡ଼ିକର ନିର୍ବାଚନ ବାକି ଅଛି ସେମାନେ ଏହି ନୂତନ ଆଇନ ଅନୁଯାୟୀ ସମ୍ବିଧାନ ସଂଶୋଧନ କରି ୩୧ ଡିସେମ୍ବର ସୁଦ୍ଧା ନିର୍ବାଚନ ଶେଷ କରିବେ ।

## ସନ୍ତୋଷ ଟ୍ରଫି: ଓଡ଼ିଶାର ଦ୍ୱିତୀୟ ପରାଜୟ

କଟକ,୨୭।୧(ସମିସ): ୭୯ତମ ଜାତୀୟ ସିନିଅର ପୁରୁଷ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡରେ ଓଡ଼ିଶା ଦ୍ୱିତୀୟ ପରାଜୟର ସମ୍ମୁଖୀନ ହୋଇଛି । ଆସାମରେ ମଙ୍ଗଳବାର ଖେଳାଯାଇଥିବା ତୃତୀୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୦-୧ ଗୋଲରେ କେରଳଠାରୁ ପରାସ୍ତ ହୋଇଛି । ଫରୱାର୍ଡ ଟି ସିଜିନ କେରଳ ନିମନ୍ତେ ଏକମାତ୍ର ଗୋଲ ସ୍କୋର କରିଥିଲେ । ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୦-୧ ଗୋଲରେ ମେଘାଳୟ ଠାରୁ ହାରିବା ପରେ ସର୍ଭିସେସ ବିପକ୍ଷ ଡ୍ର' ରଖିଥିଲା । ୨୯ ତାରିଖରେ ରେଲୱେ ବିପକ୍ଷରେ ଓଡ଼ିଶା ୪ର୍ଥ ଲିଗ ମ୍ୟାଚ୍ ଖେଳିବ ।

### ୧୯ ବର୍ଷରୁ କମ୍ ବିଶ୍ୱକପ୍

## ବିହାନଙ୍କ ଶତକରେ ଭାରତ ବିଜୟୀ

ବୁଲାୱାୟୋ, ୨୭ ।୧ (ଏଜେନ୍ସି): ଜିମ୍ବାୱେ ଓ ନାମିବ୍ୟାରେ ଚାଲିଥିବା ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍‌ରେ ଭାରତ ସୁପର୍-୬ରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି । ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୨୦୪ ରନର ବିଶାଳ ବ୍ୟବଧାନରେ ଘରୋଇ ଜିମ୍ବାୱେକୁ ମାତ୍ ଦେଇଛି । ଫଳରେ ସୁପର-୬'ରେ ଭାରତ ପଏଣ୍ଟ ଖାତା ଖୋଲିଛି । ଭାରତ ପରବର୍ତ୍ତୀ ମ୍ୟାଚରେ ଫେବୃଆରୀ ୧ରେ ପାକିସ୍ତାନକୁ ଭେଟିବ ।



ସ୍ଥାନୀୟ କୁଇନ୍ସ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ଭାରତ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା । ଓପନର୍ ବୈଭବ ସୂର୍ଯ୍ୟବଂଶୀ ଓ ଆରୋନ ଜର୍ଜ ପ୍ରଥମ ୱିକେଟ୍‌ରେ ୨୫ ବଲରୁ ୪୪ ରନ ସଂଗ୍ରହ କରି ଭଲ ପ୍ରାରମ୍ଭ ଦେଇଥିଲେ । ୧୬ ବଲରେ ୨୩ ରନ କରିଥିବାବେଳେ ଆରୋନ ଆଉଟ୍ ହୋଇଥିଲେ । ଏହାପରେ ବୈଭବ ଓ ଅଧିନାୟକ ଆୟୁଷ ମହାତ୍ରେ ଯୋଡ଼ି ଦଳୀୟ ସ୍କୋରକୁ ୧୦୦ ରନରେ ପହଞ୍ଚାଇଥିଲେ । ତେବେ ୨ଟି ବଲ ବ୍ୟବଧାନରେ ଉଭୟଙ୍କୁ ଆଉଟ୍ କରି ବାମହାତୀ ଦ୍ରୁତ ବୋଲର ତାତେନ୍ଦା ଚିମୁଗୋରୋ ଘରୋଇ ଜିମ୍ବାୱେକୁ ଡବଲ୍ ବ୍ରେକ୍ ଥ୍ରୁ ଦେଇଥିଲେ । ମହାତ୍ରେ ୨୧ ଓ ସୂର୍ଯ୍ୟବଂଶୀ ୩୦ ବଲରେ ୫୨ ରନ କରିଥିଲେ । ଏହି ଅର୍ଦ୍ଧଶତକୀୟ ପାଳିରେ ସେ ୪ଟି ଲେଖାଏ ଚୌକା ଓ ଛକା ମାରିଥିଲେ । ଏହାପରେ ବିହାନ ମାଲହୋତ୍ରାଙ୍କ ସହ ୱିକେଟ୍‌କିପର ଅଭିଜ୍ଞାନ କୁଣ୍ଡୁ ଦମ୍‌ଦାର ବ୍ୟାଟିଂ କରିବାରୁ ଭାରତୀୟ ଯୁବ ଦଳ ୫୦ ଓଭରରେ ୮ ୱିକେଟ୍ ହରାଇ ୩୫୨ ରନର ବିଶାଳ ସ୍କୋର ଠିଆ କରାଇଥିଲା । ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା ବାମହାତୀ ବ୍ୟାଟର୍ ମାଲହୋତ୍ରା ୧୦୭ ବଲରୁ ୧୦୯ ରନ କରିଥିଲେ । ସେହିଭଳି କୁଣ୍ଡୁ ୫ଟି ଚୌକା ଓ ଗୋଟିଏ ଛକା ବଳରେ ୬୨ ବଲରୁ ୬୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଜବାବରେ ଏହି ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଜିମ୍ବାୱେ ୩୭.୪ ଓଭରରେ ୧୪୮ ରନରେ ଅଲ୍‌ଆଉଟ୍ ହୋଇଥିଲା । ଭାରତ ପକ୍ଷରୁ ଉଦ୍ଧବ ମୋହନ ଓ ଆୟୁଷ୍ ମହାତ୍ରେ ୩ଟି ଲେଖାଏଁ ଏବଂ ଆରଏସ୍ ଆମ୍ବ୍ରିସଙ୍କୁ ୨ଟି ୱିକେଟ୍ ମିଳିଥିଲା ।

### ● ଚତୁର୍ଥ ଟି-୨୦ ଆଜି

## ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ

ବିଶାଖାପାଟନା, ୨୭ ।୧ (ଏଜେନ୍ସି): ଘରୋଇ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ଟି-୨୦ ସିରିଜର ୪ର୍ଥ ମ୍ୟାଚ ବୁଧବାର ବିଶାଖାପାଟନାରେ ଖେଳାଯିବ । ପୂର୍ବରୁ ପ୍ରଥମ ୩ଟି ମ୍ୟାଚକୁ ଯଥାକ୍ରମେ ୪୮ ରନ, ୭ ୱିକେଟ୍ ଓ ୮ ୱିକେଟରେ ଜିତି ଭାରତ ୩-୦ରେ ଆଗୁଆ ସିରିଜ କବ୍‌ଜା କରିସାରିଛି । ବିଶ୍ୱକପ୍ ପୂର୍ବରୁ ସିରିଜ ବିଜୟୀ ହୋଇସାରିଥିବାରୁ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଖେଳାଳିଙ୍କ ମନୋବଳ ବେଶ୍ ଦୃଢ଼ ରହିଛି । ତେଣୁ ଭାରତ ବିଶ୍ୱକପ୍ ପୂର୍ବରୁ ଏହାର ଶେଷ ଦୁଇଟି ମ୍ୟାଚ୍‌ରେ କମ୍ବିନେସନ ଉପରେ ଗୁରୁତ୍ୱ ଦେବ । ବିଶେଷ କରି ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ବରିଷ୍ଠ ୱିକେଟକିପର ସଞ୍ଜୁ ସାମସନଙ୍କ ଫର୍ମକୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି । ସାମସନ ପ୍ରଥମ ଦୁଇଟି ମ୍ୟାଚରେ ୧୦ ଓ ୬ ରନ କରିଥିବାବେଳେ ଶେଷ ଟି-୨୦ରେ 'ଗୋଲ୍ଡେନ ଡକ୍'ରେ ଆଉଟ୍ ହୋଇଥିଲେ । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ୱିକେଟ୍‌କିପର ଇଶାନ କିଶାନ ୨ୟ ଟି-୨୦ରେ ୩୨ ବଲରେ ୭୬ ରନର ବିସ୍ଫୋରକ ପାଳି ଖେଳି ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଅପରପକ୍ଷରେ ଚଳିତ ସିରିଜରେ ଦୁଇ ଅଭିଜ୍ଞ ସ୍ପିନର କୁଲଦୀପ୍ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ଶ୍ରେଷ୍ଠ ଫର୍ମକୁ ଫେରିବା ଲାଗି ସଂଘର୍ଷ କରୁଛନ୍ତି । ତେଣୁ ଶେଷ ଦୁଇ ମ୍ୟାଚ ଉଭୟଙ୍କ ଲାଗି ବେଶ୍ ଗୁରୁତ୍ୱବହନ କରୁଛି । ସେହିଭଳି ସିରିଜ ବିଜୟୀ ହୋଇସାରିଥିବାରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟିମ୍ ମ୍ୟାନେଜମେଣ୍ଟ ଶେଷ ଦୁଇ ମ୍ୟାଚରେ ବିଶ୍ରାମ ଦେଇପାରନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି । ଅପରପକ୍ଷରେ ମିଚେଲ ସାଣ୍ଟନରଙ୍କ ନେତୃତ୍ୱାଧୀନ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସିରିଜ ହାରିସାରିଛି । କିନ୍ତୁ ଶେଷ ଦୁଇ ମ୍ୟାଚରେ ବିଜୟୀ ହୋଇ ଦଳ ମନୋବଳ ଦୃଢ଼ ମନୋବଳ ସହ ବିଶ୍ୱକପ୍ ଖେଳିବାକୁ ଲକ୍ଷ୍ୟ ରଖିଛି । ତେବେ ପ୍ରଥମ ୩ଟି ମ୍ୟାଚରେ କିୱି ଦଳର ବୋଲିଂ ବିଭାଗ ଫେଲ୍ ମାରିବା ଦଳ ପାଇଁ ଚିନ୍ତାର କାରଣ ପାଲଟିଛି ।

**ମ୍ୟାଚ୍ ଆରମ୍ଭ: ରାତି ୭ଟା**
**ସ୍ଥାନ: ବିଶାଖାପାଟନା**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ/ ଜିଓ ହଟଷ୍ଟାର**

### ମହିଳା ପ୍ରିମିଅର ଲିଗ୍

## ବ୍ରଣ୍ଟଙ୍କ ଶତକରେ ମୁମ୍ବାଇର ବାଜିମାତ୍

ଭଦୋଦରା, ୨୭ ।୧ (ଏଜେନ୍ସି): ଇଂଲଣ୍ଡର ଅଭିଜ୍ଞ ଖେଳାଳି ନାଟାଲୀ ସ୍କିଭର-ବ୍ରଣ୍ଟଙ୍କ ଦମଦାର ଶତକ ବଳରେ ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ମୁମ୍ବାଇ ଇଣ୍ଡିଆନ୍ସ ୩ୟ ବିଜୟ ହାସଲ କରିଛି । ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ ମୁମ୍ବାଇ ୧୫ ରନରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ପରାସ୍ତ କରିଛି । ଫଳରେ କ୍ରମାଗତ ୫ଟି ମ୍ୟାଚ୍ ଜିତିଥିବା ଆର୍‌ସିବି ଲଗାତର ୨ଟି ମ୍ୟାଚ ହାରିଯାଇଛି । ଏହାସତ୍ତ୍ୱେ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଆରସିବି ୭ ମ୍ୟାଚରୁ ୧୦ ପଏଣ୍ଟ ପାଇ ଟେବଲ୍ ଶୀର୍ଷରେ ଦୃଢ଼ ସ୍ଥିତିରେ ରହିଛି । ସପ୍ତମ ମ୍ୟାଚରୁ ୩ୟ ବିଜୟ ହାସଲ କରିଥିବା ମୁମ୍ବାଇ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନକୁ ଉଠିଛି ।




କୋଟାମ୍ବି ଷ୍ଟାଡିୟମରେ ଖେଳାଯାଇଥିବା ଲିଗର ଏହି ୧୬ତମ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ୩ୟ ଓଭରରେ ଓପନର୍ ସଞ୍ଜୀବନ ସଜନା (୭ ରନ)ଙ୍କ ୱିକେଟ୍ ହରାଇଥିଲା । ତେବେ ଅନ୍ୟତମ ଓପନର୍ ଆଲିସେ ହେଲୀଙ୍କ ସହ ମିଶି ନାଟାଲୀ ସ୍କିଭର-ବ୍ରଣ୍ଟ ଦ୍ୱିତୀୟ ୱିକେଟ୍‌ରେ ସ୍ଥିତି ସମ୍ଭାଳିଥିଲେ । ଦ୍ୱିତୀୟ ୱିକେଟ ଭାଗୀଦାରିରେ ମାଥ୍ୟୁସ ଓ ବ୍ରଣ୍ଟ ଯୋଡ଼ି ୭୩ ବଲକୁ ୧୩୧ ରନ ଉଠାଇ ଦଳକୁ ଏକ ବିଶାଳ ସ୍କୋର ଅଭିମୁଖେ ଅଗ୍ରସର କରାଇଥିଲେ । ତେବେ ମାଥ୍ୟୁସ (୩୯ ବଲରେ ୫୬ ରନ)ଙ୍କୁ ଆଉଟ୍ କରି ଲୌରାନ ବେଲ୍ ଏହି ଯୋଡ଼ି ଭାଙ୍ଗିଥିଲେ । ତେବେ ବ୍ରଣ୍ଟ ବିସ୍ଫୋରକ ବ୍ୟାଟିଂ ଜାରି ରଖି ଡବ୍ଲ୍ୟୁପିଏଲ୍ ଇତିହାସରେ ତାଙ୍କର ପ୍ରଥମ ଶତକୀୟ ପାଳି ଖେଳିଥିଲେ । ବ୍ରଣ୍ଟ ୫୭ ବଲରେ ୧୦୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ । ଏହି ପାଳିରେ ସେ ୧୬ ଚୌକା ଓ ଗୋଟିଏ ଛକା ମାରିଥିଲେ । ଫଳରେ ମୁମ୍ବାଇ ୨୦ ଓଭରରେ ୪ ୱିକେଟ୍‌ରେ ୧୯୯ ରନର ବିଶାଳ ସ୍କୋର କରିଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ହରମନପ୍ରୀତ୍ କୌର ୨୦, ଅମନଜୋତ୍ କୌର ୪ ଓ ଆମେଲିଆର କେର ୧ ରନ କରିଥିଲେ । ଜବାବରେ ୱିକେଟ୍‌କିପର ରିଚା ଘୋଷଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ଆରସିବି ୯ ୱିକେଟ୍‌ରେ ୧୮୪ ରନ କରିବାକୁ ସମର୍ଥ ହୋଇଥିଲା । ରିଚା ୬ଟି ଛକା ଓ ୧୦ଟି ଚୌକା ସହାୟତାରେ ୫୦ ବଲରେ ୯୦ ରନ କରିଥିଲେ । ବୋଲିଂରେ ମାଥ୍ୟୁସ ୩ଟି ଏବଂ କେର୍ ଓ ସବନିମ ଇସମାଇଲ ୨ଟି ଲେଖାଏ ୱିକେଟ୍ ନେଇଥିଲେ । ବ୍ରଣ୍ଟଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ ।

### ଅଷ୍ଟ୍ରେଲିଆନ ଓପନ୍

## ପ୍ରଥମଥର ପାଇଁ ସେମିରେ ଆଲ୍‌କାରାଜ

ମେଲବୋର୍ଣ୍ଣ, ୨୭ ।୧ (ଏଜେନ୍ସି): ଟପ୍ ସିଡ୍ କାର୍ଲୋସ ଆଲ୍‌କାରାଜ ଓ ଆରିନା ସାବାଲେଙ୍କା ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି । ମଙ୍ଗଳବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ଲଢ଼େଇରେ ସ୍ପାନିଶ ତାରକା ଆଲ୍‌କାରାଜ ୭-୫, ୬-୨, ୬-୧ ସେଟ୍‌ରେ ଘରୋଇ ଅଷ୍ଟ୍ରେଲିଆର ୬ଷ୍ଠ ସିଡ୍ ଆଲେକ୍ସ ଡି ମିନାଉରନଙ୍କୁ ପରାସ୍ତ କରିଥିଲେ । ଛଅଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ବିଜୟୀ ହୋଇଥିବା ୨୨ ବର୍ଷୀୟ ଆଲ୍‌କାରାଜ ଏଥିସହ କ୍ୟାରିୟରରେ ପ୍ରଥମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଫଳରେ ଅନ୍ୟ ୩ଟି ଗ୍ରାଣ୍ଡସ୍ଲାମ ଜିତି ସାରିଥିବା ଆଲ୍‌କାରାଜଙ୍କ ନିକଟରେ ପ୍ରଥମ ଅଷ୍ଟ୍ରେଲିଆନ୍ ଓପନ ଟ୍ରଫି ଜିତିବାର ସୁଯୋଗ ସୃଷ୍ଟି ହୋଇଛି । ସେମିଫାଇନାଲରେ ତାଙ୍କର ମୁକାବିଲା ଗତ ସଂସ୍କରଣର ଉପବିଜେତା ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କ ସହ ହେବ । ତୃତୀୟ ସିଡ୍ ଜ୍ୱେରେଭ ଅନ୍ୟ ଏକ କ୍ୱାର୍ଟରରେ ୬-୩, ୬-୭ (୫), ୬-୧, ୭-୬ (୩) ସେଟରେ ଆମେରିକାର ଲିର୍ନର ତିଏନଙ୍କୁ ପରାସ୍ତ କରିଥିଲେ ।





**୩ୟ ଟାଇଟଲ୍ ଅଭିମୁଖେ ସାବାଲେଙ୍କା; ଗଫ୍ ନିରାଶ**

ଅପରପକ୍ଷରେ ମହିଳା ବିଭାଗରେ ବେଲାରୁଷ ତାରକା ଆରିନା ସାବାଲେଙ୍କା ୩ୟ ଅଷ୍ଟ୍ରେଲିଆନ ଓପନ୍ ଜିତିବା ଅଭିମୁଖେ ଅଗ୍ରସର ହୋଇଛନ୍ତି । ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସାବାଲେଙ୍କା ୬-୩, ୬-୦ ସିଧାସଳଖ ସେଟ୍‌ରେ ୨୯ତମ ସିଡ୍ ଇଭା ଜୋଭିକଙ୍କୁ ହରାଇ ସେମିରେ ପହଞ୍ଚିଛନ୍ତି । ସେମିଫାଇନାଲରେ ସାବାଲେଙ୍କାଙ୍କ ମୁକାବିଲା ୧୨ତମ ସିଡ୍ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କ ସହ ହେବ । ଅନ୍ୟ ଏକ କ୍ୱାର୍ଟରରେ ଏଲିନା ୬-୧, ୬-୨ ସେଟ୍‌ରେ ୩ୟ ସିଡ୍ କୋକୋ ଗଫ୍‌ଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS